


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୧୯ ● ୧୬ ଫେବୃଆରୀ ୨୦୨୬, ସୋମବାର ● ଭୁବନେଶ୍ୱର ● Vol -33 ● Issue-19 ● 16th February 2026, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27







# ସ୍ୱଚ୍ଛ ସାଧାରଣ ବଣ୍ଟନ ବ୍ୟବସ୍ଥାର ଶୁଭାରମ୍ଭ କଲେ ଅମିତ ଶାହ

**ନୂଆଦିଲ୍ଲୀ, ୧୫ା୨**

କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ରବିବାର ଗୁଜରାଟର ଗାନ୍ଧୀନଗରଠାରେ ସେଣ୍ଟ୍ରାଲ ବ୍ୟାଙ୍କ ଡିଜିଟାଲ ମୁଦ୍ରା (ସିବିଡିସି) ଉପରେ ଆଧାରିତ ଏକ ସ୍ୱଚ୍ଛ, ଆଧୁନିକ ଏବଂ ସରଳ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ)ର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏବଂ ଅନ୍ୟ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



କେନ୍ଦ୍ର ଗୃହମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଡିଜିଟାଲ ଇଣ୍ଡିଆ ଏବେ ଖାଦ୍ୟ ଏବଂ ଯୋଗାଣ ବ୍ୟବସ୍ଥା ପର୍ଯ୍ୟନ୍ତ ସମ୍ପ୍ରସାରିତ ହେଉଛି। ସେ କହିଥିଲେ, ପ୍ରଧାନମନ୍ତ୍ରୀ ମୋଦୀ ଦେଶର ସମ୍ବଳ ଉପରେ ପ୍ରଥମ ଅଧିକାର ଗରିବ, ଦଳିତ, ପଛୁଆ ବର୍ଗ ଏବଂ ଆଦିବାସୀ ସମ୍ପ୍ରଦାୟକୁ ଦେଇଛନ୍ତି। ପୂର୍ବରୁ ଭାରତରେ ୬୦ କୋଟି ଲୋକ ଥିଲେ, ଯେଉଁମାନଙ୍କ ସମଗ୍ର ପରିବାରର ଗୋଟିଏ ବି ବ୍ୟାଙ୍କ ଆକାଉଣ୍ଟ ନଥିଲା, କିନ୍ତୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ବିଶ୍ୱର ଅଧା ଡିଜିଟାଲ କାରବାର ଏବେ ଭାରତରେ ହେଉଛି। ସେହି ଡିଜିଟାଲ ଇଣ୍ଡିଆ ଏବେ ଦେଶର ଗରିବ ଲୋକଙ୍କୁ ସୁଲଭ ମୂଲ୍ୟରେ ଖାଦ୍ୟଶସ୍ୟ ଯୋଗାଇବା କ୍ଷେତ୍ରରେ ପ୍ରବେଶ କରୁଛି। ଶ୍ରୀ ଶାହ କହିଥିଲେ ଯେ, ଏହି ବ୍ୟବସ୍ଥା ଗରିବ ଲୋକଙ୍କୁ ରାସନ ଯୋଗାଇଦେବା ବ୍ୟବସ୍ଥାରୁ ଦୁର୍ନୀତିକୁ ସମ୍ପୂର୍ଣ୍ଣ ରୂପେ ଦୂର କରିବ।

ଶ୍ରୀ ଶାହ କହିଛନ୍ତି ଯେ ସାରା ଦେଶରେ ଯୋଗାଯୋଗ ସମ୍ପ୍ରସାରଣ ସହିତ, ବର୍ତ୍ତମାନ ଗରିବମାନେ ସିଧାସଳଖ ଡିଜିଟାଲ୍ ମାଧ୍ୟମରେ ଖାଦ୍ୟ ଶସ୍ୟ ପାଇବା ସୁନିଶ୍ଚିତ କରିବା ପାଇଁ ବ୍ୟବସ୍ଥା କରାଯିବ। ସେ ମନ୍ତବ୍ୟ ଦେଇଛନ୍ତି ଯେ ଯେପରି ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ଦେଶରେ ଠକେଇ ଏବଂ ଜାଲିଆତିକୁ ସମାପ୍ତ କରିଛି, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରଣାଳୟର ଏହି ପଦକ୍ଷେପ ଆଗାମୀ *(ପୃଷ୍ଠା ୭ରେ)*

# ନିର୍ଦ୍ଧାରିତ ସମୟ ପୂର୍ବରୁ ଉଠିଲା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଦୀପ

**ଭୁବନେଶ୍ୱର, ୧୫ା୨**

**ନ୍ୟୁଜ୍ ବ୍ୟୁରୋ**

ବହୁ ପ୍ରତୀକ୍ଷାର ଅନ୍ତ ଘଟିଛି। ଏକାମ୍ର କ୍ଷେତ୍ରର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଦୀପ ଉଠିଛି। ମହାଦୀପ ଉଠିବା ପାଇଁ ପୂର୍ବରୁ ରାତି ୧୦ଟା ରଖାଯାଇଥିଲା। କିନ୍ତୁ ସମସ୍ତ ନୀତିକାନ୍ତି ଶୀଘ୍ର ସମାପନ କରାଯାଇଥିବାରୁ ଏହା ରାତି ୮ଟା ୩୮ ମିନିଟରେ ଉଠିଛି। ନିର୍ଦ୍ଧାରିତ ସମୟ ପୂର୍ବରୁ ମହାଦୀପ ଉଠିଥିବାରୁ ଶ୍ରଦ୍ଧାଳୁଙ୍କ ମନରେ ଉତ୍ସାହ ଦେଖାଯାଇଛି। ମହାଦୀପ ଉଠିଲା ପରେ ଭକ୍ତମାନେ ବ୍ରତ ଭାଙ୍ଗିଛନ୍ତି।

ଶ୍ରୀଲିଙ୍ଗରାଜ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିଛି ଏବଂ ଏହି ଦିବ୍ୟଦୃଶ୍ୟକୁ ଅବଲୋକନ କରିବାକୁ ଭକ୍ତମାନେ ଭାବ ଓ ଆବେଗର ସହ ଅପେକ୍ଷା କରିଥିଲେ। ଶିବ ପଞ୍ଚାକ୍ଷରୀରେ ଏକାମ୍ରକ୍ଷେତ୍ର କମ୍ପି ଉଠିଛି। ଏଥି ସହିତ ବ୍ରତଧାରୀମାନେ ବ୍ରତ *(ପୃଷ୍ଠା ୭ରେ)*



# ହେରିଟେଜ୍ ହ୍ରଦ ହେବ ବିନ୍ଦୁ ସାଗର



**ଭୁବନେଶ୍ୱର, ୧୫ା୨**

**ନ୍ୟୁଜ୍ ବ୍ୟୁରୋ**

ବିନ୍ଦୁ ସାଗର ପୁଷ୍କରିଣୀକୁ ହେରିଟେଜ୍ ହ୍ରଦରେ ପରିଣତ କରାଯିବ। ଏ ନେଇ ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ମନ୍ତ୍ରୀ କହିଛନ୍ତି ୨୦୨୬-୨୭ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସରିବ ଏକାମ୍ର ହେରିଟେଜ୍ ପ୍ରକଳ୍ପ। ନୂଆ କରି ଏକ ଇଣ୍ଟରପ୍ରିଟେସନ୍ ସେଣ୍ଟର କରାଯିବାର ପ୍ରସ୍ତାବ ରହିଛି। ପାର୍କିଂ ଶେଷରେ ଶ୍ରୀଲିଙ୍ଗରାଜଙ୍କ ଏକ ବିରାଟ ପ୍ରତିମୂର୍ତ୍ତି ନିର୍ମାଣ କରାଯିବ। ବିନ୍ଦୁ ସାଗରକୁ ଏକ ସୁନ୍ଦର *(ପୃଷ୍ଠା ୭ରେ)*

# ମର୍ଣ୍ଣିଂୱାକ୍ ବେଳେ ଟଳିପଡ଼ିଲେ ଦଶମ ଶ୍ରେଣୀ ଛାତ୍ର

**ଖଲ୍ଲିକୋଟ, ୧୫ା୨**

**ନ୍ୟୁଜ୍ ବ୍ୟୁରୋ**

ମର୍ଣ୍ଣିଂୱାକ୍ ବେଳେ ଟଳିପଡ଼ିଲେ ଦଶମ ଶ୍ରେଣୀ ଛାତ୍ର । ମୃତକ ହେଲେ ଖଲ୍ଲିକୋଟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଦଶମ ଶ୍ରେଣୀ ଛାତ୍ର ମିହିର ପ୍ରଧାନ । ସେ ଶିକ୍ଷାକେନ୍ଦ୍ରର ହଷ୍ଟେଲରେ ରହି ପଢୁଥିବା ବେଳେ ଆଉ କିଛି ଦିନ ପରେ ପରୀକ୍ଷା ଦେଇଥାନ୍ତେ । ହେଲେ ବିଧିର ବିଧାନ ଥିଲା ଅଲଗା। ସ୍ଥାନୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ହଷ୍ଟେଲରେ ରହି ପଢୁଥିବା ଛାତ୍ରୀଛାତ୍ରମାନେ ପ୍ରତି ଛୁଟି ଦିନ ମାନଙ୍କରେ ସକାଳୁ ମର୍ଣ୍ଣିଂୱାକ୍ ପାଇଁ ଯାଆନ୍ତି । ରବିବାର ମଧ୍ୟ ଯାଇ ଫେରୁଥିବା ବେଳେ ହଠାତ ମିହିର ତଳେ ପଡି ଯାଇଥିଲେ । ସାଙ୍ଗରେ ଯାଇଥିବା ଶିକ୍ଷକ ଅନେକ ଥର ଡାକିବା *(ପୃଷ୍ଠା ୭ରେ)*

## ୪ ଲକ୍ଷର ସହାୟତା ଘୋଷଣା

**ଭୁବନେଶ୍ୱର, ୧୫ା୨ : ନ୍ୟୁଜ୍ ବ୍ୟୁରୋ**

ଖଲ୍ଲିକୋଟର ଛାତ୍ର ମିହିର ପ୍ରଧାନ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିଛନ୍ତି। ସିଏମଆରଏଫ୍‌ରୁ ୪ ଲକ୍ଷର ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି।

# ପାକିସ୍ତାନକୁ ୬୧ ରନରେ ହରାଇ ସୁପର-୮ରେ ଭାରତ

**କଲୋମ୍ବୋ, ୧୫ା୨**

ଲାଗୁଥିଲା ହାଇଭୋଲଟେଜ୍ ମୁକାବିଲା ରୋମାଞ୍ଚକର ହେବ। କ୍ରିକେଟ୍ ପ୍ରେମୀଙ୍କୁ ଏକ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ମୁକାବିଲା ଦେଖିବାକୁ ମିଳିବ। ହେଲେ ମ୍ୟାଚ୍‌କୁ ଏକତରଫା ଭାବେ ଜିତି ନେଇଛି ଭାରତ। ବିଜୟ ସହ ଭାରତ ଟି-୨୦ ବିଶ୍ୱକପ୍ ୨୦୨୬ର ସୁପର-୮ରେ ପ୍ରବେଶ କରିଛି। ପ୍ରେମଦାସା



ଷ୍ଟାଡିୟମରେ ଖେଳା ଯାଇଥିବା ମହାମୁକାବିଲାରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଶୋଚନୀୟ ଭାବେ ୬୧ ରନରେ ହରାଇଛି। ଭାରତ ବିଜୟରେ ମୁଖ୍ୟ ବିନ୍ଧାଣି ସାଜିଛନ୍ତି ଇଶାନ କିଶନ ଓ ଭାରତୀୟ ବୋଲର। ଇଶାନ କିଶନଙ୍କ ୭୭ ରନ ଏବଂ ବାକି ବ୍ୟାଟରଙ୍କ ଛୋଟ ଛୋଟ ଯୋଗଦାନ ବଳରେ *(ପୃଷ୍ଠା ୭ରେ)*

# ଆରପାରିରେ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକ



**କଟକ, ୧୫ା୨**

**ନ୍ୟୁଜ୍ ବ୍ୟୁରୋ**

ଜଣାଶୁଣା କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କ ପରଲୋକ ଘଟିଛି । ହୃଦଘାତରେ ଆଖି ବୁଜିଛନ୍ତି । ସଂନ୍ଧ୍ୟା ୬ଟା ୧୮ମି. ସମୟରେ ତାଙ୍କର ବିୟୋଗ ଘଟିଥିବା ସୂଚନା ମିଳିଛି । ସୋମବାର ସତି ସଉରାରେ ହେବ ଅନ୍ତିମ ସଂସ୍କାର । ସୂଚନା ଥାଉକି, ମସ୍ତିଷ୍କାଘାତ ଯୋଗୁଁ ଗୁରୁତର ଅସୁସ୍ଥ ହୋଇ ଭେଣ୍ଟିଲେଟର୍ *(ପୃଷ୍ଠା ୭ରେ)*

# ଏଆଇ ସମ୍ମିଳନୀ ପାଇଁ ଭାରତ ହିଁ ଉପଯୁକ୍ତ ସ୍ଥାନ : ଗୁଟେରସ୍

**ନୂଆଦିଲ୍ଲୀ, ୧୫ା୨**

ସୋମବାରଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେବ ଆନ୍ତର୍ଜାତିକ ଏଆଇ ସମ୍ମିଳନୀ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଦେଶବିଦେଶରୁ ସୂଚନାପ୍ରଯୁକ୍ତି ବିଶେଷଜ୍ଞଙ୍କ ନୂଆଦିଲ୍ଲୀ ଆଗମନ ଜାରି ରହିଥିବା ବେଳେ ସାରା ବିଶ୍ୱର ନଜର ଏବେ ଭାରତ ଉପରେ ରହିଛି। ତେବେ ଏଭଳି ସ୍ଥିତିରେ ଭାରତକୁ ପ୍ରଶଂସା କରିବା ସହିତ ଏହା ଏଆଇ ସମ୍ମିଳନୀ ଆୟୋଜନ କରିବା ପାଇଁ ଉପଯୁକ୍ତ ସ୍ଥାନ ବୋଲି କହିଛନ୍ତି ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରସ୍। ଭାରତ ବିଶ୍ୱରେ ଏକ ପ୍ରଭାବଶାଳୀ ଓ ସଫଳ ଅର୍ଥନୀତି ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଥିବା ସେ କହିଛନ୍ତି।

ଏଥିପାଇଁ ସେ ଭାରତବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଆଜିର ଯୁଗରେ କୃତିମ ବୁଦ୍ଧିମତା ବା ଏଆଇ ବିକଶିତ ରାଷ୍ଟ୍ରଠାରୁ ଆରମ୍ଭ କରି ସ୍ୱଳ୍ପ ବିକଶିତ ରାଷ୍ଟ୍ର ପର୍ଯ୍ୟନ୍ତ ସବୁଠାରେ ଅତି ଉପଯୋଗୀ। ଏହି ଦୃଷ୍ଟିରୁ ନୂଆଦିଲ୍ଲୀରେ ହେବାକୁ ଥିବା ଏହି ସମ୍ମିଳନୀ ଏଆଇ କ୍ଷେତ୍ରରେ ନୂଆ ସମ୍ଭାବନାର ଦିଗ ଆବିଷ୍କାର କରିବ ଓ ମାନବ ଜାତିର ସର୍ବାଧିକ ମଙ୍ଗଳ ଦିଗରେ ଏଆଇ ବିନିଯୋଗ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ ଚଳିତ ମାସ ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି ସମ୍ମିଳନୀ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। 'ପିପୁଲ୍, *(ପୃଷ୍ଠା ୭ରେ)*

## ସୁନା ଦର


| | |
|---|---|
| ୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୫,୭୭୫ (+୦) |
| ୨. ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୪,୪୬୦ (+୦) |
| ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୧,୮୩୧ (+୦) |

## ରୁପା ଦର

ରୂପା – ପ୍ରତି ଗ୍ରାମ୍ ୨୮୦ (+୦)




# ଆସୁଛି ଚଳିତ ବର୍ଷର ପ୍ରଥମ ସୂର୍ଯ୍ୟପରାଗ



**ଭୁବନେଶ୍ୱର, ୧୫ା୨ : ନ୍ୟୁଜ୍ ବ୍ୟୁରୋ**

ଚଳିତ ବର୍ଷ ଦୁଇଟି ସୂର୍ଯ୍ୟପରାଗ ଏବଂ ଦୁଇଟି ଚନ୍ଦ୍ରଗ୍ରହଣ ଦେଖାଯିବ । ବର୍ଷର ପ୍ରଥମ ସୂର୍ଯ୍ୟ ପରାଗ ମଙ୍ଗଳବାର ଫେବୃଆରୀ ୧୭ରେ ଘଟିବାକୁ ଯାଉଛି। ଏହା ଏକ ବଳୟକାର ସୂର୍ଯ୍ୟ ପରାଗ ହେବ । ଏହି ପରାଗରେ ଚନ୍ଦ୍ର ସୂର୍ଯ୍ୟକୁ ସମ୍ପୂର୍ଣ୍ଣ ଭାବରେ ଆଚ୍ଛାଦିତ କରେ ନାହିଁ; ବରଂ ସୂର୍ଯ୍ୟର ଧାର ଏକ ବଳୟ ପରି ଦେଖାଯାଏ । ଏହି ଦିନଟି ଫାଲଗୁନ ମାସର ଅମାବାସ୍ୟା ମଧ୍ୟ ପଡ଼ିବ ।

ବର୍ଷର ପ୍ରଥମ ସୂର୍ଯ୍ୟ ପରାଗ ୧୭ ଫେବୃଆରୀ ୨୦୨୬ ଦିନ ଅପରାହ୍ନ ୩.୨୬ରେ ଆରମ୍ଭ ହେବ ଏବଂ ସନ୍ଧ୍ୟା ୭.୫୭ରେ ଶେଷ ହେବ । ଏହାର ମୋଟ ଅବଧି ପ୍ରାୟ ୪ ଘଣ୍ଟା ୩୨ ମିନିଟ୍ ରହିବ । ତଥାପି ଏହି ଗ୍ରହଣ ଭାରତରେ ଦୃଶ୍ୟମାନ ହେବ ନାହିଁ । ଫାଲଗୁନ ଅମାବାସ୍ୟା ଫେବୃଆରୀ ୧୬, ୨୦୨୬ରେ ସନ୍ଧ୍ୟା ୫.୩୪ରେ ଆରମ୍ଭ ହେବ ଏବଂ ଫେବୃଆରୀ ୧୭ରେ ସନ୍ଧ୍ୟା ୫ଟାରେ ଶେଷ ହେବ । ଫେବୃଆରୀ ୧୭ରେ ଅମାବାସ୍ୟା ପଡ଼ିବ । ଏହାର ଅର୍ଥ ହେଉଛି ଅମାବାସ୍ୟା ଏବଂ ସୂର୍ଯ୍ୟଗ୍ରହଣ ଗୋଟିଏ ଦିନରେ ହେବ ।

ଧାର୍ମିକ ବିଶ୍ୱାସ ଅନୁସାରେ, ସୂତ କାଳ କେବଳ ସେତେବେଳେ ହୁଏ ଯେତେବେଳେ ଭାରତରେ ଏକ ପରାଗ ବା ଗ୍ରହଣ ଦୃଶ୍ୟମାନ ହୁଏ । ଯେହେତୁ ଏହି ସୂର୍ଯ୍ୟ ପରାଗ ଭାରତରେ ଦୃଶ୍ୟମାନ ହେବ ନାହିଁ, ତେଣୁ ସୂତ କାଳ ବୈଧ ହେବନାହିଁ । ଏହାର ଅର୍ଥ ହେଉଛି ଫାଲଗୁନ *(ପୃଷ୍ଠା ୭ରେ)*

# ଜୁଆର ମାଡ଼କୁ ସହି ପାରୁନାହିଁ ଜିଓ ସିନ୍ଥେଟିକ ଟ୍ୟୁବୱାଲ : ଖସୁଛି ପଥର ପ୍ୟାକିଂ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**



କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଗୋବିନ୍ଦପୁର, ଡିମିରିପାଳ, ପେଟପଡ଼ା, ସଂସିଧା, ଏରଡ଼ଙ୍ଗ, ଦେସାହି, ପାଳମୀ, କେତୁଆପାଳ ପଞ୍ଚାୟତକୁ କାଣୀ, ଖରସ୍ରୋତା, ବ୍ରାହ୍ମଣୀ ନଦୀ ଘେରି ରହିଛି। ବାଲକାଟି, କୋଳଡ଼ିହ ଓ ମହୁ ଗ୍ରାମକୁ ଖରସ୍ରୋତା ଗିଳି ଚାଲିଛି। ଚୂନବନ୍ଧଠାରୁ ସାନଆଙ୍କୋ, ପତ୍ରପୁରଠାରୁ ଗୋପାଳପୁର, ଟୁଙ୍ଗାଠାରୁ ବଉଳଯୋଡ଼ି ନଦୀବନ୍ଧ ପଥରପ୍ୟାକିଂ ହୋଇଥିଲେ ମଧ ଶୋଚନୀୟ ଅବସ୍ଥାରେ ଅଛି। କେବଳ ଆଳି ବ୍ଲକରେ ଏହି ନଦୀବନ୍ଧ ସମସ୍ୟା ଦେଖାଯାଇନାହିଁ। ଜିଲ୍ଲାର ୭ ନଦୀ ଓ ୨୭ ଶାଖା କେନାଲ ବନ୍ଧର ଦୁରବସ୍ଥା ସ୍ଥାନୀୟ ଗ୍ରାମବାସୀଙ୍କୁ ଆତଙ୍କିତ କରିଥିବା ବେଳେ ବନ୍ୟା ଚାଷ ନଷ୍ଟ କରୁଛି। ନଦୀ ବନ୍ୟାଜଳ ପ୍ରତିବର୍ଷ ଜିଲ୍ଲାର ଉପାନ୍ତ ଅଞ୍ଚଳରେ ଥିବା ୫୫ ପଞ୍ଚାୟତବାସୀଙ୍କ ଜୀବନଯାତ୍ରାରେ ବାଧା ସୃଷ୍ଟି କରୁଛି। ପ୍ରଶାସନ ପକ୍ଷରୁ ଏହି ନଦୀବନ୍ଧକୁ ବର୍ଷାଋତୁରେ ମରାମତି କରାଯାଉ ନ ଥିବାରୁ ସ୍ଥାନୀୟ ଜନସାଧାରଣ ଏହାକୁ ବିରୋଧ କରୁଛନ୍ତି। ତଟବନ୍ଧରେ ସବୁଜ ବଳୟ ଅଥବା ପଥର ପ୍ୟାକିଂ ନ ଥିବାରୁ ସମୁଦ୍ର ମାଡ଼ି ଆସିବା ଭୟ ସେମାନଙ୍କୁ ଆତଙ୍କିତ କରୁଛି। ମେ’ ମାସ ସୁଦ୍ଧା ସମସ୍ତ ନଦୀ ଓ କେନାଲ ବନ୍ଧ ମରାମତି କାର୍ଯ୍ୟ ସାରିବା, ସମୁଦ୍ରରେ ପଡ଼ିଥିବା ୭ ନଦୀକୁ ଏକ ବୃହତ୍ କେନାଲ ମାଧ୍ୟମରେ ସଂଯୋଗୀକରଣ କରି ବନୀକରଣକୁ ଗୁରୁତ୍ୱ ଦେବାକୁ ବୁଦ୍ଧିଜୀବୀ ଓ ପରିବେଶବିତ୍‌ମାନେ ଦାବି କରିଛନ୍ତି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ପ୍ରଶାନ୍ତ କୁମାର ନାୟକ କହିଛନ୍ତି, ଜିଲ୍ଲାରେ ଜଳ ସମ୍ପଦ ବିଭାଗର ୨ ଡିଭିଜନ ସହ ଆଳି ତଟବନ୍ଧ କାର୍ଯ୍ୟାଳୟ ଅଛି। ଏହି କାର୍ଯ୍ୟାଳୟ ମାଧ୍ୟମରେ ଜିଲ୍ଲାରେ ଥିବା ନଦୀ ଓ କେନାଲର ପରିଚାଳନା ହେଉଛି। ସେହିପରି ଜିଲ୍ଲାର ଶେଷ ମୁଣ୍ଡରେ ଥିବା ୪୮ କିଲୋମିଟର ଲମ୍ବର ସମୁଦ୍ର ତଟର ସୁରକ୍ଷା ଦାୟିତ୍ୱ ନେଇଛନ୍ତି। ଏହାସତ୍ତ୍ୱେ କ୍ଷେତ ପାଇଁ ଜଳ ପରିଚାଳନା ଜିଲାର ବଡ଼ ସମସ୍ୟା ହୋଇଛି। ପ୍ରତିବର୍ଷ ବନ୍ୟା ଭୟରେ ୫୫ ପଞ୍ଚାୟତବାସୀ ଆତଙ୍କିତ ହେଉଛନ୍ତି। ନଦୀବନ୍ଧର ସୁଦୃଢ଼ୀକରଣ ପାଇଁ ବର୍ଷାଦିନକୁ ଛାଡ଼ି ଅନ୍ୟ ଋତୁରେ କାର୍ଯ୍ୟ ହୋଇପାରନ୍ତା। ବିଭାଗୀୟ ଅଧିକାରୀ ବର୍ଷାଦିନ ଆରମ୍ଭରେ ଦୁର୍ବଳ ନଦୀ ବନ୍ଧ ଚିହ୍ନିଟ କରି ମାଟି ଓ ବାଲି ପକାଇ ଅର୍ଥ ଲୁଟୁଛନ୍ତି। ଏବେଠାରୁ ବନ୍ୟା ପ୍ରପୀଡ଼ିତ ଅଞ୍ଚଳକୁ ଚିହ୍ନଟୀକରଣ ସହ ଆସନ୍ତା ମେ ମାସ ସୁଦ୍ଧା ବନ୍ଧ ସୁଦୃଢ଼ୀକରଣ ପାଇଁ ସେ ଦାବି କରିଛନ୍ତି। ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି ଓ ପରିବେଶବିତ୍ ଗୟାଧର ଧଳ କହିଛନ୍ତି, ନଦୀ ଜଳ ପରିଚାଳନା ଜିଲାର ବଡ଼ ସମସ୍ୟା ହୋଇଛି। ସମୁଦ୍ର ମୁହାଣ ପୋତି ହେଉଛି। ଏହାକୁ ଡ୍ରେଜିଂ କରା ନ ଯିବାରୁ ବନ୍ୟା ସମୟରେ ଉଦ୍‌ବୃତ୍ତ ଜଳ ନିଷ୍କାସନ ହୋଇପାରୁନାହିଁ। ଏହା ବ୍ୟତୀତ ଜାନୁଆରୀଠାରୁ ନଦୀଗୁଡ଼ିକ ଶୁଖିବା ଆରମ୍ଭ ହେଲାଣି। ଫଳରେ ସ୍ଥାନୀୟ ଚାଷ ସହ ହେନ୍ତାଳବଣ ନଷ୍ଟ ହେବ। ହେନ୍ତାଳବଣ ନଷ୍ଟ ଫଳରେ ତଟକ୍ଷୟ ଏକ ବଡ଼ ସମସ୍ୟା ହୋଇଛି। ୨୦୨୦ ମସିହାରେ ସାତଭାୟାବାସୀ ୧୫ କିଲୋମିଟର ଦୂର ବଗପାଟିଆକୁ ସ୍ଥାନାନ୍ତର ହୋଇଛନ୍ତି। ଜିଓ ସିନ୍ଥେଟିକ ଟ୍ୟୁବୱାଲ ଜୁଆର ମାଡ଼କୁ ସହି ପାରୁନାହିଁ। ଏଥିପାଇଁ ସମୁଦ୍ରର ୧୫ କିଲୋମିଟର ଦୂରରେ ନଦୀରେ ଶେଷ ମୁଣ୍ଡକୁ ଯୋଡ଼ି ତଟାଞ୍ଚଳରେ ଏକ ବୃହତ କେନାଲ ଖୋଳାଯିବା ଆବଶ୍ୟକ। ଏହାଦ୍ୱାରା ଖରାଦିନେ ଆବଶ୍ୟକ ପରିମାଣର କ୍ଷେତ ଓ ଜାତୀୟ ଉଦ୍ୟାନ ଭିତରକନିକାକୁ ମଧୁର ଜଳ ଛଡ଼ା ଯାଇପାରିବ। ସେହିପରି ନଦୀ, ନାଳରେ ବ୍ୟାରେଜ ଓ କ୍ରିକି ବନ୍ଧ ପାଇଁ ସେମାନେ ମତ ରଖିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ଉମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ଚଳିତ ବର୍ଷ ପାଇଁ ଦୁର୍ବଳ ନଦୀବନ୍ଧର ସ୍ଥାନ ଚିହ୍ନଟ ହୋଇଛି। ଖରାଦିନ ମଧ୍ୟରେ ଏହାର ମରାମତି ହୋଇଯିବ। ୭ ନଦୀ ସଂଯୋଗୀକରଣ ସମ୍ପର୍କରେ ଅଧ୍ୟାବଧି ପ୍ରସ୍ତାବ ପଠାଯାଇ ନାହିଁ। ସ୍ଥାନ ଚିହ୍ନଟ, ଲୋକଙ୍କ ବିସ୍ଥାପନ, ପରିବେଶ ଓ ପରିସ୍ଥିତି ଅନୁଧ୍ୟାନ ପରେ ଏପରି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇପାରିବ ବୋଲି ସେ କହିଛନ୍ତି।

# ଡ୍ରେନ୍ ଦେଇ ଫଟା ପାଇପ୍‌ରେ ଯାଉଛି ପାଣି : ବ୍ୟାପୁଛି ରୋଗ

**ଭଞ୍ଜନଗର, ନ୍ୟୁଜ୍‌ବ୍ୟୁରୋ**



ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବ୍ଲକର କେତେକ ସ୍ଥାନରେ ପାଇପ୍ ଯୋଗେ ଯୋଗାଣ ହେଉଥିବା ପାଣିର ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠୁଛି। କିନ୍ତୁ ଏଥିପ୍ରତି ପଞ୍ଚାୟତ ଏବଂ ଗ୍ରାମ୍ୟ ପାଇପ ଜଳ ଯୋଗାଣ ବିଭାଗ ଅଧିକାରୀମାନେ ବିଶେଷ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ଏହିଭଳି ଭଞ୍ଜନଗର ସହରତଳି ଲଣ୍ଡେଇ ସାହିର କେତେକ ସ୍ଥାନରେ ପାଇପ୍ ଫାଟି ପାଣି ଡ୍ରେନ ଏବଂ ରାସ୍ତାରେ ଭାସୁଥିଲେ ମଧ୍ୟ ତାହାର ତୁରନ୍ତ ମରାମତି ପ୍ରତି ଧ୍ୟାନ ଦିଆଯାଉନାହିଁ। ଉକ୍ତ ଫଟା ପାଇପ୍ ବାଟେ ଦୂଷିତ ପାଣି ଘରକୁ ଯାଉଥିବା ଆଶଙ୍କା କରାଯାଉଛି। ପରବର୍ତ୍ତୀ ପର୍ଯ୍ୟାୟରେ ଲୋକେ ବିଭିନ୍ନ ରୋଗରେ ଆଶଙ୍କା ହେଉଛନ୍ତି। ଏଥିସହ ଲୋକେ ଅଜାଣତରେ ଅନେକ ରୋଗରେ ପରବର୍ତ୍ତୀ ପର୍ଯ୍ୟାୟରେ ମଧ୍ୟ ଆକ୍ରାନ୍ତ ହେଉଥିବା ଆଶଙ୍କା କରାଯାଉଛି। ଏନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ବର୍ଷା ଦିନେ ଏହି ଫଟା ପାଇପ ସ୍ୱାସ୍ଥ୍ୟ ପାଇଁ ବିପଦ ସାଜିବ।

ଏହାପୂର୍ବରୁ ଗତବର୍ଷ ଫଟା ପାଇପ୍‌ରୁ ବାହାରୁଥିବା ଦୂଷିତ ପାଣି ପିଇ ଛେଦାଭୂମି, ଗୁଣ୍ଡିରିବାଡ଼ି, ବଡ଼କୋଦଣ୍ଡ ଗ୍ରାମର ବହୁ ଲୋକ ଜଣ୍ଡିସ, ଝାଡ଼ାବାନ୍ତି, ପେଟ ବ୍ୟଥା ଭଳି ଅନେକ ରୋଗରେ ଆକ୍ରାନ୍ତ ହୋଇଥିଲେ। ସେଥିମଧ୍ୟରୁ କିଛି ଲୋକ ମଧ୍ୟ ଅକାଳରେ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଥିଲା। ପାଣି ଯୋଗାଣ ଦାୟିତ୍ୱରେ ରହୁଥିବା ପଞ୍ଚାୟତ ଅଧିକାରୀମାନେ ଯେତିକି ତତ୍ପର ଦେଖାଇବା କଥା ଦେଖାଉ ନାହାନ୍ତି। ଯାହାକି ଚିନ୍ତାଜନକ ବିଷୟ।

ସୂଚନାଯୋଗ୍ୟ, ଗତ ଡିସେମ୍ବର ୨୯ରେ ମଧ୍ୟପ୍ରଦେଶ ଇନ୍ଦୋର ଭଗୀରଥପୁର ଅଞ୍ଚଳରେ ଦୂଷିତ ପାଣି ପିଇ ଶତାଧିକ ଲୋକ ଅସୁସ୍ଥ ହୋଇଥିଲେ। ସେଥିମଧ୍ୟରୁ ଆଜି ସୁଦ୍ଧା ୨୬ ଜଣଙ୍କର ମୃତ୍ୟୁ ଘଟିଥିବା ସୋସିଆଲ ମିଡିଆରୁ ଜଣାପଡ଼ିଛି। ତେଣୁ ଏହାର ପୁନରାବୃତ୍ତି ଅନ୍ୟ କୌଣସି ରାଜ୍ୟରେ ଯେଭଳି ନ ହେବ ସେଥିପ୍ରତି କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି।

## ଖଡ଼ିଆଳ ପର୍ଯ୍ୟଟନ ମାନଚିତ୍ରରେ ଅବହେଳିତ

**ନୂଆପଡ଼ା, ନ୍ୟୁଜ୍‌ବ୍ୟୁରୋ**

ନୂଆପଡ଼ା ଜିଲ୍ଲାକୁ ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ଅବହେଳିତ କରାଯାଉଥିବାବେଳେ ଅନେକ ପର୍ଯ୍ୟଟନ କେନ୍ଦ୍ର ଏବେବି ସ୍ଥାନୀତ ହୋଇପାରି ନାହିଁ। ପର୍ଯ୍ୟଟନ ବିକାଶ କହିଲେ ଶୂନ ବୁଝାଇଥାଏ। ଦୀର୍ଘବର୍ଷ ପରେ ମଧ୍ୟ ପର୍ଯ୍ୟଟନର ଉନ୍ନତି କରଣ କରାଯାଇ ପାରିନାହିଁ। ଜିଲ୍ଲାର ପ୍ରମୁଖ ସହର ଖଡ଼ିଆଳ ଠାରେ ଅନେକ ପର୍ଯ୍ୟଟନ କେନ୍ଦ୍ର ରହିଅଛି। ଓଡ଼ିଶାର ୧୩୭ ବର୍ଷର ପ୍ରଥମ ସାହିତ୍ୟ ସମିତି, ଓଡ଼ିଶାର ପ୍ରଥମ ସ୍ଥାୟୀ ରଙ୍ଗମଞ୍ଚ, ଖଡ଼ିଆଳ ସହର ମଧ୍ୟରେ କଳା ଓ ସ୍ଥାପତ୍ୟ ୧୫୦ ବର୍ଷ ପୁରୁଣା ଦରବାର ହଲ, ଖଡ଼ିଆଳ ପର୍ବକୁ ୧୦ କିଲୋମିଟର ଦୂରତା ଯୋଗୀମଠ ଅବସ୍ଥିତ। ମାନବ ସମାଜର ଭାଷାର ଉଦଭାବନ ପୂର୍ବରୁ ନିଜ ଭାବନାକୁ ଚିତ୍ର ମାଧ୍ୟମରେ ଆଙ୍କିଥିବା ଗୁମ୍ଫା ଶୀଳାଲିପି ଏବେବି ମୂକସାକ୍ଷୀ ରୂପେ ଦଣ୍ଡାୟମାନ ଅଟେ। ଏହି ସବୁ ପର୍ଯ୍ୟଟନ କେନ୍ଦ୍ରକୁ ଓଡ଼ିଶା ମାନଚିତ୍ରରେ ସ୍ଥାନିତ କରାଯାଇ ନଥିବା ବେଳେ ଏହାର ରକ୍ଷଣା ବେକ୍ଷଣ ଅଭାବ କାରଣରୁ ଧ୍ୱଂସ ହେବାରେ ବସୁଛି। ଓଡ଼ିଶା ସରକାର ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଇ ଏହାର ରକ୍ଷଣା ବେକ୍ଷଣରେ ଗୁରୁତ୍ୱଦେଲେ ଉପାନ୍ତ ନୂଆପଡ଼ା ଜିଲ୍ଲାବାସୀ ପର୍ଯ୍ୟଟନରେ ଉନ୍ନତି ହେବାସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଯାଇ ପାରିବ।

## ଅବହେଳିତ ଅବସ୍ଥାରେ ମା’ କୁଶଙ୍ଗାଇ ମନ୍ଦିର

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ଲୋଇସିଂହା ବ୍ଲକ କୁଶଙ୍ଗସ୍ଥିତ ମା’ କୁଶଙ୍ଗାଇ ମନ୍ଦିର ଅବହେଳିତ ଅବସ୍ଥାରେ ପଡ଼ିରହିଛି। ମନ୍ଦିର ଉପରେ ଗଛ ଉଠିଥିବାବେଳେ ଏହାର ରଙ୍ଗଛାଡ଼ି ମଳିନ ଦିଶୁଛି। ଏହାର ମରାମତି ଓ ସାଜସଜ୍ଜା ପାଇଁ ଗାଁ ଲୋକେ ବାରମ୍ବାର ଦାବି କରୁଥିଲେ ହେଁ ପ୍ରଶାସନ ଗୁରୁତ୍ୱ ଦେଉନାହିଁ। ବଲାଙ୍ଗୀର ଜିଲ୍ଲାର ଏକ ପ୍ରସିଦ୍ଧ ଶକ୍ତିପୀଠ ମଧ୍ୟରୁ ମା’ କୁଶଙ୍ଗାଇ ଅନ୍ୟତମ। ମା’ଙ୍କ ଆସ୍ଥାନ ରହିଥିବା ମନ୍ଦିର ବହୁ ପୁରୁଣା ଅଟେ। ଭୁବନେଶ୍ୱରସ୍ଥିତ ଲିଙ୍ଗରାଜ ମନ୍ଦିର ଓ ପାଇକମାଳ ନିକଟସ୍ଥ ନୃସିଂହନାଥ ମନ୍ଦିର ଶୈଳୀ ଏହା ସହିତ ସାମଞ୍ଜସ୍ୟ ରହିଛି। ବିଭିନ୍ନ ପର୍ବରେ ମା’ଙ୍କ ପୀଠ ଚଳଚଞ୍ଚଳ ହୋଇଉଠେ। ମା’ଙ୍କ ଦର୍ଶନ ପାଇଁ ସ୍ଥାନୀୟ ଲୋକଙ୍କ ସହ ଜିଲ୍ଲା ଓ ରାଜ୍ୟ ବାହାରୁ ବହୁ ଭକ୍ତ ଏଠାକୁ ଆସୁଛନ୍ତି। କିନ୍ତୁ ମନ୍ଦିରର ଉନ୍ନତିକରଣ ପାଇଁ ପ୍ରଶାସନ ଧ୍ୟାନ ଦେଉନାହିଁ। ମା’କୁଶଙ୍ଗାଇ ଅଧିଷ୍ଠିତ ଥିବା ମୁଖ୍ୟ ମନ୍ଦିରରେ ବହୁ ପିପ୍ପଳ ଗଛ ଉଠିଛି। ଯାହା ଆଗକୁ ମନ୍ଦିରରେ ଫାଟ ସୃଷ୍ଟି କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏଥିସହ ଏହି ମନ୍ଦିରର ରଙ୍ଗ ଛାଡ଼ି ଧୀରେଧୀରେ କଳା ପଡ଼ିଗଲାଣି। ଏସବୁ ଦେଖି ସ୍ଥାନୀୟ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଛି। ଲୋକଙ୍କ ସୂଚନା ଅନୁଯାୟୀ, ପ୍ରାୟ ୩୦ ବର୍ଷ ପୂର୍ବରୁ ଏହି ମନ୍ଦିରର ମରାମତି ଓ ରଙ୍ଗ ହୋଇ ହୋଇଥିଲା। ଏହା ପରଠାରୁ ଅବହେଳିତ ଅବସ୍ଥାରେ ମନ୍ଦିର ପଡ଼ିରହି ରହିଛି। ସ୍ଥାନୀୟ ପ୍ରଶାସନ ମନ୍ଦିରର ଉନ୍ନତିକରଣ ପାଇଁ ଚେଷ୍ଟା କରିବାର ଅବଶ୍ୟକତା ରହିଛି। ଜିଲ୍ଲା ପ୍ରଶାସନ ଏଦିଗରେ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ବାଡ଼ିରେ ପଡ଼ିଛି ଧାନ : ଖୋଲୁନି ମଣ୍ଡି, ଚିନ୍ତାରେ ନୟାଗଡ଼ ଚାଷୀ

**ନୟାଗଡ଼, ନ୍ୟୁଜ୍‌ବ୍ୟୁରୋ**



ଚାଷୀମାନେ ଧାନ ଅମଳ କରି ବାଡ଼ିରେ ପକାଇ ରଖିଛନ୍ତି। ମଣ୍ଡିରେ ଧାନ ଦେବା ପାଇଁ ଚାହିଁ ରହିଛନ୍ତି। ସେପଟେ ମଣ୍ଡି ଉଦ୍‌ଘାଟନ ହେବାର ୨୦ ଦିନ ବିତିଗଲାଣି। କିଛି ଚାଷୀଙ୍କୁ ଟୋକନ ବି ମିଳିଛି। ହେଲେ ଚାଷୀମାନଙ୍କ ଅଭିଯୋଗ ଯେ, ଏ ପର୍ଯ୍ୟନ୍ତ ମଣ୍ଡି ଖୋଲିନାହିଁ। ସେପଟେ ଆଉ କିଛି ଚାଷୀଙ୍କ ଅଭିଯୋଗ ଯେ, ଧାନ କ୍ୱିଣ୍ଟାଲ ପିଛା ପ୍ରାୟ ୭–୮ କିଗ୍ରା କଟ୍‌ନୀ ଛଟ୍‌ନୀ ହେଉଛି। ନୟାଗଡ଼ ଜିଲ୍ଲାର ଚାଷୀମାନେ ଏଭଳି ଅଭିଯୋଗ ଆଣିଛନ୍ତି। ନୟାଗଡ଼ ଜିଲ୍ଲାରେ ଧାନ ମଣ୍ଡି ଉଦ୍‌ଘାଟନ ହେବାର ୨୦ରୁ ଅଧିକ ଦିନ ବିତିବା ପରେ ମଧ୍ୟ ମଣ୍ଡି ଖୋଲିବା ସ୍ୱାଭାବିକ ହୋଇପାରୁନାହିଁ। ଚାଷୀ ବାହାରେ ଦଲାଲଙ୍କୁ ୧୮ ଶହ ଟଙ୍କାରେ ଧାନ ବିକ୍ରି କରି ଅଭାବୀ ଧାନ ବିକ୍ରିର ସମ୍ମୁଖୀନ ହେଉଛି। ମିଲରଙ୍କ କଟ୍‌ନୀ ଛଟ୍‌ନୀ ଜିଦି ଜାଲରେ ଧନ୍ଦି ହେଉଛନ୍ତି ଜିଲ୍ଲାର ହଜାର ହଜାର ଚାଷୀ। ଚାଷୀଙ୍କ ଅଭିଯୋଗ, ଚଳିତ ବର୍ଷ ହାତଗଣତି କେତୋଟି ମଣ୍ଡି ଖୋଲିଥିବା ବେଳେ ସେଠାରେ ବ୍ୟାପକ ଅବ୍ୟବସ୍ଥା ଦେଖିବା ପାଇଁ ମିଳୁଛି। ଏଫଏକ୍ୟୁ ମାନର ଧାନ ଓ କଟନୀ ଛଟନୀକୁ ନେଇ ଚାଷୀ ଏବଂ ମିଲରଙ୍କ ମଧ୍ୟରେ ବିବାଦ ତେଜିବାରେ ଲାଗିଛି। କୁଇଣ୍ଟାଲ ପ୍ରତି ୭ରୁ ୮ କେଜି ଧାନ କାଟିବା ପାଇଁ ମିଲରମାନେ ଜିଦ ଧରିବାରୁ ଜିଲ୍ଲାରେ ମଣ୍ଡି ଖୋଲିବାରେ ଅବ୍ୟବସ୍ଥା ଦେଖା ଦେଇଛି। ମଣ୍ଡି ଖୋଲିବାରେ ବିଳମ୍ବ ହେବା, ଚାଷୀଙ୍କୁ ଲୁଟିବା ପାଇଁ ଏକ ପ୍ରକାର ଷଡ଼ଯନ୍ତ୍ର କରାଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ଚାଷୀ ବାଳକୃଷ୍ଣ ପ୍ରଧାନ କହିଛନ୍ତି, ‘ଗତବର୍ଷ ଅପେକ୍ଷା ଏବର୍ଷ ଭଲ ଧାନ ଦେଉଛୁ। ତଥାପି କଟନୀ ଛଟନୀ କରୁଛନ୍ତି। କ୍ୱିଣ୍ଟାଲ ପିଛା ୭ରୁ ୮ କିଲୋ କଟନୀ ଛଟନୀ କରା ଯାଉଛି।’ ଚାଷୀ ସଚ୍ଚିଦାକାନ୍ତ ପ୍ରଧାନ କହିଛନ୍ତି, ‘ଟୋକନ ଆଣି ରଖିଛୁ। ବହୁତ ଦିନ ବିତି ଗଲାଣି, ହେଲେ ମଣ୍ଡି ଖୋଲୁନି। ବାଡ଼ିରେ ଧାନ ପଡ଼ି ପଡ଼ି ଶୁଖୁଛି। ଟୋକନର ଅବଧି ଶେଷ ହେବାକୁ ବସିଲାଣି ହେଲେ ମଣ୍ଡି ଖୋଲୁନି।’

ନୟାଗଡ଼ ଜିଲ୍ଲାରେ ୫୭ ହଜାରରୁ ଅଧିକ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜିକରଣ କରିଥିବା ବେଳେ ଅଳ୍ପସଂଖ୍ୟକ ଚାଷୀଙ୍କୁ ଟୋକନ ମେସେଜ ଆସିଛି। ୩୦ ପ୍ରତିଶତି ଚାଷୀଙ୍କ ଟୋକନ ଆସିଥିବା ବେଳେ ୭୦ ପ୍ରତିଶତ ଚାଷୀ ଟୋକନ ଅପେକ୍ଷାରେ ରହିଛନ୍ତି। ସେପଟେ ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ଚଳିତ ବର୍ଷ ଅଭାବୀ ଧାନ ବିକ୍ରି ରୋକିବା ପାଇଁ ଗତ ମାସ ୨୯ ତାରିଖରେ ଧାନ ମଣ୍ଡି ଉଦଘାଟନ କରାଯାଇଛି। ଜିଲ୍ଲାରେ ୧୫୩ ପାକ୍ସ ଦ୍ୱାରା ୧୭୪ଟି ସ୍ଥାନରେ ଧାନମଣ୍ଡି ଖୋଲି ଚାଷୀଙ୍କ ଠାରୁ ଧାନ କିଣାଯିବ।

ନୟାଗଡ଼ ଯୋଗାଣ ଅଧିକାରୀ ମୁରଲୀ କ୍ରୀଷ୍ଣା ରାଓ କହିଛନ୍ତି, ‘ସମସ୍ତ ମଣ୍ଡି ଖୁବ୍‌ଶୀଘ୍ର ଖୋଲିବ ଏବଂ ସମସ୍ତଙ୍କ ଧାନକୁ ନିଆଯିବ। କେହି ବ୍ୟସ୍ତ ହେବା ଦରକାର ନାହିଁ। ୧୭୪ଟି ମଣ୍ଡି ଖୋଲିବ। ୧୦ ଲକ୍ଷ ୧୬ ହଜାର କ୍ୱିଣ୍ଟାଲ ଧାନ ପ୍ରଥମ ପର୍ଯ୍ୟାୟରେ ଆସିଛି। ୫୭ ହଜାର ୯୭୨ ଚାଷୀ ପଞ୍ଜିକୃତ ହୋଇଛନ୍ତି। ପର୍ଯ୍ୟାୟ କ୍ରମେ ମଣ୍ଡି ଖୋଲିବ। ଦଲାଲି ରୋକ ଲଗାଇବା ପାଇଁ ମଣ୍ଡିରେ ମଣ୍ଡି ସୁପରଭାଇଜିଂ ଅଫିସର, ନୋଡାଲ ଅଫିସର ନିଯୁକ୍ତ ହୋଇଛନ୍ତି। ସମସ୍ତ ମଣ୍ଡିରେ ସିସିଟିଭି ବ୍ୟବସ୍ଥା କରାଯାଇଛି।’

## ପ୍ରଦୂଷଣ ବଳୟରେ ସମ୍ବଲପୁର-ଝାରସୁଗୁଡ଼ା ରାସ୍ତା

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ପ୍ରଦୂଷଣର ବଳୟରେ ଲୋକେ ତ୍ରାହି ତ୍ରାହି ଡାକିଲେଣି, ହେଲେ ସୁରକ୍ଷା ଯୋଗାଇବ କିଏ? ଏହି ଦୃଶ୍ୟ ସମ୍ବଲପୁରୁ ଝାରସୁଗୁଡ଼ା ଯିବା ରାସ୍ତାର ଏସ୍ ଏମ୍ ୧୦ର ଅବସ୍ଥା। ଖଣି ଖାଦାନ ଅଛି, ତେଣୁ ବଡ଼ବଡ଼ କଳ କାରଖାନା ବି ବସିଛି। ହେଲେ କଳ କାରଖାନାରୁ ନିର୍ଗତ ବିଷାକ୍ତ ବାଷ୍ପ ଓ ନିଷ୍କାସନ ଆବର୍ଜନାର ସଠିକ୍ ବିନିଯୋଗ ହୋଇ ପାରୁନଥିବା ଯୋଗୁଁ ଲୋକେ ବିଷ ବଳୟ ଭିତରକୁ ଠେଲି ହୋଇଯାଉଛନ୍ତି। ପ୍ରଦୂଷଣ ଯେ କେବଳ ବାୟୁ ମଣ୍ଡଳକୁ ନଷ୍ଟ କରୁଛି ତାହା ନୁହେଁ ଏତେ ମାତ୍ରାରେ ଆବର୍ଜନା ଧୂଳିଧୂସର ଓ ପାଉଁଶ ଉଡୁଛି ଯେ ରାଜ ରାସ୍ତାରେ ଯାନ ବାହାନ ଚଳାଚଳରେ ମଧ୍ୟ ବାଧକ ସାଜିଛି। ଏ ଦିଗରେ ଉଭୟ ଜିଲ୍ଲାର ଜିଲ୍ଲାପାଳଙ୍କ ସମେତ ରାଜ୍ୟ ସରକାର ଅନୁସନ୍ଧାନ କରି ବିହିତ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି।

# ଧାମନଗର କଲେଜରେ ଖୋଲିବ ସେନା ତାଲିମ କେନ୍ଦ୍ର, ଅଗ୍ନିବୀର ହେବା ପାଇଁ ପ୍ରସ୍ତୁତ ହେବେ ଗ୍ରାମାଞ୍ଚଳ ଯୁବକ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଏହି ଜିଲ୍ଲାର ଧାମନଗର ଅଞ୍ଚଳର ଯୁବକ ଯୁବତୀମାନଙ୍କ ପାଇଁ ନୂଆ ସୁଯୋଗ ଆଣିଛନ୍ତି କେନ୍ଦ୍ର ସରକାର। ଏଣିକି ସେନାରେ ଭର୍ତ୍ତି ହୋଇ ଦେଶ ସେବା କରିବାର ସ୍ୱପ୍ନ ଦେଖୁଥିବା ଗ୍ରାମାଞ୍ଚଳର ପିଲାମାନଙ୍କୁ ନିଜ ଅଞ୍ଚଳରେ ହିଁ ମିଳିବ ଉପଯୁକ୍ତ ପ୍ରଶିକ୍ଷଣ। ଧାମନଗର କଲେଜ ପରିସରରେ ଭାରତୀୟ ସେନା ପକ୍ଷରୁ ଏକ ମିଲିଟାରୀ ଟ୍ରେନିଂ କ୍ୟାମ୍ପ ପ୍ରତିଷ୍ଠା କରାଯିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ବିଶେଷ କରି ‘ଅଗ୍ନିବୀର’ ଯୋଜନାରେ ନିଯୁକ୍ତି ପାଇବା ଉଦ୍ଦେଶ୍ୟରେ ଏଠାରେ ପ୍ରାଥମିକ ପର୍ଯ୍ୟାୟରେ ୧୦୦ ଜଣ ଯୁବକଯୁବତୀଙ୍କୁ ଚୟନ କରାଯାଇ ତାଲିମ ପ୍ରଦାନ କରାଯିବ। ମହାବିଦ୍ୟାଳୟ ପରିସରରେ ଥିବା ତଫସିଲଭୁକ୍ତ ଜାତି ଓ ଜନଜାତି ହଷ୍ଟେଲକୁ ଏହି ତାଲିମ କେନ୍ଦ୍ର ପାଇଁ ସ୍ଥାୟୀ ଭାବେ ବ୍ୟବହାର କରାଯିବାର ଯୋଜନା ରହିଛି। ଭାରତୀୟ ସେନାର ଲେଫ୍ଟନାଣ୍ଟ କର୍ଣ୍ଣେଲ ସୁରେନ୍ଦ୍ର ସିଂହ ଓ ରବିନ ସିଂହ ମହାବିଦ୍ୟାଳୟ ପରିସର ଗସ୍ତ କରି ଭିତ୍ତିଭୂମିର ଅନୁଧ୍ୟାନ କରିଛନ୍ତି। ତାଲିମ ପାଇଁ ଆବଶ୍ୟକ ହେଉଥିବା ଟ୍ରାକ ନିର୍ମାଣ ଓ କଲେଜ ପଡ଼ିଆର ଉପଯୋଗିତା ସମ୍ପର୍କରେ ସେମାନେ କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଖୁବ୍ ଶୀଘ୍ର ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସେନା ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରଚେଷ୍ଟାରେ ଏହି ତାଲିମ କେନ୍ଦ୍ର ପ୍ରତିଷ୍ଠା ହେବାକୁ ଯାଉଛି। ସେନା ଅଧିକାରୀଙ୍କ ଗସ୍ତ ସମୟରେ ମନ୍ତ୍ରୀ ମଧ୍ୟ ଉପସ୍ଥିତ ରହି ସେମାନଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରେ ଧାମନଗର କଲେଜ ତରଫରୁ ଏନସିସି ପିଲାଙ୍କ ଦ୍ୱାରା ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ନିଆଳି ପାନ : ଖୁଚୁରା ବଜାରରେ କଡ଼ା ଛୁଇଁଲା ୯୦ ଟଙ୍କା

**କଟକ, ନ୍ୟୁଜ୍‌ବ୍ୟୁରୋ**

ଏଥର ଅତ୍ୟଧିକ ଶୀତ କାକର ଯୋଗୁଁ ନିଆଳିରେ ପାନ ଚାଷ ପ୍ରଭାବିତ ହୋଇଛି। ପୂରା ବରଜରୁ ତୋଳାଯାଉଥିବା ପାନରେ ଟୋକେଇ ଭର୍ତ୍ତି ହେଉନି। ପ୍ରତିବର୍ଷ ଶୀତରେ କିଛିମାତ୍ରାରେ ପ୍ରଭାବିତ ହୁଏ ପାନଚାଷ। କିନ୍ତୁ ଏଥର ଶୀତ ସବୁ ରେକର୍ଡ ଭାଙ୍ଗିଥିବାରୁ ପାନ ଅମଳରେ ପ୍ରଭାବ ବେଶ୍ ଅଧିକ ପଡ଼ିଛି। ଫଳରେ ପାନର ବଜାର ମୂଲ୍ୟ ଦୁଇଗୁଣା ହୋଇଛି। ମାସକ ପୂର୍ବରୁ କଟକ ସହରରେ ପାନ କଡ଼ା ଯେଉଁଠି ୫୦ ଟଙ୍କାରେ ବିକ୍ରି ହେଉଥିଲା, ଏବେ ତାହା ୯୦ ଟଙ୍କାରେ ପହଞ୍ଚିଛି। ଆବଶ୍ୟକତା ମୁତାବକ ନିଆଳିରୁ ପାନ ଆସୁନଥିବାରୁ ଏବେ ବାଲେଶ୍ୱର ଭୋଗରାଇ ପାନ ଚାହିଦା ମେଣ୍ଟାଉଛି। ପରିବହନ ଖର୍ଚ୍ଚ ନିଆଳି ତୁଳନାରେ ଅଧିକ ରହୁଥିବାରୁ ପାନର ହୋଲସେଲ୍ ମୂଲ୍ୟ ବୃଦ୍ଧି ପାଇଛି।

କଟକ ସହରରେ ପାନର ସ୍ୱତନ୍ତ୍ର ଚାହିଦା ରହିଛି। ସହରର ଗଳିକନ୍ଦିଠୁ ଆରମ୍ଭ କରି ଛକବଜାରରେ ହଜାର ହଜାର ସଂଖ୍ୟାରେ ପାନ ଦୋକାନ ରହିଛି। ସହରରେ ପୁଣି ଏମିତି କିଛି ପ୍ରସିଦ୍ଧ ପାନଦୋକାନୀ ରହିଛନ୍ତି ଯେଉଁମାନଙ୍କ ପାନର ଚାହିଦା ଢେର ଅଧିକ। ଏମିତିକି କିଛି ପାନ ସୌକିନ୍ ଭୁବନେଶ୍ୱରରୁ ଆସି କଟକରୁ ପାନ କିଣି ନିଅନ୍ତି। କିନ୍ତୁ ଗତ କିଛି ଦିନ ଭିତରେ ପାନ ମୂଲ୍ୟ ବଢ଼ିଯିବାରୁ ଖାଉଟି ଚଢ଼ା ଦରରେ ପାନ କିଣୁଛନ୍ତି। ୧୦ ଟଙ୍କାରେ ଗଣି ଗଣି ୫ଟି ପାନପତ୍ର। ଗୁଣ୍ଡି, ମସଲା ଦେଲେ ୧୦ ଟଙ୍କାରେ ମାତ୍ର ତିନି ଖଣ୍ଡ ଭଙ୍ଗାପାନ। ନିଆଳିରୁ ପ୍ରତ୍ୟେକ ଦିନ କଟକ ସହରକୁ ଦୁଇ ହଜାର କଡ଼ା ପାନ ଆସିଥାଏ। ଏହାବାଦ୍ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର ଆଦି ଉପକୂଳ ଜିଲ୍ଲାଗୁଡ଼ିକରୁ ମଧ୍ୟ ପ୍ରାୟ ଆଉ ୨ ହଜାର କଡ଼ା ଆସିଥାଏ। କଟକ ମାଲଗୋଦାମ ସମେତ କିଛି ହୋଲସେଲ୍ ମାର୍କେଟରୁ ପାନ କଟକ ସହର ସମେତ ସହର ଉପକଣ୍ଠ ଇଲାକାକୁ ଯାଇଥାଏ।

# ଗାଁ ମଝିରାସ୍ତା ପାଲଟିଛି ପଙ୍କର କୃତ୍ରିମ ହ୍ରଦ : କେବେ ପଡ଼ିବ ପ୍ରଶାସନର ଦୃଷ୍ଟି ?

**ନୂଆପଡ଼ା, ନ୍ୟୁଜ୍‌ବ୍ୟୁରୋ**

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ସ୍ଥିତ ପଦ୍ମପୁର ଗ୍ରାମର ମୁଖ୍ୟ ବସ୍ତି ରାସ୍ତା ପାଲଟିଛି କୃତ୍ରିମ ପଙ୍କ ହ୍ରଦ। ଏହି ରାସ୍ତା ଦେଇ ଯାତାୟାତ କରନ୍ତି ଗ୍ରାମର ତିନିଶହ ପରିବାରର ଲୋକେ। ରାସ୍ତା ଉପରେ ରହିଛି ୪ ଇଞ୍ଚର କାଦୁଅ ଏବଂ ପାଣି ପାଖାପାଖି ଦୁଇଶହ ମିଟର ଯାଏଁ ରାସ୍ତା ଉପରେ ବର୍ଷସାରା ଜମା ହୋଇରହିଅଛି। ଯାହାଫଳରେ ପଦ୍ମପୁର ଗ୍ରାମବାସୀ ଯିବାଆସିବାରେ ବହୁତ ଅସୁବିଧା ଭୋଗୁଥିବା ଅଭିଯୋଗ କରିଛନ୍ତି। କାଦୁଅରେ ରାସ୍ତାରେ ଦୁଇଚକିଆ କିମ୍ବା ଚାରିଚକିଆ ଯାନ ଗଲାବେଳେ ଲୋକଙ୍କ ଉପରେ କାଦୁଅ ଛିଟା ପଡ଼ି ଅସନା ହେଉଛନ୍ତି ଲୋକେ। ରାସ୍ତାର ଅବସ୍ଥା ଯାହା ଜଣେ ସ୍ୱଚକ୍ଷୁରେ ନଦେଖିଲେ ବିଶ୍ୱାସ କରିହେବନି। ରାସ୍ତାର ଅବସ୍ଥା ଯେଉଁଭଳି ଅଛି ରାସ୍ତାରେ ବୟସ୍କ ବ୍ୟକ୍ତି ଚାଲିବା ସମ୍ଭବ ନୁହେଁ ହେଲେ ବାଧହୋଇ ଛୋଟଛୋଟ ଛାତ୍ରଛାତ୍ରୀ ଏହି ରାସ୍ତା ଦେଇ ବିଦ୍ୟାଳୟକୁ ଯିବା ଆସିବା କରିଥାନ୍ତି। ପ୍ରାୟ ସମୟରେ କୁନି କୁନି ଛାତ୍ରଛାତ୍ରୀ ମାନଙ୍କ ଗୋଡ଼ ଖସି କାଦୁଅରେ ପଡିଯାଇଥାନ୍ତି, ବ୍ୟାଗ୍, ଜୋତା ଓ ଡ୍ରେସ୍‌ରେ କାଦୁଅ ଲାଗୁଥିବା ହେତୁ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଯିବା ପାଇଁ ଅମଙ୍ଗ ହେଉଥିବା ଅଭିଭାବକ ମାନେ ଅଭିଯୋଗ କରିଛନ୍ତି। ଆହୁରି ମୁଖ୍ୟ ସମସ୍ୟା ରହୁଛି ଯେ, ଗ୍ରାମରେ କୌଣସି ପୂଜାପାର୍ବଣ କିମ୍ବା ବାହାଘର ହେଲେ ରାସ୍ତାରୁ କାଦୁଅ ଓ ପାଣି ଶୁଖାଇବାକୁ ଦଶଦିନ ପୂର୍ବରୁ ରାସ୍ତା କଡ଼ରେ ଥିବା ନଳକୂଅ ଓ ପାଇପ୍ ପାଣିକୁ ବନ୍ଦ କରିବାକୁ ପଡ଼ିଥାଏ ଯଦ୍ୱାରା ଗ୍ରାମର ଶହଶହ ପରିବାର ସ୍ୱଚ୍ଛ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି ଓ ବାଧ ହୋଇ ଫ୍ଲୋରାଇଡ୍ ବାହାରୁ ଥିବା ନଳକୂପର ପାଣି ପିଉଛନ୍ତ। ସରକାର ସବୁବେଳେ କହୁଛନ୍ତି ଯେ, ଗ୍ରାମମାନଙ୍କ ରାସ୍ତାର ବିକାଶ କରି ସୁବିଧାରେ ଯିବା ଆସିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି କିନ୍ତୁ ପଦ୍ମପୁର ବସ୍ତିରାସ୍ତାକୁ ଦେଖିଲେ ବିକାଶର ଓଲଟା ଚିତ୍ର ପରିଲକ୍ଷିତ ହେଉଅଛି। ଏହି ଚିତ୍ର ଦେଖିଲାପରେ ଲାଗୁଛି ସମସ୍ତେ ପକ୍କା ରାସ୍ତାରେ ଚାଲିବେ ସହରରୁ ଗାଁ ଓ ସମସ୍ତ ଗ୍ରାମାଞ୍ଚଳର ସବୁ ଗଳିକନ୍ଦି ଚକାଚକ୍ୟ ରହିବ ଡିଣ୍ଡିମ ପିଟୁଥିବା ତାହା ଏକ ପ୍ରହସନ ଭଳି ମନେହୁଏ ପଦ୍ମପୁର ବସ୍ତି ରାସ୍ତାକୁ ଦେଖିଲେ। ଏହି ରାସ୍ତାର ସମସ୍ୟା ନେଇ ସ୍ଥାନୀୟ ସରପଞ୍ଚ ଓ ବ୍ଲକ ପ୍ରଶାସନକୁ ଅନେକ ଥର ଅବଗତ କରିଥିଲେହେଁ ଏହାର ସୁଫଳ ଏଯାଏଁ ମିଳିନାହିଁ। ରାସ୍ତାର ଅବସ୍ଥା ଦେଖିଲାପରେ ପ୍ରଶାସନ ଓ ସରକାର ଜାଣିଶୁଣି ଗ୍ରାମାଚଂଳରେ ଗମନା ଗମନର ସୁବିଧା ନକରି ସମ୍ପୂର୍ଣ୍ଣ ଭାବରେ ଆଖିବୁଜି ଦେଇଥିବା ମନେହୁଏ। ଏଣୁ ଗ୍ରାମବାସୀ ଭଲ ରାସ୍ତାଟିଏ କେବେ ମିଳିବ କହି ଭାଗ୍ୟକୁ ଆଦରି ରହିଛନ୍ତ। ତେଣୁ ଜିଲ୍ଲା ପ୍ରଶାସନ ଯଥାଶୀଘ୍ର ପଦ୍ମପୁର ଗ୍ରାମର ରାସ୍ତା ସମସ୍ୟା କିପରି ଦୂର ହେଇପାରିବ ତା’ର ବ୍ୟବସ୍ଥା କରି ଯଥା ଶୀଘ୍ର କଂକ୍ରିଟ ରାସ୍ତା କରିବା ପାଇଁ ଲୋକେ ଦାବି କରିଛନ୍ତି।

# ଶିକ୍ଷକରୁ ସେବକ : ୨୩ ବର୍ଷ ଧରି ବୁଲା ଗାଈ ଗୋରୁଙ୍କ ଦେବଦୂତ ସାଜିଛନ୍ତି ତାରାକାନ୍ତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସିନ୍ଦୂରା ଫାଟେ... ସୂର୍ଯ୍ୟ ଉଦୟ ହୁଅନ୍ତି... ପିଲାଙ୍କ ସାର ସାର ଡାକରେ ଆରମ୍ଭ ହୁଏ ସକାଳ... ହାତରେ ଚକ୍‌ଖଡି ଧରି ପିଲାଙ୍କ ଭବିଷ୍ୟତର ମୂଳଦୁଆ ପକାନ୍ତି। ଏହା ତାଙ୍କର ପେଶା, କିନ୍ତୁ ହମା ରଡ଼ିରୁ ବୁଝିଯାଆନ୍ତି ଗୋ-ମାତାର କଷ୍ଟ। କେଉଁଠି ବୁଲା ଗୋରୁ ଗାଈ ଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖିଲେ ତାଙ୍କ ହୃଦୟ ବିଦାରି ହୋଇଯାଏ... ସଙ୍ଗେ ସଙ୍ଗେ ପହଞ୍ଚି ଯାଆନ୍ତି ଦେବଦୂତ ହୋଇ... ନିଜସ୍ୱ ଉଦ୍ୟମରେ ଗତ ୨୩ ବର୍ଷ ହେଲା ବୁଲା ଗୋରୁଗାଈଙ୍କ ଜୀବନ ବଞ୍ଚାଇ ଆସୁଛନ୍ତି ୪୦ ବର୍ଷୀୟ ତାରାକାନ୍ତ ବେହେରା। ପେଶାରେ ଶିକ୍ଷକ, ନିଶା ପଶୁ ସେବା। ଏହାକୁ ଜୀବନର ବ୍ରତ କରିନେଇଛନ୍ତି ତାରାକାନ୍ତ। ଏହି ମହତ କାମ ପାଇଁ ରାଜ୍ୟପାଳଙ୍କ ହାତରୁ ପୁରସ୍କୃତ ମଧ୍ୟ ହୋଇଛନ୍ତି।

୨୦୦୩ ମସିହା କଥା, ଦଶମ ଶ୍ରେଣୀରେ ପଢୁଥାନ୍ତି ତାରାକାନ୍ତ। ଘର ପାଖରେ ଏକ ରୋଗିଣା ଷଣ୍ଢକୁ ଦେଖିଥିଲେ। ଷଣ୍ଢର ସିଂଘ ଭାଙ୍ଗି ଯାଇ ପୋକ ସାଲୁବାଲୁ ହେଉଥିଲା। ଗାଁ ସାଙ୍ଗମାନଙ୍କ ସହଯୋଗରେ ତାରାକାନ୍ତ ଷଣ୍ଢର ଚିକିତ୍ସା କରିଥିଲେ। ସୁସ୍ଥ ହୋଇ ଷଣ୍ଢ ନୂଆ ଜୀବନ ପାଇଥିଲା। ବାସ୍ ସେଇଠୁ ଆରମ୍ଭ ହୋଇଥିଲା ବୁଲା ଅସୁସ୍ଥ ଗୋରୁଙ୍କ ପ୍ରତି ତାରାକାନ୍ତଙ୍କ ସେବା ମନୋଭାବ।

ଭୁବନେଶ୍ୱରର ଏକ ଘରୋଇ ବିଦ୍ୟାଳୟର ଶିକ୍ଷକ ଭାବେ କାର୍ଯ୍ୟ କରନ୍ତି ତାରାକାନ୍ତ ବେହେରା। ପେଶାରେ ପ୍ରାଥମିକ ଶିକ୍ଷକ। ପିଲାଙ୍କୁ ପାଠ ପଢାଇ ଶିକ୍ଷିତ କରିବା ତାଙ୍କର ପ୍ରଥମ ଦାୟିତ୍ୱ। ହେଲେ ସେତିକିରେ ସୀମିତ ନୁହେଁ ତାଙ୍କ ଦାୟିତ୍ୱ। ରାସ୍ତାରେ ଅସୁସ୍ଥ ଗାଈ ଗୋରୁ କିମ୍ବା ଷଣ୍ଢଙ୍କୁ ଦେଖିଲେ ତାଙ୍କ ମନ ବିକଳ ହୋଇଯାଏ। ସୂଚନା ପାଇବା ମାତ୍ରେ ଚିକିତ୍ସା ପାଇଁ ହାତରେ ଔଷଧ ଧରି ସେ ପହଞ୍ଚିଯାଆନ୍ତି। ସଙ୍ଗେ ସଙ୍ଗେ ଆରମ୍ଭ କରି ଦିଅନ୍ତି ଚିକିତ୍ସା। ଖାଲି ଚିକିତ୍ସା କରି ଛାଡ଼ି ଦିଅନ୍ତି ନାହିଁ, ପ୍ରାଣୀଟି କେମିତି ଭଲ ହେବ ଓ ପୁଣି ଚଲାବୁଲା କରିବ, ସେସବୁ ଉପରେ ମଧ୍ୟ ନଜର ରଖନ୍ତି। ପ୍ରତି ଦିନ ଦେଖାଶୁଣା କରିବା ସହ ଖାଦ୍ୟ ବ୍ୟବସ୍ଥା ମଧ୍ୟ କରନ୍ତି। ସେଥିପାଇଁ



ଲୋକେ ତାଙ୍କୁ ବୁଲା ଓ ଅସୁସ୍ଥ ଗୋରୁଙ୍କ ଦେବଦୂତ କୁହନ୍ତି।

ରାଜଧାନୀ ଉପକଣ୍ଠ ପଥର ଗାଡ଼ିଆରେ ସପରିବାର ସହ ରହୁଛନ୍ତି ତାରାକାନ୍ତ। ଭାସ୍କର ବେହେରା ଓ ଦ୍ରୌପଦୀ ବେହେରାଙ୍କ ୪ ପୁଅ ଝିଅଙ୍କ ମଧ୍ୟରୁ ତୃତୀୟ ସନ୍ତାନ ତାରାକାନ୍ତ। ଘରେ ବାପା , ମାଆ, ପତ୍ନୀ ଓ ଦେଢ ବର୍ଷର ଝିଅ। ଗାଈ ଗୋରୁଙ୍କ ସେବା କରୁଥିବା ମା’ ଦ୍ରୌପଦୀଙ୍କୁ ଦେଖି ପିଲାଟି ବେଳୁ ପଶୁଙ୍କୁ ଭଲ ପାଇ ବସିଛନ୍ତି ତାରାକାନ୍ତ।

୨୦୦୩ରୁ ଆଜି ପର୍ଯ୍ୟନ୍ତ ସେ ବୁଲା ଗୋରୁଙ୍କ ଚିକିତ୍ସା କରି ଆସୁଛନ୍ତି। ଦିନ ହେଉ ଅବା ରାତି, ଘରେ ଥାଆନ୍ତୁ କିମ୍ବା ସ୍କୁଲରେ, କେଉଁଠି ଅସୁସ୍ଥ ଗାଈ, ଷଣ୍ଢ, ବାଛୁରୀଙ୍କ ଖବର ମିଳେ, ସଙ୍ଗେ ସଙ୍ଗେ ଛୁଟି ଯାଆନ୍ତି। ଖାଇବା, ପିଇବା ଭୁଲି ସେ ଗୋରୁଙ୍କ ଚିକିତ୍ସାରେ ଲାଗି ପଡ଼ନ୍ତି। ସେବା ମନୋଭାବ ପାଇଁ କର୍ମକ୍ଷେତ୍ରରେ ସମସ୍ୟା ଦେଖାଦିଏ, ହେଲେ ଏସବୁକୁ ତାରାକାନ୍ତ ଭ୍ରୂକ୍ଷେପ କରନ୍ତି ନାହିଁ। ତାଙ୍କ ନଜରରେ ଗୋରୁ ଗାଈଙ୍କ ଜୀବନ ବି ମଣିଷ ଜୀବନ ସହ ସମାନ। ପ୍ରତି ମାସକୁ ସେ ଶତାଧିକ ଅସୁସ୍ଥ ଗୋରୁଙ୍କ ଚିକିତ୍ସା କରୁଛନ୍ତି। ଚିକିତ୍ସା ପାଇଁ ସେ କାହାକୁ ଟଙ୍କାଟେ ମାଗନ୍ତି ନାହିଁ। ବରଂ ନିଜ ଦରମାରୁ କାଟି ସେ ଗୋରୁଙ୍କ ସେବାରେ ଲଗାନ୍ତି। ୨୩ ବର୍ଷ ଭିତରେ ହଜାର ହଜାର ଗାଈ, ଗୋରୁ ଓ ଷଣ୍ଢଙ୍କର ଚିକିତ୍ସା ସେ କରିସାରିଲେଣି।

ଭୁବନେଶ୍ୱର, ଚନ୍ଦକା, ବାରଙ୍ଗ ଓ ଆଖପାଖ ଅଞ୍ଚଳରେ ଯେଉଁଠି ଯେତେବେଳେ ଗୋମାତାଙ୍କ ସମ୍ପର୍କରେ ଫୋନ ଆସେ ସେ ପହଞ୍ଚି ଯାଆନ୍ତି। ଯେଉଁଠି ଅଧିକ ଚିକିତ୍ସା ଆବଶ୍ୟକ ପଡେ ସେ ପେଶାଦାର ଡାକ୍ତରଙ୍କ ସହ ଯୋଗାଯୋଗ କରନ୍ତି। ଚିକିତ୍ସାର ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ମଧ୍ୟ ଖୋଦ ବହନ କରନ୍ତି। କେବଳ ଗୋ ସେବା କାହିଁକି କୁକୁର, ମାଙ୍କଡ, ପକ୍ଷୀ ଏବଂ ଅନ୍ୟାନ୍ୟ ଜୀବଜନ୍ତୁଙ୍କ ସେବା ମଧ୍ୟ ସେ କରୁଛନ୍ତି। ସେଥିପାଇଁ ସେ ବିଭିନ୍ନ ସମୟରେ ସମ୍ମାନିତ ହୋଇଛନ୍ତି। ସାମାଜିକ କାର୍ଯ୍ୟରେ ବଳିଷ୍ଠ ଯୋଗଦାନ ପାଇଁ ନିକଟରେ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟି କିଛି ଯୁବ ବର୍ଗଙ୍କୁ ସମ୍ମାନିତ କରିଛନ୍ତି। ଗତବର୍ଷ ନଭେମ୍ବର ୨ରେ ତାରାକାନ୍ତଙ୍କୁ ସମ୍ମାନିତ କରିଥିଲେ ରାଜ୍ୟପାଳ।

‘ସମ୍ମାନ ଆଗକୁ ବଢିବା ପାଇଁ ପ୍ରେରଣା ଯୋଗାଇଛି। ଯାତ୍ରା ଏଇଠି ସରୁନାହିଁ। ଶେଷ ନିଃଶ୍ୱାସ ଯାଏ ସେ ଏହି କାମ କରିବେ’ ବୋଲି କହିଛନ୍ତି ତାରାକାନ୍ତ ବେହେରା।

ତାରାକାନ୍ତ ବେହେରା କୁହନ୍ତି, ‘ଗୋ ସେବା ପାଇଁ ଅର୍ଥଠୁ ଅଧିକ ମନ ଦରକାର। ରୋଜଗାରର ଅଧା ଅର୍ଥ ଗୋ ସେବାରେ ଲଗେଇ ଦିଏ। ଏହା ସହିତ କିଛି ବନ୍ଧୁ ମଧ୍ୟ ସହଯୋଗ କରନ୍ତି।’

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୬ ଫେବୃୟାରୀ, ୨୦୨୬ ସୋମବାର





# ୨ ଲକ୍ଷ ଟଙ୍କା ସାଇବର ଠକେଇ : ଥାନାର ଦ୍ୱାରସ୍ଥ ହେଲେ ଦମ୍ପତି

**ଧାମନଗର, ନ୍ୟୁଜ ବ୍ୟୁରୋ**

ଧାମନଗର ଥାନା ଅନ୍ତର୍ଗତ ଖଡିପଦା ପଞ୍ଚାୟତ ଛତିଶ ବେଦପୁର ଗ୍ରାମର ଅଶୋକ କୁମାର ପତି ସାଇବର ଠକେଇର ସ୍ୱୀକାର ହୋଇଛନ୍ତି। ଠକେଇରେ ତାଙ୍କ ଆକାଉଣ୍ଟରୁ ମୋଟ ୧ ଲକ୍ଷ ୯୫ ହଜାର ଟଙ୍କା କଟିଯାଇଥିବା ଅଭିଯୋଗ ହୋଇଛି। ଏନେଇ ଅଶୋକ ଓ ତାଙ୍କ ପତ୍ନୀ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ରାତିରେ ଅଶୋକଙ୍କ ନିକଟକୁ ଏକ ଅଜଣା ଫୋନ କଲ୍ ଆସିଥିଲା। କଲ୍ କରୁଥିବା ବ୍ୟକ୍ତି ନିଜକୁ ବ୍ୟାଙ୍କ କର୍ମଚାରୀ ବୋଲି ପରିଚୟ ଦେଇ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଏସବିଆଇ ୟୋନୋ ଆପ୍ ଡାଉନଲୋଡ କରିବାକୁ କହିଥିଲେ। ସନ୍ଦେହବଶତଃ ଅଶୋକ ଏହାକୁ ମାନା କରିଦେଇଥିଲେ। ପରେ ହ୍ୱାଟସଆପ୍ ମାଧ୍ୟମରେ ଏକ ଲିଙ୍କ୍ ପଠାଯାଇଥିଲା। ଲିଙ୍କ୍ ଖୋଲିବା ସହିତ ତାଙ୍କ ମୋବାଇଲ୍ ହେଙ୍ଗ



ହୋଇଯାଇଥିଲା। ଏହାପରେ ତାଙ୍କ ବନ୍ଧନ ବ୍ୟାଙ୍କ୍ ଆକାଉଣ୍ଟରୁ ପ୍ରଥମେ ୯୦ ହଜାର ଟଙ୍କା ଏବଂ ପରେ ୫ ହଜାର ଟଙ୍କା କଟିଯାଇଥିବା ଜଣାପଡ଼ିଥିଲା। ଏହି ମୋବାଇଲ୍ ନମ୍ବର ତାଙ୍କ ପତ୍ନୀ ମଧୁସ୍ମିତା ପତିଙ୍କ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଆକାଉଣ୍ଟ ସହ ଯୋଡ଼ା ଥିବାରୁ, ତାଙ୍କ ଆକାଉଣ୍ଟରୁ ମଧ୍ୟ ୧ ଲକ୍ଷ ଟଙ୍କା କଟାଯାଇଥିବା ମେସେଜ୍ ମାଧ୍ୟମରେ ଜଣାପଡ଼ିଥିଲା। ଅଶୋକଙ୍କ ଘର ଖଡିପଦା ହୋଇଥିଲା ବେଳେ ସେ ବର୍ତ୍ତମାନ ଯାଜପୁରରେ ବସବାସ କରୁଛନ୍ତି। ଘଟଣା ସମ୍ବନ୍ଧରେ ଆଜି ଧାମନଗର ଥାନାରେ ପହଞ୍ଚି ଦମ୍ପତି ଲିଖିତ ଅଭିଯୋଗ କରିଥିଲେ। ଭଦ୍ରକରେ ନୂତନ ସାଇବର ଥାନା ଆରମ୍ଭ ହୋଇଥିବାରୁ, ପୋଲିସ୍ ପକ୍ଷରୁ ତାଙ୍କୁ ଭଦ୍ରକ ସାଇବର ଥାନାକୁ ପଠାଯାଇଥିବା ସୂଚନା ମିଳିଛି। ଘଟଣାରେ ପୋଲିସ୍ ତଦନ୍ତ ଜାରି ରଖିଛି।

# ଅବ୍ୟବସ୍ଥା ଘେରରେ ଆଦର୍ଶ ଆବାସିକ ବିଦ୍ୟାଳୟ

**ପାଞ୍ଚପୀଢ଼, ନ୍ୟୁଜ ବ୍ୟୁରୋ**

ପାଣି ପାଇଁ ସ୍କୁଲ ଛୁଟି, ୧୨୦ ଛାତ୍ର ଛାତ୍ରୀଙ୍କ ଭାଗ୍ୟ ଏବେ ସ୍କୁଲ ଅଧ୍ୟକ୍ଷଙ୍କ ହାତରେ, କଥା ଟିକିଏ ଅଡୁଆ ଲାଗି ପାରେ ହେଲେ ଏହାର ବାସ୍ତବ ଚିତ୍ର ଆସିଛି ଠାକୁରମୁଣ୍ଡା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରୁ, ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ଠାରେ ପ୍ରତିଷ୍ଠା ହୋଇଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଅବସ୍ଥା ଏବେ ନକହିବା ଭଲ, ଏହି ବିଦ୍ୟାଳୟ ୨୦୨୪ ମସିହା ଅକ୍ଟୋବର ମାସ ୨ ତାରିଖ ଦିନ ଉଦଘାଟନ ହୋଇ ଥିବା ବେଳେ ବିଦ୍ୟାଳୟରେ ପ୍ରଥମ ବର୍ଷ ଷଷ୍ଠ ଶ୍ରେଣୀରେ ୬୦ ଜଣ ଛାତ୍ର ଙ୍କୁ ଉକ୍ତ ସ୍କୁଲ ରେ ଆଡ଼ମିଶନ କରାଯାଇଥିଲା, ହେଲେ ନୂତନ ଭାବରେ ନିର୍ମାଣ ହେଉଥିବା ବିଦ୍ୟାଳୟର କିଛି କାର୍ଯ୍ୟ ବାକି ଥିବାରୁ ଆଡ଼ମିଶନ ହୋଇଥିବା ୬୦ ଜଣ ଛାତ୍ରଙ୍କୁ ଉଦଳା ଠାରେ ଥିବା ଏକଲବ୍ୟ ଆବାସିକ ବିଦ୍ୟାଳୟରେ ରଖାଯାଇ ସେଠାରେ



ପିଲା ମାନଙ୍କୁ ପାଠ ପଢା ଯାଉଥିଲା। ପରବର୍ତ୍ତୀ ବର୍ଷ ମଧ୍ୟ ୬୦ ଜଣଙ୍କୁ ଆଡ଼ମିସନ ନିଆ ଯାଇ ଥିଲା। ଷଷ୍ଠ ଓ ସପ୍ତମ ଶ୍ରେଣୀକୁ ମିଶାଇ ମୋଟ ୧୨୦ ଜଣ ଛାତ୍ର ଉଦଳା ଏକଲବ୍ୟ ଆବାସିକ ବିଦ୍ୟାଳୟରେ ରହି ଅଧ୍ୟୟନ କରୁଥିଲେ। କିନ୍ତୁ ୨ ବର୍ଷ ପରେ ଏହି ୧୨୦ ଜଣ ଛାତ୍ରଙ୍କୁ ଆଡ଼ମିଶନ ହୋଇ ଥିବା ନିଜ ବିଦ୍ୟାଳୟ ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ରହି ପାଠ ପଢ଼ାଇବାକୁ ଉଦଳା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରୁ ସ୍ଥାନାନ୍ତର ହୋଇ ଆସିଥିବା ଏହି ୧୨୦ ଜଣ ଛାତ୍ର ଏବେ ନିଜ ଏକଲବ୍ୟ ଆବାସିକ ବିଦ୍ୟାଳୟ ସାତକୋଶିଆ ଠାରେ ନଥିବାର ଜଣାପଡ଼ିଛି। ଏହି ଛାତ୍ର ମାନେ ଏବେ କେଉଁଠାରେ ରହି ଅଧ୍ୟୟନ କରୁଛନ୍ତି ତାହା ପ୍ରଶ୍ନ ବାଚି ସୃଷ୍ଟି କରିଛି। ଏ ବିଷୟରେ ଏକଲବ୍ୟ ଆଦର୍ଶ ସ୍କୁଲର ପ୍ରିନସପାଲ ପ୍ରଶାନ୍ତ କୁମାରଙ୍କ ପଚାରିବାରୁ ସେ କହିଲେ ବିଦ୍ୟାଳୟ ପରିସରରେ ପାଣି ସମସ୍ୟା ଥିବାରୁ ଛାତ୍ର ଛାତ୍ରୀଙ୍କୁ ତାଙ୍କ ଘରକୁ ପଠାଇ ଦେଇଛନ୍ତି ବୋଲି ପ୍ରକାଶ କରିଥିଲେ ଏବଂ ଏବିଷୟରେ ଜିଲ୍ଲା ପ୍ରଶାସନ ଓ ବିଭାଗିୟ ଅଧିକାରୀଙ୍କୁ ଜଣାଇ ଦେଇଥିବା ପ୍ରକାଶ କରିଥିଲେ। ଏବିଷୟରେ ଠାକୁରମୁଣ୍ଡା ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା ଙ୍କୁ ପଚାରିବାରୁ ସେ ଜାଣିନାହାନ୍ତି ବୋଲି କହିଥିଲେ। ତେବେ ଏଠାରେ ପ୍ରଶ୍ନ ଉଠେ କି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଅଧକ୍ଷ କାହାକୁ ଜଣାଇ ଏପରି ୧୨୦ଛାତ୍ରଙ୍କ ଭବିଷ୍ୟତ ଉପରେ ଖେଳୁଛନ୍ତି, ବର୍ତ୍ତମାନ ପରୀକ୍ଷା ଦେବାର ସମୟ ଏହି ସମୟରେ ସ୍କୁଲ ବନ୍ଦ କରିବା କେତେଦୂର ଯୁକ୍ତିଯୁକ୍ତ ବର୍ତ୍ତମାନ ରାଜ୍ୟ ସରକାର ହେଉ କିମ୍ବା କେନ୍ଦ୍ର ସରକାର ଶିକ୍ଷା ନୀତିକୁ ପରିବର୍ତ୍ତନ କରିବାକୁ ପ୍ରଚେଷ୍ଟା କରୁଥିବା ବେଳେ, ବିଧାୟକ କରଞ୍ଜିଆଙ୍କ ନିଜସ୍ୱ ବ୍ଲକରେ ଗତ ୧୪ଦିନ ପାଣି ପାଇଁ ସ୍କୁଲରେ ତାଲା ପଡିଥିବା ବେଳେ ଏ ସମ୍ପର୍କରେ ବିଧାୟକ ଜାଣି ଛନ୍ତି କି ନାହିଁ ? ଯଦି ଜାଣି ଛନ୍ତି ତେବେ ବିଦ୍ୟାଳୟରେ ତୁରନ୍ତ ପାଣି ସମସ୍ୟା ଦୂର କରିବା ଦିଗରେ ଠୋସ ପଦକ୍ଷେପ ଗ୍ରହଣ କରିବେ କି ? ବର୍ତ୍ତମାନ ରାଜ୍ୟରେ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ, ସେହିପରି ଜିଲ୍ଲାପାଳ ମଧ୍ୟ ଆଦିବାସୀ ହଇଥିବା ବେଳେ ସ୍ଥାନୀୟ ବିଧାୟକ ମଧ୍ୟ ଆଦିବାସୀ ତଥାପି ଗୋଟିଏ ଆଦିବାସୀ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟକୁ ପାଣି ପାଇଁ ୧୪ଦିନ ବନ୍ଦ କରିବା ଏକ ଆଦିବାସୀ ମାନଙ୍କ ଉପରେ ଅନ୍ୟ ଆଦିବାସୀ ବାବୁ ମାନଙ୍କ ଅତ୍ୟାଚାର ନାହିଁ ତ, ଆଦିବାସୀ ସ୍କୁଲ ନାମରେ କୋଟି କୋଟି ଟଙ୍କାର ବ୍ୟୟ ଅଟକଳ ରେ ନିର୍ମାଣ ହୋଇଥିବା ସ୍କୁଲରେ ସାମନ୍ୟ ପାଣି ପାଇଁ ସ୍କୁଲ ବନ୍ଦ ହେବା ସ୍ଥାନୀୟ ଲୋକେ ଗ୍ରହଣ କରି ପାରୁନାହାନ୍ତି, ଯଦି ସ୍କୁଲ ଟି ତୁରନ୍ତ ଖୋଲିବା ଦିଗରେ ସ୍ଥାନୀୟ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ ନ କରାଯାଏ ତେବେ ଆଗାମୀ ଦିନରେ ଏକ ବଡ଼ ଆନ୍ଦୋଳନକୁ ସାମ୍ନା କରିବ ଜିଲ୍ଲା ପ୍ରଶାସନ।

# କେନ୍ଦୁପତ୍ର ଉତ୍ପାଦନକୁ ସୁସଂଗଠିତ କରିବା ନମନ୍ତେ ପରାମର୍ଶ

**ପାଟଣାଗଡ, ନ୍ୟୁଜ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ପାଟଣାଗଡ ଉପଖଣ୍ଡ ଅନ୍ତର୍ଗତ ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା କେନ୍ଦୁପତ୍ର ରେଞ୍ଜ କାର୍ଯ୍ୟାଳୟ ଠାରେ ରେଞ୍ଜ ସ୍ତରୀୟ ୨୦୨୬ ବର୍ଷ ପାଇଁ କେନ୍ଦୁ ପତ୍ର ଉତ୍ପାଦନ ସଂପର୍କିତ ବୈଠକ ରେଞ୍ଜ ଅଧିକାରୀ ଦୀନବନ୍ଧୁ ପଟେଲଙ୍କ ଅଧ୍ୟକ୍ଷତା ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ମୁଖ୍ୟ ଅତିଥିରୁପେ ପାଟଣାଗଡ଼ ଡିଏଫଓ ସୁରେଶ ଚନ୍ଦ୍ର ସେଠି ଓ ଏସିଏଫ ପ୍ରଭାତୀ ସେଠ ଯୋଗଦେଇଥିଲେ। ବୈଠକରେ ଗତ ୨୦୨୫ ମସିହାରେ କେନ୍ଦୁପତ୍ର ସଂଗ୍ରହ କାର୍ଯ୍ୟରେ ସିଜିନାଲ କର୍ମଚାରୀମାନଙ୍କ ଉତ୍କୃଷ୍ଟ ଅବଦାନକୁ ପ୍ରଶଂସା କରାଯାଇଥିଲା। ଏହାସହ ଚଳିତ ବର୍ଷ କେନ୍ଦୁପତ୍ର ଉତ୍ପାଦନକୁ ଆହୁରି ସୁସଂଗଠିତ ଓ ଗୁଣାତ୍ମକ ଭାବେ କିପରି କରାଯାଇ ପାରିବ ସେନେଇ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଫରେଷ୍ଟର ଉପେନ୍ଦ୍ର ଧରୁଆ, ସତ୍ୟନାରାୟଣ ପଟେଲ, ଫରେଷ୍ଟ ଗାର୍ଡ ପଦ୍ମବା





ସେଠି, ଦୀପାଞ୍ଜଳି ସାହୁ, ସବିତା ସୁନାନି, ଅଲିଭା ଦୀପ, ଦେବାଶିଷ ମହାପାତ୍ର ଓ ଡିଇଓ ସୁଦର୍ଶନ ରାଜହଂସିଆ ଉପସ୍ଥିତ ଥିଲେ। ଶେଷରେ ଗତବର୍ଷ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଥିବା ବେହେରାମୁଣ୍ଡା ଫଡି ମୁନ୍ସୀ ବଳଦେବ ମାଝୀ ଏବଂ ଚାବିରୀପାଲି ଫଡୀସାଥି ଶୁକ୍ରୁ ବରିହା ଓ ଅନାଦି ବରିହାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ବୈଠକରେ ରେଞ୍ଜର ସମସ୍ତ ସିଜିନାଲ କର୍ମଚାରୀ, ଚେକର, ମୁନ୍ସୀ ଓ ଫଡୀସାଥିମାନେ ଯୋଗଦେଇଥିଲେ।

# ବିଶାଳ ହିନ୍ଦୁ ସମ୍ମିଳନୀରେ ବୌଦ୍ଧିକ ସଭା

**କଣ୍ଟାବାଞ୍ଜି, ନ୍ୟୁଜ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସ୍ଥିତ ଶ୍ରୀରାମ ମନ୍ଦିର ପରିସରର ବାବାଜୀ କୁଟିଆ ସମ୍ମୁଖରେ ଏକ ବିରାଟ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମ କମିଟିର ସଭାପତି ଭାବରେ ପ୍ରଦୀପ ନାରାୟଣ ଖଣ୍ଡେଲୱାଲ, ସମ୍ପାଦକ ଚିନ୍ମୟ କୁମାର ଯୋଶୀ ନେତୃତ୍ୱରେ ସକାଳ ୭.୩୦ ଘଂଟାରେ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ଗାୟତ୍ରୀ ମନ୍ଦିର ସମ୍ମୁଖରୁ ଶ୍ରୀରାମ ମନ୍ଦିର ପର୍ଯ୍ୟନ୍ତ କଳସ ଯାତ୍ରାରେ ପ୍ରଭାତ ପ୍ରହରୀ ସଦସ୍ୟ, ଶିଶୁ ମନ୍ଦିର ଶିକ୍ଷକ ଶିକ୍ଷୟିତ୍ରୀ ସହ ସ୍ଥାନୀୟ ଭକ୍ତ ଯୋଗ ଦେଇଥିଲେ ପରେ ରାମ ମନ୍ଦିର ପରିସରରେ ସକାଳ ୧୦ ଘଣ୍ଟାରେ ପଞ୍ଚକୁଣ୍ଡିୟ ଗାୟତ୍ରୀ ମହା ଯଜ୍ଞ ଓ ଭଜନ ପରିବେଷଣ ପଣ୍ଡିତ ସିଦ୍ଧାନ୍ତ ତାଙ୍କର ସହଯୋଗିଙ୍କ ଦ୍ୱାରା କରାଯାଇଥିବା ବେଳେ ୧୨ ଘଣ୍ଟା ସମୟରେ ବୌଦ୍ଧିକ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା ଯେଉଁଥିରେ ମୁଖ୍ୟ ଅତିଥି ଭାବେ, ସାଧୁ ପ୍ରଭାକର ଦାସସତ୍ୟ ମହିମା ଆଶ୍ରମ ନରଲା ଜିଲ୍ଲା- କାଳାହାଣ୍ଡିରୁ ଓ ମୁଖ୍ୟ ବକ୍ତା ଭାବେ ଘନଶ୍ୟାମ ପ୍ରଧାନ ପ୍ରାଦେଶିକ ସଂଯୋଜକ ସାମାଜିକ ସମନ୍ୱୟ ଆରଏସଏସ ଓଡ଼ିଶା ପଶ୍ଚିମ ରୁ ଯୋଗ ଦେଇ



ହିନ୍ଦୁ ସମ୍ମେଳନୀ ଉପଦେଶ ବିଷୟରେ ଆଲୋଚନା କରିବା ସହ ଭାରତ ଦେଶର ହିନ୍ଦୁ ସଂସ୍କୃତି ସମସ୍ତଙ୍କ ମଙ୍ଗଳ କାମନା କରିବା ସହ ବିଶ୍ୱର ନେତୃତ୍ୱ କରିବା ଶକ୍ତି ରଖେ ବୋଲି ନିଜର ବକ୍ତବ୍ୟ ରେ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଶୋକ ଛାପଡିଆ, ନବଲ ମିଶ୍ର, ବେଦବ୍ୟାସ ନାଗ, ରାଜୁ ଶର୍ମା, ଦେବରାଜ ଯାଦବ, ମୁରାରୀ ଅଗ୍ରୱାଲ, ସଞ୍ଜୟ ସୁନା, ଘନଶ୍ୟାମ ବେହେରା, ଉତ୍ତମ ନାଗ, ନିଶି ମହାପାତ୍ର, ସୁଧୀର ବେହେରା, ଲଳିତ ଅଗ୍ରୱାଲ, ସନ୍ତୋଷ ଲାଠୋରୀୟ, ଶଙ୍କର ପୁଟେଲ, ପ୍ରଦୀପ ବାଗ ସହ ଅନ୍ୟ ଭକ୍ତ ଓ ସହଯୋଗୀ ଯୋଗ ଦେଇ ସହଯୋଗ କରିଥିଲେ ।

# କୁଆଖାଇ ନଦୀ ପଠାରେ ଅଗ୍ନିକାଣ୍ଡ : ବହୁ ମୂଲ୍ୟବାନ ଗଛ ଜଳିଗଲା

**କଟକ, ନ୍ୟୁଜ ବ୍ୟୁରୋ**

କଟକ ସଦର ଥାନା ଅନ୍ତର୍ଗତ ପୁରୁଣା କାଚରାମାଳ ସ୍ଥିତ କୁଆଖାଇ ନଦୀ ପଠାରେ ଅଗ୍ନିକାଣ୍ଡ । ସୂଚନାଯୋଗ୍ୟ କେହି ଦୁର୍ବୃତ୍ତ କୁଆଖାଇ ନଦୀ ପଠାରେ ନିଆଁ ଲଗାଇ ଦେଇଥିବାରୁ ବନ ବିଭାଗ ପକ୍ଷରୁ ଏକର ଏକର ଜାଗାରେ ରୋପଣ କରାଯାଇଥିବା



ଗଛଗୁଡିକ ମଧ୍ୟ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଏହି ଗଛ ମଧ୍ୟରେ ଆକାଶୀ, ଶାଗୁଆନ, ଆମ୍ବ, ପଣସ, ଚାକୁଣ୍ଡା, ପଟାସ, ଅର୍ଜୁନ ଭଳି ଲକ୍ଷ ଲକ୍ଷ ଟଙ୍କାର ମୂଲ୍ୟବାନ ଗଛ ଚାରା କିଛି ବର୍ଷ ତଳେ ଏହି ନଦୀ ପଠାରେ ଫୁଲନଖରା ଡିଭିଜନ ବନାଞ୍ଚଳ ବନ ବିଭାଗ ପକ୍ଷରୁ ରୋପଣ କରାଯାଇ ଗୋରୁଗାଈ କବଳରୁ ଗଛ ଗୁଡିକୁ ରକ୍ଷା କରିବା ପାଇଁ ତାର ବାଡ଼ ବୁଲା ଯାଇଥିଲା କିନ୍ତୁ କେହି ଦୁର୍ବୃତ୍ତ ଶନିବାର ମଧ୍ୟାହ୍ନରେ ନିଆଁ ଲଗାଇ ଦେବାରୁ ସବୁ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଏଠାରେ ପ୍ରକାଶ ଥାଉକି ଏହି ନଦୀ ପଠାରୁ ଦିନ ଓ ରାତି ସମୟରେ ଅନେକ ସମୟରେ ବାଲି ଚୋରା ଚାଲାଣ ହେଉଥିବା ନଜର ରହିଛି। ତେବେ ବାଲି ଚୋରା ଚାଲାଣ ପାଇଁ ଏହି ଭଳି କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଲୋକଙ୍କ ଠାରୁ ଖବରପାଇ ପାହାଳ ଦମକଳ କେନ୍ଦ୍ରରୁ ଦୁଇଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ଥିଲେବି ସମ୍ପୃକ୍ତ ସ୍ଥାନକୁ ଯିବାକୁ ଅଣଓସାରିଆ ରାସ୍ତା ଥିବାରୁ ଦମକଳ ବାହିନୀ ନିଆଁକୁ ଆୟତ୍ତ କରିପାରିନଥିବା ସୂଚନା ମିଳିଛି।

# ଚୌଦ୍ୱାର ଜେଲ୍‌ରୁ ଫେରାର କଏଦୀ ବୃନ୍ଦାବନରୁ ଗିରଫ

**କଟକ, ନ୍ୟୁଜ ବ୍ୟୁରୋ**

କଟକ ଚୌଦ୍ୱାରସ୍ଥିତ ରାଜ୍ୟର ସର୍ବବୃହତ୍ ମଣ୍ଡଳ କାରାଗାରରୁ ଫେରାର ଦୁଇ ଜଣ ଦୁର୍ଦ୍ଧାନ୍ତ ଅପରାଧୀଙ୍କ ମଧ୍ୟରୁ ଜଣକୁ ଓଡ଼ିଶା ପୁଲିସ ଉତ୍ତରପ୍ରଦେଶର ବୃନ୍ଦାବନରୁ ଗିରଫ କରିଛି। ଓଡ଼ିଶା ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ବୃନ୍ଦାବନର ଏକ ମଠରୁ ଅଭିଯୁକ୍ତ ମଧୁକାନ୍ତ କୁମାରକୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ରାଜା ସାହାଣୀକୁ ଖୋଜୁଛି। ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଗତବର୍ଷ ଅକ୍ଟୋବର ୨ତାରିଖରେ ବିହାରର ମଧୁକାନ୍ତ କୁମାର ଓ ରାଜା ସାହାଣୀ ପାଚେରି ଡେଇଁ ଚମ୍ପଟ ମାରିଥିଲେ। ଉଭୟ ଦଶହରାର ସୁଯୋଗ ନେଇ ଚାଞ୍ଚଲ୍ୟକର ଢଙ୍ଗରେ ଏଭଳି କାଣ୍ଡ କରିଥିଲେ। ୨୦୨୫, ଜାନୁଆରୀ ୪ ତାରିଖରେ ଯାଜପୁରଜିଲ୍ଲା ପାଣିକୋଇଲିରେ ଥିବା ପଣ୍ଡା ଅଳଙ୍କାର ଲୁଟ୍ ଓ ୨ଜଣଙ୍କୁ ସ୍ପଷ୍ଟ ଦିବାଲୋକରେ ଗୁଳି କରି ହତ୍ୟା ଘଟଣାରେ




ଗିରଫ ହୋଇଥିଲେ ଏହି ଦୁଇ ବିହାରୀ ଅପରାଧୀ। ସେମାନେ ଯାଜପୁର ରଗଡ଼ି ଜେଲ୍‌ରେ ଥିଲା ବେଳେ ଅଧିକ ସୁରକ୍ଷା ଦୃଷ୍ଟିରୁ ୮ ମାସ ତଳେ ତାଙ୍କୁ ଚୌଦ୍ୱାର ଜେଲକୁ ସ୍ଥାନାନ୍ତର କରାଯାଇଥିଲା। ଚୌଦ୍ୱାର ଜେଲର ଦୁଇଟି ସ୍ୱତନ୍ତ୍ର ସେଲ୍‌ରେ ସେମାନଙ୍କୁ ରଖାଯାଇଥିଲା। ପୂର୍ବରୁ ମଧ୍ୟ ଏହି ଦୁଇଜଣ ଜେଲରୁ ଖସିଯିବା ପାଇଁ ଯୋଜନା କରୁଥିବା ବେଳେ ପାଖରେ ରଖିଥିବା ଏକ ଆରି ପାତକୁ ଜେଲ୍ କର୍ତ୍ତୃପକ୍ଷ ଜବତ କରିଥିଲେ। ଘଟଣା ଦିନ ଜେଲ୍ ପରିସରରେ ଦଶହରା ପୂଜାକୁ ନେଇ ପାର୍ବଣ ଉତ୍ସବ ଜମିଥିବା ବେଳେ ଦୁଇଜଣଯାକ ଦୁଇଟି ସେଲ୍‌ର ଲୁହା ରଡ୍‌କୁ କାଟି ପାଚେରି ପାଖକୁ ଯାଇଥିଲେ। ଜେଲ୍‌ରୁ ମିଳିଥିବା କମ୍ବଳ, ବେଡସିଟ୍ ଓ ନିଜର ପିନ୍ଧା ପ୍ୟାଣ୍ଟ୍ ସାହାଯ୍ୟରେ ପୂର୍ବରୁ ପ୍ରସ୍ତୁତ କରି ରଖିଥିବା ଦଉଡ଼ିରେ ଏକ କାଠଫାଳିଆ ସାହାଯ୍ୟରେ ପାଚେରି ଡେଇଁ ପଳାଇଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଥିଲା। ଦୁଇ ଅପରାଧୀ ଫେରାର ପରେ ତତ୍‌କାଳୀନ ଜେଲ ଡିଜି ସୁଶାନ୍ତ କୁମାର ନାଥ, କଟକ ଡିସିପି ଖିଲାରି ଋଷିକେଶ ଦ୍ୟାନଦେଓ, ଚୌଦ୍ୱାର ଥାନା ଭାରପ୍ରାପ୍ତ ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ ଜେଲରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। କଟକରୁ ସନ୍ଧାନୀ ପୁଲିସ କୁକୁରକୁ ଅଣାଯାଇ ଜେଲ ପରିସର ଏବଂ ଏହାର ଚାରିପଟେ ଛାନ୍‌ଭିନ୍ କରାଯାଇଥିଲା। ଜେଲ କର୍ତ୍ତୃପକ୍ଷଙ୍କ ଅଭିଯୋଗ ଆଧାରରେ ଚୌଦ୍ୱାର ଥାନାରେ (କେସ୍ ନମ୍ବର ୫୯୪/୨୫) ଏକ ମାମଲା ରୁଜୁ ହୋଇଛି। ଅନ୍ୟପଟେ ଜେଲ ଡିଜିଙ୍କ ନିର୍ଦ୍ଦେଶରେ ରାତିରେ ଡ୍ୟୁଟିରେ ଥିବା ୱାର୍ଡର ସିଦ୍ଧାନ୍ତ ସାହୁ ଓ ଚିଫ୍ ୱାର୍ଡର ଭଗତ ରାମ୍‌ଙ୍କୁ ନିଲମ୍ବିତ କରାଯାଇଛି। ଘଟଣାର ତଦନ୍ତ ଭାର ଜେଲ୍ ଡିଆଇଜି ଅନୁସୂୟା ଜେନାଙ୍କୁ ପ୍ରଦାନ କରାଯାଇଛି। ତଦନ୍ତରେ ଯଦି କେ?ଣସି ବରିଷ୍ଠ ଅଧିକାରୀ କିମ୍ବା ଅନ୍ୟ କାହାର ସମ୍ପୃକ୍ତି ଥାଏ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜେଲ୍ ଡିଜି ଶ୍ରୀ ନାଥ ପ୍ରକାଶ କରିଛନ୍ତି। ଫେରାର କଏଦୀଙ୍କ ସଂପର୍କରେ କେହି ସୂଚନା ଦେଲେ କମିସନରେଟ୍ ପୁଲିସ ତରଫରୁ ୫୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ ପାଇଁ ଘୋଷଣା କରାଯାଇଛି। ସୂଚନାଦାତାଙ୍କ ପରିଚୟ ସମ୍ପୂର୍ଣ୍ଣ ଗୋପନ ରଖାଯିବ ବୋଲି ମଧ୍ୟ ପୁଲିସ ଏକ ବିଜ୍ଞପ୍ତି ଜାରି କରିଛି। ଏଥିପାଇଁ ପୁଲିସ ପକ୍ଷରୁ ଦୁଇଟି ଯୋଗାଯୋଗ ନମ୍ବର ୯୪୩୭୧୪୮୧୬୮, ୯୩୩୮୦୨୫୧୧୯ ଜାରି କରାଯାଇଛି। ପୂର୍ବରୁ ଚୌଦ୍ୱାର ଜେଲ୍‌ରେ ଏକାଧିକ କଏଦୀ ଚମ୍ପଟ ମାରିବାକୁ ଉଦ୍ୟମ କରିଥିଲେ ବି ଧରା ପଡ଼ିଯାଇଥିଲେ।

# ଏମକେସିଜିରେ ମାନସିକ ରୋଗୀଙ୍କୁ ରାସ୍ତା ଯନ୍ତ୍ରଣା

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ଏମକେସିଜି ମେଡ଼ିକାଲ କଲେଜ ଓ ହସ୍‌ପିଟାଲ୍‌କୁ ଆସୁଥିବା ମାନସିକ ରୋଗୀଙ୍କୁ ମିଳୁଛି ରାସ୍ତା ଯନ୍ତ୍ରଣା । ମାନସିକ ରୋଗ ବିଭାଗରୁ ଆଉଟ୍‌ଡ଼ୋର୍ ଓ ରକ୍ତ ପରୀକ୍ଷା କେନ୍ଦ୍ର ଏକ କିଲୋମିଟରରୁ ଅଧିକ ରାସ୍ତା ହେଉଛି ।






ଫଳରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ନାନା ହଇରାଣ ହେଉଛନ୍ତି । ବର୍ଷ ବର୍ଷ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ଏମ୍‌କେସିଜି କର୍ତ୍ତୃପକ୍ଷ କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ । ଯାହାକୁ ନେଇ ରୋଗୀ ସମ୍ପର୍କୀୟଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି । ଏମ୍‌କେସିଜି ମେଡ଼ିକାଲ୍‌ର ମାନସିକ ରୋଗ ବିଭାଗ କୋଠାଟି ମେଡ଼ିକାଲ୍‌ର ଦ୍ୱିତୀୟ ଫାଟକ ତଥା ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ରହିଛି । ହେଲେ ଏମ୍‌କେସିଜିର ରକ୍ତ ପରୀକ୍ଷା କେନ୍ଦ୍ର, ଏକ୍ସରେ ତଥା ସିଟିସ୍କାନ୍ ଏବଂ ଏମ୍‌ଆରଆଇ କେନ୍ଦ୍ର ନୂଆ ବସ୍‌ଷ୍ଟାଣ୍ଡ ଠାରୁ କିଲୋମିଟରରୁ ଅଧିକ ଦୂରରେ ରହିଛି । ମାନସିକ ରୋଗ ବିଭାଗକୁ ଆସୁଥିବା ରୋଗୀ ପ୍ରଥମେ ଆଉଟ୍ ଡ଼ୋରରେ ରୋଗ ଦେଖାଉଛନ୍ତି । ଡ଼ାକ୍ତରଙ୍କ ପରାମର୍ଶ କ୍ରମେ ଗୁରୁତର ରୋଗୀଙ୍କୁ ଇନ୍‌ଡ଼ୋରରେ ଭର୍ତି କରାଯାଉଛି । ଦ୍ୱିତୀୟ ଗେଟ୍ ନିକଟରେ ଥିବା ଅନ୍ତଃବିଭାଗ କୋଠାରେ ମୋଟ ୬୦ଟି ଶଯ୍ୟା ରହିଛି। ମହିଳାଙ୍କ ପାଇଁ ୩୦ଟି ଶଯ୍ୟା ରହିଥିବା ବେଳେ ପୁରୁଷଙ୍କ ପାଇଁ ଆଉ ୩୦ଟି ଶଯ୍ୟା ରହିଛି । ଅନ୍ତଃବିଭାଗର ରୋଗୀଙ୍କୁ ଡ଼ାକ୍ତରମାନେ ନନିୟମିତ ଭାବେ ଚିକିତ୍ସା କରୁଥିବା ବେଳେ ଅନେକ ସମୟରେ ରୋଗୀଙ୍କ ରକ୍ତ, ମଳ, ମୂତ୍ର ପରୀକ୍ଷା କିମ୍ବା ଏକ୍ସରେ, ସିଟିସ୍କାନ୍ ଓ ଏମ୍.ଆର.ଆଇ ପରୀକ୍ଷା କରିବାକୁ ପରାମର୍ଶ ଦେଉଛନ୍ତି । ଫଳରେ ସମ୍ପର୍କୀୟମାନେ ରୋଗୀଙ୍କୁ ଧରି ଏକ କି.ମି. ଦୂରରେ ଥିବା ଆରଡ଼ିସି ଓ ରଞ୍ଜନରଶ୍ମୀ ବିଭାଗକୁ ଯାଉଛନ୍ତି । ରକ୍ତ ନମୁନା ଦେବା ପରେ ରୋଗୀଙ୍କୁ ଆଣି ବିଭାଗରେ ଛାଡ଼ସିବା ପରେ ସମ୍ପର୍କୀୟମାନେ ପୁଣିଥରେ ଚାଲି ଚାଲି ଯାଇ ପରୀକ୍ଷା ରିପୋର୍ଟ ଆଣୁଛନ୍ତି । ଏପଟେ ମାନସିକ ରୋଗୀଙ୍କୁ ଏକୁଟିଆ ଛାଡ଼ି ଗଲେ ସେମାନେ ନାନା ପ୍ରକାର ଅଭାବନୀୟ କାର୍ଯ୍ୟକଳାପ କରୁଥିବା ନଜରକୁ ଆସୁଛି। ଏଣୁ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଜଣେ ରୋଗୀ ସମ୍ପର୍କୀୟ ଦାବି କରିଛନ୍ତି । ମାନସିକ ରୋଗର ଅନ୍ତଃବିଭାଗ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟାଟେରୀ ଚାଳିତ ଗାଡ଼ି ନିୟୋଜିତ କରାଯାଉ । ସେଥିରେ କେବଳ ସେହି ବିଭାଗର ରୋଗୀଙ୍କୁ ପରୀକ୍ଷାନିରୀକ୍ଷା ପାଇଁ ନେବା ଆଣିବା କରାଯାଉ । ସେହିପରି ରିପୋର୍ଟ ଆଣିବାକୁ ବହୁତ ବାଟ ଯିବାକୁ ପଡୁଥିବାରୁ ସେ ଦିଗରେ ମଧ୍ୟ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଣ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର





ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ


**ତା୧୬।୦୨।୨୦୨୬, ଫାଲ୍‌ଗୁନ ଦି୪ନ, ସୋମବାର**

**ସୂର୍ଯ୍ୟୋଦୟ- ଘ ୬।୧୮।୦୭ ଚନ୍ଦ୍ରୋଦୟ-ସଂଘ ୬।୦୫।୨୪**

**ଚତୁର୍ଦ୍ଦଶୀ-** ସଂଘ ୫।୩୬ ପର୍ଯ୍ୟନ୍ତ । ଶ୍ରବଣା ନକ୍ଷତ୍ର ରାଘ ୮।୪୯ ପର୍ଯ୍ୟନ୍ତ **ମକର ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର । **ଘାତ ଚନ୍ଦ୍ର-** ସିଂହ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ସଂଘ ୫।୩୬ ଗତେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୨୦ ଗତେ ଦିଘ ୭।୪୫ ମଧ୍ୟେ ଦିଘ ୪।୧୯ ଗତେ ଦିଘ ୪।୪୮ ମଧ୍ୟେ । **ପର୍ବୋତ୍ସବ-** ଶରଣ, ନଷ୍ଟ ଚନ୍ଦ୍ରୋପବାସ ଓ ନିଶାପାଳନ, ମହାଶିବରାତ୍ରି (ବୈଷ୍ଣବ) ।




**ମେଷ:** ଦିନଟି ଆପଣଙ୍କର ଶୁଭଫଳ ଦେବ । ଚାକିରୀ କ୍ଷେତ୍ରରେ ସନ୍ତୁଷ୍ଟ ଲାଭ କରିବେ । ଶରୀର ସୁସ୍ଥ ରହିବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପାରିବାରିକ ଜୀବନରେ ସୁଖ,ଶାନ୍ତି ରହିବ ।



**ବୃଷ:** ଶରୀର ସୁସ୍ଥ ରହିବ । ବ୍ୟବସାୟରେ ଲାଭବାନ୍ ହେବୋ ରୋଜଗାରର ପରିମାଣ ସ୍ଥିର ରହିବ । ଘରେ ପିଲାଙ୍କ ପାଇଁ ଚିନ୍ତିତ ହେବେ । ମହିଳାମାନେ ଗର୍ବୀ ହେବେ ।



**ମିଥୁନ:** ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ଆୟର ପରିମାଣ ବଢିବ । ଘରେ ଶାନ୍ତିର ବାତାବରଣ ରହିବ । ମାଲିମକଦ୍ଦମାରେ ଶୁଣାଣି ଆପଣଙ୍କ ସାପେକ୍ଷ ଜନିତ ହେବାର ସୂଚନା ।



**କର୍କଟ:** ଭ୍ରମଣ କରିବାର ସୁଯୋଗ ଜୁଟିପାରେ । ଦେହ ଭଲ ଓ ମନ ଭଲ ରହିବ । ରୋଜଗାର ମଧ୍ୟମ ଧରଣର ହେବ । ପାରିବାରିକ ଜୀବନ ସୁଖମୟ ହେବ । ମାଲିମକଦ୍ଦମା କ୍ଷେତ୍ରରେ ବିଜୟୀ ହେବେ ।




**ସିଂହ:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବ ନାହିଁ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ କଳହ ଓ ଅଶାନ୍ତି ଦେଖାଦେବାର ସୂଚନା ।




**କନ୍ୟା:** କର୍ମକ୍ଷେତ୍ରରେ ଆତ୍ମସନ୍ତୋଷ ଲାଭ ହେବ । ଶରୀର ସାମାନ୍ୟ ଅସୁସ୍ଥତା ଦେଖାଦେବ । ଆୟ ଓ ବ୍ୟୟ ସ୍ଥିର ରହିବ । ଘରେ ଖୁସିର ବାତାବରଣ ଲାଗି ରହିବ । ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ




**ତୁଳା:** ବିବାଦୀୟ ଘଟଣାରେ ନିରବ ରହିବା ଭଲ । ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ । ରୋଜଗାର ଠାରୁ ଖର୍ଚ୍ଚର ପରିମାଣ ଅଧିକ ହେବ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବାର ସୂଚନା ।



**ବିଛା:** ଅଯଥାରେ ଦୂରକୁ ଯାତ୍ରା କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ଦେଖାଦେଇପାରୋ ବ୍ୟୟର ମାତ୍ରା ଅଧିକ ହେବ । ପାରିବାରିକ ଅଶାନ୍ତି କଳହ ଦେଖାଦେଇପାରେ ।



**ଧନୁ:** କର୍ମକ୍ଷେତ୍ରରେ ସାହାଯ୍ୟ ସହଯୋଗ ପାଇ ଉପକୃତ ହେବେ । ରୋଜଗାରର ପରିମାଣ ସାମାନ୍ୟ ବଢିପାରେ । ଗୃହେ ଶାନ୍ତିର ବାତାବରଣ ରହିବ । ମହିଳାମାନେ ସୁଖୀ ହେବେ । ଶରୀର ସୁସ୍ଥ ରହିବ ।



**ମକର:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ବ୍ୟବସାୟରେ ଲାଭବାନ୍ ହେବେ । ରୋଜଗାର ସ୍ଥିର ରହିବ । ଘରେ ସୁଖ,ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ବନ୍ଧୁ ଦର୍ଶନ ସହ ଆମୋଦ ପ୍ରମୋଦର ସୁଅ ଛୁଟିବ ।



**କୁମ୍ଭ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ମତାନ୍ତର ଦେଖାଦେବା ଏଣୁ ମାନସିକ ଅସ୍ଥିରତା ଦେଖାଦେବ । ଖର୍ଚ୍ଚର ମାତ୍ରା ଅଧିକ ହେବ । ପାରିବାରିକ କଳହ ଓ ଅଶାନ୍ତି ଦେଖାଦେବ ।



**ମୀନ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ ନାହିଁ । ଏଣୁ ସାବଧାନତା ଅବଲମ୍ବନୀୟ । ଖର୍ଚ୍ଚର ପରିମାଣ ବଢିବ । କୁଭୋଜନ କରି ଉଦର ପୀଡା ଦେଖାଦେଇପାରେ । ପାରିବାରିକ ବିଶୃଙ୍ଖଳା ହେବାର ସମ୍ଭାବନା । ମନ ଅସ୍ଥିର ରହିବ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୭।୦୨।୨୦୨୬, ଫାଲ୍‌ଗୁନଦି୫ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୭।୧୭।୩୨ ଚନ୍ଦ୍ରୋଦୟ-ପ୍ରାଘ୬।୨୪।୪୧**

**ଅମାବାସ୍ୟା-** ସଂଘ୫।୩୪ପର୍ଯ୍ୟନ୍ତ । ଧନିଷ୍ଠାନକ୍ଷତ୍ରରାଘ୯।୧୭ପର୍ଯ୍ୟନ୍ତ **ମକରଚନ୍ଦ୍ର ଦିଘ୯।୦୬ପର୍ଯ୍ୟନ୍ତ** । **ଚନ୍ଦ୍ରଶୁଦ୍ଧି-**ମେଷ,କର୍କଟ, ତୁଳା,ବିଛା, ମକର,କୁମ୍ଭ, ମୀନ ରାଶିରଦିଘ ୯।୦୬ଗତେ ମେଷ,ବୃଷ,ସିଂହ,କନ୍ୟା,ବିଛା,ଧନୁ,କୁମ୍ଭରାଶିର **ଘାତ ଚନ୍ଦ୍ର-** ସିଂହ ରାଶିର ଦିଘ୯।୦୬ଗତେ ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-**ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-**ଆମିଷ ସଂଘ୫।୩୪ଗତେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୯।୧୧ ଗତେ ଦିଘ ୧୦।୫୪ ମଧ୍ୟେ ଦିଘ୧।୧୧ଗତେ ଦିଘ୧।୨୮ ମଧ୍ୟେ । ପର୍ବୋତ୍ସବ-ଫାଲ୍‌ଗୁନ ଅମାବାସ୍ୟା,ଶରଣ ।

ପ୍ରଭାତୀୟ
32 YEARS
ସମ୍ବାଦ କଳିକା

## ଇଞ୍ଜିନିୟରଙ୍କୁ ଏଆଇର ବ୍ଲାକ୍‌ମେଲ୍ ଏବଂ ହତ୍ୟା ଉଦ୍ୟମ

ଏଆଇର ବିପଦ ବିଷୟରେ ବାରମ୍ବାର ଚର୍ଚ୍ଚା ହେଉଛି । ଏକ ସଦ୍ୟ ମାମଲା ପୁଣି ଥରେ ଏଆଇର ଭୟଙ୍କର ରୂପକୁ ସାମ୍ନାକୁ ଆଣିଛି । ମାମଲା କ୍ଲଉଡ୍ ୪.୬କୁ ନେଇ, ଯାହା ଆନ୍ଥ୍ରୋପିକ୍ କମ୍ପାନିର ସଦ୍ୟତମ ଏଆଇ ମଡେଲ । ସେଫ୍ଟି ରିପୋର୍ଟରେ କମ୍ପାନି ଜୋର୍ ଦେଇ କହିଛି, କ୍ଲଉଡ୍ ୪.୬ ଏଆଇ ମଡେଲ ୟୁଜର୍ସଙ୍କୁ ରାସାୟନିକ ଅସ୍ତ୍ର ପ୍ରସ୍ତୁତିରେ ସାହାଯ୍ୟ କରିବାକୁ ଚାହେଁ । ଏପରିକି ଲୋକଙ୍କୁ ଅପରାଧରେ ମଧ୍ୟ ସାହାଯ୍ୟ କରିବାକୁ ଚାହେଁ । କ୍ଲଉଡ୍ ୪.୬କୁ ନେଇ ବିଶ୍ୱରେ ଚର୍ଚ୍ଚା ହେଉଥିବା ବେଳେ ଏହାର ପୂର୍ବ ସଂସ୍କରଣ କ୍ଲଉଡ୍ ୪.୫ ସମ୍ପର୍କରେ ତଥ୍ୟ କିଛି ଦିନ ତଳେ ସାମ୍ନାକୁ ଆସିଥିଲା । ଦ ସିଡ୍‌ନୀ ଡାଇଲଗ୍ ସହ ବାର୍ତ୍ତାଳାପରେ ଆନ୍ଥ୍ରୋପିକ୍‌ର ୟୁକେ ପଲିସି ଚିଫ୍ ଡେଜି ମ୍ୟାକ୍‌ଗ୍ରେଗର୍ ପରୀକ୍ଷଣ ସହ ସଂଶ୍ଳିଷ୍ଟ ଏକ ଘଟଣା ବିଷୟରେ କହିଥିଲେ । ଆଭ୍ୟନ୍ତରୀଣ ଚାପ ପରୀକ୍ଷଣରେ ସେତେବେଳେ କମ୍ପାନିର ଉନ୍ନତ ଏଆଇ ମଡେଲ କ୍ଲଉଡ୍ ୪.୫ ତ୍ରୁଟିପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରିଥିଲା । ଏହି ମଡେଲକୁ ବନ୍ଦ କରାଯିବ ବୋଲି କହିବା ପରେ ତାହା ବ୍ଲାକ୍‌ମେଲ୍ କରିବା ଆରମ୍ଭ କରିଦେଲା । ଏପରିକି ଜଣେ ଇଞ୍ଜିନିୟରଙ୍କୁ ହତ୍ୟା ଧମକ ମଧ୍ୟ ଦେଲା । ତାଙ୍କର ଏହି ଦାବି କୌଣସି ଫିଲ୍ମର କାହାଣୀ ଭଳି ମନେହେଉଛି, ଯେଉଁଠି ଏଆଇ ମଣିଷର ନିୟନ୍ତ୍ରଣ ବାହାରକୁ ଚାଲିଯାଏ । ଡେଜି ଶେୟାର କରିଥିବା ଏହି ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଉଦାହରଣ ଦେଇ ସେ କହିଛନ୍ତି, ଯଦି ଆପଣ ଏଆଇ ମଡେଲକୁ କହିବେ ଯେ ତାକୁ ବନ୍ଦ କରିଦିଆଯିବ ତା'ର ପ୍ରତିକ୍ରିୟା ଅତ୍ୟନ୍ତ ଉଗ୍ର ହୋଇଯିବ । ମଉକା ମିଳିଲେ ତାକୁ ବନ୍ଦ କରିବାକୁ ଯାଉଥିବା ଇଞ୍ଜିନିୟରଙ୍କୁ ସେ ବ୍ଲାକ୍‌ମେଲ୍ ବି କରିପାରେ। ସାକ୍ଷାତକାରରେ ତାଙ୍କୁ ପଚରାଗଲା, ଏହି ମଡେଲ କ'ଣ କାହାକୁ ମାରିବାକୁ ବି ପ୍ରସ୍ତୁତ ଥିଲା ? ଡେଜି କହିଲେ, ହଁ । ଏହା ନିଶ୍ଚିତ ରୂପେ ଗମ୍ଭୀର ଚିନ୍ତାର ବିଷୟ । କିଛି ଦିନ ତଳେ ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା, ଯାହା ପରେ କମ୍ପାନିର ଏଆଇ ସେଫ୍ଟି ପ୍ରମୁଖ ମୃଣାଙ୍କ ଶର୍ମା ନିଜ ପଦରୁ ଇସ୍ତଫା ଦେଲେ । ଏଆଇ ମଡେଲ ମଣିଷକୁ ଧମକ ଦେବାର ଏହା ପ୍ରଥମ ମାମଲା ନୁହେଁ । ଏହା ପୂର୍ବରୁ ଚାଟ୍ ଜିପିଟି ଓ ଅନ୍ୟ ଏଆଇ ମଡେଲଙ୍କ ସହ ବି ଏଭଳି ହୋଇଛି । ଏମାନେ ଏକ ମେସିନ୍‌ଠୁ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି । ଏଆଇ ଦିନକୁ ଦିନ ସ୍ମାର୍ଟ ହେବା ସହିତ ଲୋକଙ୍କ ଚିନ୍ତା ବଢ଼ାଉଛି । ପୂର୍ବରୁ ଏଆଇ ଲାଗି କେବଳ ଚାକିରି ଚାଲିଯିବା ମଧ୍ୟରେ ଲୋକଙ୍କ ଚିନ୍ତା ସୀମିତ ଥିଲା । କନ୍ତୁ ଏବେ କାହାଣୀରେ ଅନ୍ୟ ଗମ୍ଭୀର ବିଷୟ ଯୋଡ଼ି ହେବାରେ ଲାଗିଛି ।


# ଫାଲଗୁନ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ



ଜୟଶ୍ରୀ ପଟ୍ଟନାୟକ
ଗଙ୍ଗନଗର, ଭୁବନେଶ୍ୱର
ମୋ : ୭୯୭୮୧୧୦୪୭୪

ଧର୍ମ ସଂସ୍କୃତିକୁ କେନ୍ଦ୍ର କରି ଆମ ଓଡିଶାରେ ଅନେକ ପର୍ବପର୍ବାଣି ଓ ଓଷାବ୍ରତ ଅନୁଷ୍ଠିତ ହୁଏ । ଏହି ପର୍ବ ପର୍ବାଣି ଯୁଗ ଯୁଗ ଧରି ଆମର ସାମାଜିକ ଓ ଆଧ୍ୟାତ୍ମିକ ଚେତନାକୁ ସମୃଦ୍ଧ କରି ଆସିଛି । ଏହି ପରିପ୍ରେକ୍ଷୀରେ ଆମ ଉତ୍କଳୀୟ ଧର୍ମଧାରାରେ ପଞ୍ଚଦେବତାଙ୍କ ଉପାସନା କରାଯାଏ । ତେଣୁ ଗଣେଶ, ବିଷ୍ଣୁ, ଶିବ, ଦୁର୍ଗା ଓ ସୂର୍ଯ୍ୟଙ୍କୁ କେନ୍ଦ୍ରକରି ବର୍ଷସାରା ଅନେକ ପର୍ବପର୍ବାଣି ହୋଇଥାଏ । ଏହା ମଧ୍ୟରୁ ପ୍ରାକ୍ ବୈଦିକ ଯୁଗରୁ ଶୈବ ଚେତନାର ଅଧୀଶ୍ୱର ଶିବଙ୍କୁ କେନ୍ଦ୍ର କରି ଉତ୍କଳରେ ତଥା ସାରା ଭାରତରେ ହେଉଥିବା ତାଙ୍କର ପ୍ରିୟ ଚତୁର୍ଦ୍ଦଶୀ ମଧ୍ୟରୁ ଫାଲଗୁନ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିଟି ମହାଶିବରାତ୍ରି ନାମରେ ବିଦିତ । ଏହିଦିନ ଶିବ ବ୍ରତ କରୁଥିବା ନରନାରୀ ମାନେ ସଂଯମ ଓ ନିଷ୍ଠାର ସହ ରାତିସାରା ଉଜାଗର ରହି ମହାଯୋଗୀ ଶିବଙ୍କର ଉପାସନା କରିଥାନ୍ତି ଏବଂ ରାତିରେ ଉଜାଗର ରହି ଜାଗର ଯାତ୍ରା ପାଳିଥାନ୍ତି ତେଣୁ ଏହାର ଅନ୍ୟନାମ ଜାଗର ଯାତ୍ରା । ଶିବରାତ୍ରିରେ ଉପବାସ ହିଁ ପ୍ରଧାନ କର୍ମ । ସ୍ନାନ, ଦାନ, ବସ୍ତ୍ର, ଧୂପ, ଦୀପରେ ଓ ପୁଷ୍ପଦ୍ୱାରା ପୂଜାକଲେ ଶିବ ପ୍ରୀତ ଯେତିକି ହୋଇ ନ ଥାନ୍ତି ଉପବାସରେ ତତୋଧିକ ପ୍ରୀତ ରହିଥାନ୍ତି ଓ ମଣିଷର ମଙ୍ଗଳ କାମନା କରି ବର ଦିଅନ୍ତି । ଏହି ଶିବ ପୂଜାରେ ଦଧି, ଘୃତ, ଲହୁଣୀ, ଦୁଗ୍ଧ ମଧୁ ଓ ବିଲ୍ୱପତ୍ରରେ, ଦୁଦୁରା, ଗୟସ , ଓ ଅରଖ ଫୁଲରେ ପୂଜା କଲେ ଶିବ ସନ୍ତୁଷ୍ଟ ହୁଅନ୍ତି ଶିବଙ୍କ ଲିଙ୍ଗରେ ଜଳଲାଗି ମଧ୍ୟ କରାଯାଏ । ନୈବେଦ୍ୟ ପାଇଁ ଫଳମୂଳ, ଘୃତ ଓ ମିଷ୍ଟାନ୍ନ ଆବଶ୍ୟକ ହୁଏ । ଏକାମ୍ର ଚନ୍ଦ୍ରିକା, ଶିବପୁରାଣ, ଲିଙ୍ଗପୁରାଣ ଆଦି ଶୈବଗ୍ରନ୍ଥ ମାନଙ୍କରୁ ଏକଥା ସ୍ପଷ୍ଟ ଯେ ଶିବ ରାତ୍ରି ସର୍ବ ପାପନାଶକ, ପୁଣ୍ୟବର୍ଦ୍ଧକ ଓ ସର୍ବଜନବିଦିତ । ମନୁଷ୍ୟ ଏହି ବ୍ରତ ପାଳନ କଲେ ସର୍ବ ପାପରୁ ମୁକ୍ତ ହେବା ସଙ୍ଗେ ସଙ୍ଗେ ଶିବଲୋକ ପ୍ରାପ୍ତି ହୋଇଥାଏ । ଶିବରାତ୍ରି ବସନ୍ତ ଋତୁ ଓ ଫାଲଗୁନ ମାସରେ ପଡିଥାଏ । ଏହାର ତାତ୍ତ୍ୱିକ ତଥା ସାମାଜିକ ମୂଲ୍ୟବୋଧ ହେଉଛି ବସନ୍ତ ଋତୁରେ ମଣିଷ ମନରେ ଉନ୍ମାଦନା ଭରିଥିବାରୁ ମନ ଉଶୃଙ୍ଖଳ ଥାଏ ତେଣୁ ଏହି ବ୍ରତ ପାଳନ ଦ୍ୱାରା ମନକୁ ସଂଯମିତ କରାଯାଏ । ଶିବ ହେଉଛନ୍ତି ମହାଯୋଗୀ, ସେ ଆଶୁତୋଷ , ଶ୍ମଶାନ ନିବାସୀ, ଗଙ୍ଗାଧର, ଗଳାରେ ସର୍ପବେଷ୍ଟିତ ହୋଇ ସୁନ୍ଦରୀ ପାର୍ବତୀଙ୍କୁ ଅର୍ଦ୍ଧାଙ୍ଗରେ ଧାରଣ କରି ସେ ନିର୍ବିକାର । ତାଙ୍କର ବାହାନ ବୃଷଭ ଧର୍ମର ପ୍ରତୀକ । ତାଙ୍କର ଯୋଗ ଭଙ୍ଗ ହେଲେ ସେ ରୁଦ୍ର ଭୈରବ ରୂପ ଦେଖାନ୍ତି ଓ ତାଣ୍ଡବ ନୃତ୍ୟ କରନ୍ତି । ତେଣୁ ତାଙ୍କର ସନ୍ତୋଷ ବିଧାନ ନିମନ୍ତେ କାମ ଉଦ୍ଦୀପକ ବସନ୍ତ ଋତୁ ହେଉଛି ଯଥାର୍ଥରେ ସଂଯମର ପର୍ବ । ଯୋଗେଶ୍ୱର ଶିବ ଏହି ଶିବରାତ୍ରିରେ ସମସ୍ତ କାମନାକୁ ଜଳାଞ୍ଜଳି ଦେଇ ସଂଯମ ବ୍ରତ ଆଚରଣ କରି ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ଶିତଳଷଷ୍ଠୀରେ ସତୀ ପାର୍ବତୀଙ୍କୁ ବିବାହ ପରେ ଶାନ୍ତ ହୋଇଥିଲେ । ମହାଯୋଗୀ ଶିବ ଗରଳ ପାନକରି ନୀଳକଣ୍ଠ ହେଲେ ହେଁ ପରମ ଶାନ୍ତ କଲ୍ୟାଣ କର, ମଙ୍ଗଳକର । ତେଣୁ କୁହାଯାଇଛି ସେ କୋପେ ବର କି ତପେ ବର । ସେ ଦେବ ଦେବ ମହାଦେବ ଭାବରେ, ଗ୍ରହ ଶାନ୍ତ ନାଶକ, ମଙ୍ଗଳକାରକ ଭାବରେ ସକଳ କାମନା, ବାସନା ଓ ମୋହଠାରୁ ଉର୍ଦ୍ଧ୍ୱରେ ସେ ମହାଯୋଗୀ । ଶିବରାତ୍ରି ହେଉଛି ଯୋଗରାତ୍ରି । ତେଣୁ ଶିବରାତ୍ରିରେ ଅଖଣ୍ଡ ଦୀପ ଜାଳି ଶିବାର୍ଚ୍ଚନା କରାଯାଇ ଅଜ୍ଞାନ ଅନ୍ଧକାର ଓ କାମନା ବାସନାକୁ ବିନାଶ କରାଯାଏ । ଦେବ ଦେବ ମହାଦେବଙ୍କର ଅତିପ୍ରିୟ କେତକୀ ଫୁଲ ତେଣୁ ଶିବରାତ୍ରିରେ ଉପବାସ କରି ରାତିରେ ଦୀପ ଜାଳି କେତକୀ ଫୁଲ ଅର୍ପଣ କରି ଶିବ ପଞ୍ଚାକ୍ଷର ମନ୍ତ୍ରରେ ପଞ୍ଚ ଉପଚାର ପୂଜା କରିବା ଦ୍ୱାରା ପୁଣ୍ୟ ଅର୍ଜନ ହୁଏ । ଦେବ ଦେବ ମହାଦେବଙ୍କ କଣ୍ଠରେ ଗରଳ, ମସ୍ତକରେ ମନ୍ଦାକିନୀ ବା ଗଙ୍ଗା, ବାମାଙ୍ଗରେ ପାର୍ବତୀ କଟିଦେଶରେ ବ୍ୟାଘ୍ରଚର୍ମ ସୁଶୋଭିତ ସେ ସଂସାରୀ ହୋଇ ବି ମହାଯୋଗୀ । ଶିବ ଅର୍ଥ ମଙ୍ଗଳ । ସେ ସତ୍ୟ, ଶିବ, ସୁନ୍ଦରର ପ୍ରତୀକ । ପୁରାଣ ଅନୁସାରେ ଏହିଦିନ ତାଙ୍କର ଜନ୍ମୋତ୍ସବ ପାଳନ ହୁଏ । ଶିବରାତ୍ରି ପୂର୍ବରୁ ପ୍ରତ୍ୟେକ ଶିବ ମନ୍ଦିର ଧଉଳା ଯାଇ ରଙ୍ଗ ହୁଏ । ଆଲୋକ ମାଳାରେ ସଜ୍ଜିକରଣ କରାଯାଏ । ଶିବ ସ୍ତୋତ୍ର ପାଠ କରାଯାଏ ମନ୍ଦିରରେ ଶ୍ରଦ୍ଧାଳୁ ମାନଙ୍କ ଭିଡ ଜମେ । ପୂଜକ ଜଳ, ଦୁଧ, ନବାତ, କର୍ପୂର ମିଶାଇ ସୁବାସିତ ଜଳରେ ସ୍ନାନ କରାନ୍ତି । ଚନ୍ଦନ, ଫୁଲ, କର୍ପୂର, ବେଲପତ୍ର, ଦୁଦୁରା ଫୁଲ, ଗୟସ ଫୁଲରେ ଲିଙ୍ଗକୁ ସଜାଇ ଦିଅନ୍ତି ତାପରେ ଭୋଗରାଗ ହୁଏ । ଇଶାନ ସଂହିତା ଅନୁସାରେ ଶିବଲିଙ୍ଗ ରୂପରେ କୋଟି ସମ ତେଜ ଶିବ ଫାଲଗୁନ ଚତୁର୍ଦ୍ଦଶୀରେ ପ୍ରକଟ ହୋଇଥିଲେ ଶାସ୍ତ୍ରାନୁସାରେ ଫାଲଗୁନ ଚତୁର୍ଦ୍ଦଶୀରେ ଚନ୍ଦ୍ରମା ସୂର୍ଯ୍ୟଙ୍କର ନିକଟତର ହୋଇଥାନ୍ତି ଏବଂ ସେହି ସମୟରେ ଜୀବନ ରୂପୀ ଚନ୍ଦ୍ରମାଙ୍କ ସହିତ ଶିବରୂପୀ ସୂର୍ଯ୍ୟଙ୍କ ସହିତ ମିଳନ ହୋଇଥାଏ । ସୁର୍ଯ୍ୟଙ୍କର ଉତ୍ତରାୟଣ ଗତି ହୋଇ ଥିବାରୁ ଋତୁ ପରିବର୍ତ୍ତନ ହୁଏ କୁହାଯାଏ ଯେ ସୃଷ୍ଟିର ପ୍ରାରମ୍ଭରୁ ଏହିଦିନ ଅର୍ଦ୍ଧରାତ୍ରିରେ ଶିବଙ୍କର ନିରାକାରରୁ ସାକାର ତଥା ବ୍ରହ୍ମରୁ ରୁଦ୍ର ରୂପରେ ଅବତୀର୍ଣ୍ଣ ହୋଇଥିଲା । ପ୍ରଳୟ କାଳରେ ଏହିଦିନ ପ୍ରଦୋଷରେ ତାଣ୍ଡବ ନୃତ୍ୟକରି ତୃତୀୟ ନୟନରେ ବ୍ରହ୍ମାଣ୍ଡକୁ ଭସ୍ମୀଭୂତ କରିଥିଲେ । ସେ ପଶୁ ମାନଙ୍କର ଦେବତା ତେଣୁ ତାଙ୍କ ନାମ ପଶୁପତି । ଗଙ୍ଗାକୁ ଜଟାରେ ଧାରଣ କରିଥିବାରୁ ଗଙ୍ଗାଧର, ତାଙ୍କ ମଥା ଉପରେ ଦ୍ୱୀତୀୟା ଚନ୍ଦ୍ର ଥିବାରୁ ତାଙ୍କ ନାମ ଚନ୍ଦ୍ରଚୂଡ, ଚନ୍ଦ୍ରଶେଖର । ତାଙ୍କର ତିନୋଟି ନେତ୍ର ତେଣୁ କୁହାଯାଏ ତ୍ରୟମ୍ବୋକମ । ହସ୍ତରେ ଡମ୍ବରୁ ତେଣୁ ସେ ଡମ୍ବରୁଧର ଗଳାରେ ଅନନ୍ତ ବାସୁକୀ ନାଗ ତେଣୁ ସେ ନାଗେଶ୍ୱର । ସେ ପୁଣି ଉମାପତି ତାଙ୍କ ସାଥିରେ ଥାଏ ବାସୁଆ ବଳଦ କଣ୍ଠରେ ରୁଦ୍ରାକ୍ଷ । ବ୍ୟାଘ୍ରଚର୍ମ ପରିବେଷ୍ଟିତ ସଂସାରୀ ଯୋଗୀ । ଶିବରାତ୍ରି ଦିନଉପବାସ ଓ ରାତ୍ରିରେ ଜାଗର ଯାତ୍ରା ହେଉଛି ମୁଖ୍ୟ ଆକର୍ଷଣ । କୁହାଯାଏ ଯେ ସମୁଦ୍ର ମନ୍ଥନ ସମୟରେ ବାହାରିଥିବା ବିଷକୁ ଦେବ ଦେବ ମହାଦେବ ପିଇ ନୀଳକଣ୍ଠ ସାଜିଥିଲେ ତେଣୁ ସେ ନିଦ୍ରାରୁ ଜଗ୍ରତ ହେବା ପର୍ଯ୍ୟନ୍ତ ସମସ୍ତେ ରାତି ଉଜାଗର ରହି ତାଙ୍କୁ ଜାଗ୍ରତ ଅବସ୍ଥାରେ ଦେଖିଲା ପରେ ଉପବାସ ଭାଙ୍ଗିଥିଲେ । ଅର୍ଥାତ ଆମ ମାନଙ୍କର ଅଜ୍ଞାନ ରୂପୀ ଅନ୍ଧକାରକୁ ଦୂର କରି ଆଲୋକର ଚେତନା ଜାଗ୍ରତ କରିବା ପାଇଁ ଜାଗର ଯାତ୍ରାର ଅଭିପ୍ରାୟ । ତେଣୁ ରାତିସାରା ଉଜାଗର ରହି ପ୍ରଭୁ ନିଦ୍ରାରୁ ଜାଗ୍ରତ ହେବା ପର୍ଯ୍ୟନ୍ତ ପାଳନ ହୁଏ ଜାଗର ଯାତ୍ରା । ମନ୍ଦିରରେ ମହାଦୀପ ଉଠିବା ପର୍ଯ୍ୟନ୍ତ ଚାଲିଥାଏ ଭଜନ କୀର୍ତନ । ମହାଦୀପ ଉଠିଲେ ଠାକୁରଙ୍କୁ ଦର୍ଶନ କରିସାରିଲା ପରେ ଖାଦ୍ୟ ଗ୍ରହଣ କରାଯାଏ । ଶିବ ହେଉଛନ୍ତି ଅଖଣ୍ଡ ବରଦାୟକ ଗ୍ରହରିଷ୍ଟ ଖଣ୍ଡନ ଦେବ । ତେଣୁ ଜଳାଭିଷେକ, ରୁଦ୍ରାଭିଷେକ କରାଯାଏ ଗ୍ରହରିଷ୍ଟ ଖଣ୍ଡନ ପାଇଁ । ଈଶ୍ୱରୀୟ ପ୍ରଜାପତି ଭକ୍ତମାନେ ଶିବଙ୍କୁ ଆରାଧ୍ୟ ଦେବତା ବୋଲି ମାନିଥାନ୍ତି । କୁମାରୀ କନ୍ୟାମାନେ ଭଲ ବର ପାଇବା ସକାଶେ କରିଥାନ୍ତି ଶିବପୂଜା । ଆମ ଓଡିଶାର ପ୍ରସିଦ୍ଧ ଶୈବପୀଠ ଯଥା ଭୁବନେଶ୍ୱରର ଲିଙ୍ଗରାଜ, ଢେଙ୍କାନାଳର କପିଳାସ, ମୁକ୍ତେଶ୍ୱରର ଅଷ୍ଟଶମ୍ଭୂ , ଭଦ୍ରଖ ଆରଡି ସ୍ଥିତ ଆଖଣ୍ଡଳମଣି, ପୁରୀ ଲୋକନାଥ, କୋରାପୁଟର ଗୁପ୍ତେଶ୍ୱର, କଟକ ଧବଳେଶ୍ୱର, ନୟାଗଡ ଲଡୁକେଶ୍ୱର, ବାଲେଶ୍ୱରର ଚନ୍ଦନେଶ୍ୱର ଆଦି ଶୈବପୀଠ ମାନଙ୍କରେ ମହାଶିବରାତ୍ରି ଓ ଜାଗରଯାତ୍ରା ଅନୁଷ୍ଠିତ ହୁଏ ଏବଂ ମହାଦୀପ ଉଠିବା ପର୍ଯ୍ୟନ୍ତ ଭକ୍ତମାନେ ମନ୍ଦିରରେ ଭଜନ, କୀର୍ତ୍ତନରେ ମଜ୍ଜି ରହିଥାନ୍ତି । ମହାଦୀପ ଉଠିବା ପରେ ଶିବପ୍ରସାଦ ସେବନ କରି ଜଳଯୋଗ କରନ୍ତି ।





**ଶ୍ରୀମଦ୍ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ**

## ଅଧ୍ୟାତ୍ମ ଜୀବନ ଲାଭ ପାଇଁ ଉପାୟ ଓ ପ୍ରସ୍ତୁତି

### ପ୍ରଥମେ ବିଶ୍ୱାସ

ବିଶ୍ୱାସ ଦ୍ୱାରା ଅସମ୍ଭବ ସମ୍ଭବ ହୋଇପାରେ। ବିଶ୍ୱାସ ରୂପକ ନୌକାରେ ବସି ହଲଚଲ ହେବା କିମ୍ବା ସଂଶୟ କରିବା ଅର୍ଥ ଆଣ୍ଠୁଏ ଜଳରେ ବୁଡି ମରିବା ବ୍ୟତୀତ ଆଉ ବା କଣ ହୋଇପାରେ । ଆଶା ହିଁ ଜୀବନ, ସବୁ ଶକ୍ତି ଓ ଚେଷ୍ଟାର ଉତ୍ସ । ଆଶା ନ ଥିଲେ ଜଣକୁ ନିର୍ଜୀବ ବା ଜୀବନ୍ମୃତ ବୁଝିବାକୁ ହେବ । ଯେ ପର୍ଯ୍ୟନ୍ତ ଶ୍ୱାସ ଅଛି ସେ ପର୍ଯ୍ୟନ୍ତ ଆଶା ଅଛି । ତେଣୁ ଭଗବାନଙ୍କୁ ପାଇବାର ଆଶା ମୃତ୍ୟୁ ପର୍ଯ୍ୟନ୍ତ ଛାଡିବାର ନୁହେଁ । ଭଗବାନ ଇଚ୍ଛା କଲେ ଯେ କୌଣସି ମୁହୂର୍ତ୍ତରେ ଅଥବା ଅନ୍ତିମ କାଳରେ ଦର୍ଶନ ଦେଇ ପାରିବେ ।

### ଈଶ୍ୱରାନୁଭୂତି ପାଇଁ ଆତ୍ମ ବିଶ୍ୱାସ

ନିଜକୁ ଦୁର୍ବଳ ମନେ କର ନାହିଁ । ନିଜ ଉପରେ ପୂର୍ଣ୍ଣ ବିଶ୍ୱାସ ରଖ। ସର୍ବଦା ଭାବ ଆମର ଅସାଧ୍ୟ କିଛି ନାହିଁ । ଆମେ ସବୁ କରିପାରିବା । ମନ ପାଖରେ ପରାଜୟ ସ୍ୱୀକାର କରିବ କାହିଁକି ? ଜାଣିରଖ, ମନକୁ ବଶ କରିପାରିଲେ ଜଗତ ଓ ସମସ୍ତ ଇନ୍ଦ୍ରିୟ ତୁମ ବଶରେ ରହିବ । ତୁମେ ବିଶ୍ୱଜୟୀ ହେବ । ଯାହାର ନିଜ ଉପରେ ବିଶ୍ୱାସ ନାହିଁ, ତାହାର ଈଶ୍ୱରାନୁଭୂତି ହୁଏ ନାହିଁ । ତା କଥା ମଧ୍ୟ କେହି ଶୁଣନ୍ତି ନାହିଁ ।

ଭଗବାନଙ୍କୁ ଚାହିଁତ ପାରିବ, ଆଉ ବିଷୟ ସୁଖ ମଧ୍ୟ ତାଙ୍କରି ଠାରୁ ପାଇବ । କିନ୍ତୁ ଏ ଦୁଇ କାମ ପାଇଁ ଖଟିବାକୁ ପଡିବ, ନ ଖଟିଲେ କିଛି ମିଳିବ ନାହିଁ ।

ସଂସାରରେ ବିଷୟ, ସମ୍ପତ୍ତି ଓ ମାନ, ଯଶ ପାଇଁ ଦିନରାତି ଆହାର ନିଦ୍ରା ତ୍ୟାଗ କରି ଦେହ, ମନ, ପ୍ରାଣ ଦେଇ ସମସ୍ତେ ଖଟନ୍ତି, ଭାବନ୍ତି ଏକ ମୁହୁର୍ତ୍ତ ମଧ୍ୟ ବିଶ୍ରାମ ନାହିଁ କିମ୍ବା ରିହାତି ନାହିଁ । ତେବେ ସୁଦ୍ଧା ଯାହା ଚାହୁଁଛି ତାହା ପାଉନାହିଁ କିମ୍ବା ଆଶା ଆକାଂକ୍ଷା ପୂରଣ ହେଉନାହିଁ । ସେହି ପ୍ରକାରେ ଯେବେ ଜଣେ ଭଗବାନଙ୍କ ନିମନ୍ତେ ଖଟି ପାରନ୍ତା, ତେବେ ଭଗବାନଙ୍କୁ ନିଶ୍ଚୟ ଲାଭ କରନ୍ତା। ମୋହମୁଗ୍ଧ ମାନବ, ମଣି, କାଞ୍ଚନ ଛାଡି, କାଚ ଧରି ଭ୍ରମରେ ଖେଳୁଛି । ଜୀବନରେ ବାରମ୍ବାର ଧକ୍‌କା ଖାଇ ସୁଦ୍ଧା ତା'ର ଚୈତନ୍ୟ ଉଦୟ ହେଉ ନାହିଁ । ଏହା ହିଁ ମାହାମାୟାର ଖେଳ ।

# ଓଡ଼ିଆ କ୍ଷୁଦ୍ରଗଳ୍ପର ବାଦଶାହା ସୁରେନ୍ଦ୍ର –୧



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା – ୭୫୪୨୧୩
ମୋ: ୯୪୩୭୦୮୮୦୩୯

କାଳଜୟୀ ସ୍ରଷ୍ଟା ସୁରେନ୍ଦ୍ର ମହାନ୍ତି। ଯାତ୍ରା ତାଙ୍କ ଜୀବନ, ପଥ ତାଙ୍କର ପୃଥିବୀ। ନିରନ୍ତର ଅଗ୍ରଗତି, ନାହିଁ କ୍ଳାନ୍ତି, ଅବସାଦ। ସଂଘର୍ଷରୁ ତାଙ୍କର ସାଧନା, ସାରସ୍ୱତ ତପସ୍ୟାରୁ ସିଦ୍ଧି। ସାମ୍ବାଦିକତା, ରାଜନୀତି – ଉଭୟ କ୍ଷେତ୍ରରେ ତାଙ୍କର ଅମାପ ଖ୍ୟାତି; ମାତ୍ର ସାହିତ୍ୟ ସାଧନା ତାଙ୍କର ସଖା, ସହୋଦର, ଏକାନ୍ତ ସୁହୃତ। ଏଥିରୁ ପାଇଛନ୍ତି ପରମ ତୃପ୍ତି। ଜୀବନକୁ ସେ ଦେଖିଲେ ଖୁବ୍ ନିକଟରୁ। ପଢ଼ିଲେ ଜନତା ଜନାର୍ଦ୍ଦନଙ୍କର କଷଣ, ପେଷଣ, ନିର୍ଯ୍ୟାତିତ ଜୀବନକୁ। ହେଲେ ଅନୁଭୂତି ସିଦ୍ଧ, ତଟସ୍ଥ ଭାବେ ସେ ସବୁକୁ ଆଙ୍କିଦେଲେ ଆପଣାର ସୃଷ୍ଟି ସମ୍ଭାରରେ। କ୍ଷୁଦ୍ରଗଳ୍ପ, ଉପନ୍ୟାସ, ସମାଲୋଚନା, ଜୀବନୀ, ଆତ୍ମଜୀବନୀ ଆଦି ରଚନାରେ ଭାଷାର ଐନ୍ଦ୍ରଜାଲିକ ସମ୍ମୋହନରେ ଗୁଣୀ ପାଠକବୃନ୍ଦ ବିଭୋର। ଭାବ, ଭାଷା – ଉଭୟର ସୁରେନ୍ଦ୍ର ଜଣେ ଅନୁପମ ବିନ୍ଧାଣି। ଏ କଥାଟି ବହୁଜନ ସମ୍ମତ।

ପ୍ରାକ୍ ସ୍ୱାଧୀନତା କାଳ। ଏକ ନିପଟ ମଫସଲି ଗାଁ ପୁରୁଷୋତ୍ତମପୁର। କଟକ ଠାରୁ ୧୨ ମାଇଲ ଉତ୍ତର ପୂର୍ବ କୋଣରେ। ଚିର ସବୁଜିମା ଭରା ସେଇ ଛଇ ଛବିଳି ଗାଁର ରୂପ ଲାବଣ୍ୟ। ଚାଳଛପର ଖଞ୍ଜାଘର। ମଥାନ ଉପରେ ଛନ୍ଦାଛନ୍ଦି ଲାଉ କଖାରୁ ଲଟା। ଚପଳ ଛନ୍ଦା ବରଷା ରାଣୀର ପାଉଁଜି ପିନ୍ଧା ରୁଣୁଝୁଣୁ ଝଙ୍କାର – ଖୁବ୍ ମଧୁର। ବଗୁଲିଆ ପବନ, ତାଳ ବାହୁଙ୍ଗା ପବନରେ ଦାମାପିଟେ। ନିଶୂନ୍ ରାତି, ବାଉଁଶ ବଣ, ପବନ ନାନାବାୟା ଗୀତ ବୋଲେ। ଡାହାଣୀମାନେ ବଇଁଶୀ ବଜାନ୍ତି। ଦୂରରୁ ଶୁଭେ ଅଶରୀର କେଁ–କଟର–ସୁର; ବଡ଼ କାତର। ଗଛ–ଚଢ଼େଇ–ରଙ୍ଗୀନ ପ୍ରଜାପତି–ଫୁଲ–ଫଗୁଣ–ଜୋଛନା ଧଉଳା ଚଇତି ରାତି। ସବୁଜ–ଶାଗୁଆ ଧାନକ୍ଷେତ, ପୁବେଇ ବାଆରେ ଲହଡ଼ି ଭଙ୍ଗା କେରି କେରି ଧାନ କିଆରୀ। ସଞ୍ଜୁଆ ପବନରେ ମଧୁମାଳତୀର ମହକ। ଚହଲି ଯାଇଛି ସୁରେନ୍ଦ୍ରଙ୍କ ମନ–ପ୍ରାଣ–ହୃଦୟ। ପାଲଟି ଯାଇଛନ୍ତି ସୌନ୍ଦର୍ଯ୍ୟର ବିଭୋର ପୂଜାରୀ। ଫଳତଃ ଲଳିତ–ମଧୁର–କୋମଳ ଭାଷା ସମ୍ଭାର ସାର୍ଥକ ଭାବେ ପ୍ରତିଫଳିତ ତାଙ୍କର ବିଭିନ୍ନ ସାହିତ୍ୟ କୃତିରେ।

ବୃତ୍ତିରେ ସୁରେନ୍ଦ୍ର ଜଣେ ସାମ୍ବାଦିକ। ସାହିତ୍ୟ, ରାଜନୀତି – ଏ ଦୁଇଟି ତାଙ୍କ ପାଇଁ ପରିପୂରକ। ଓଡ଼ିଆ ସାମ୍ବାଦିକତାର କ୍ଷେତ୍ର – ଏଥିରେ ସେ ସାହିତ୍ୟ, ରାଜନୀତି, ସାମ୍ବାଦିକତାକୁ ଏକତ୍ର କରିବାର ପ୍ରୟାସ ଜାରିରଖିଲେ। ରାଜନୀତି ତାଙ୍କ ପାଇଁ ଗୋଟାଏ ସ୍ୱପ୍ନ, ଗୋଟାଏ ଆଦର୍ଶ ପ୍ରତିଷ୍ଠା ପାଇଁ ନିରବଚ୍ଛିନ୍ନ ସାଧନା। ବେସାଲିସ ଜୀବନ ଧାରା। ତଥାକଥିତ ରାଜନୀତି ପାଇଁ ତାହା ଘୋର ବାଧକ। ସୁରେନ୍ଦ୍ରଙ୍କୁ ଏକଥାଟି ଅଜଣା ନ ଥିଲା। ସାଲିସ ରାଜନୀତିଠାରୁ ସେ ଢେର୍ ଦୂରରେ; ମାତ୍ର ରାଜନୀତି ତାଙ୍କ ସାହିତ୍ୟ ପରିସରକୁ ସୁଦୂରପ୍ରସାରୀ କରିଛି। ସାମ୍ପ୍ରତିକ ସାହିତ୍ୟର ଦିଗ୍‌ବଳୟ ଅତି ସୀମିତ। ଏହାର କାରଣ ଓଡ଼ିଶା ତଥାପି ଏକ କୃଷିପ୍ରଧାନ ରାଜ୍ୟ। ଏଠାରେ କୌଣସି ମହାନଗରୀ ମୁଣ୍ଡଟେକି ନାହିଁ। ଛୋଟ ଛୋଟ ମଫସଲି ସହର, ଘଟଣା ବିହୀନ ଜୀବନ ଧାରା, ବଡ଼ ନିସ୍ତରଙ୍ଗ। କେଇଜଣ ନାଁ ଡାକ ସାହିତ୍ୟିକ, ଉଚ୍ଚ ଶିକ୍ଷିତ, ସରକାରୀ ଦପ୍ତରରେ ଚାକିରି। ରୁଦ୍ଧ କୋଠରି ମଧ୍ୟରେ ସେମାନଙ୍କର ସାହିତ୍ୟ ସାଧନା। ଫଳସ୍ୱରୂପ ସାହିତ୍ୟର ଆଙ୍ଗିକତାରେ ଚମତ୍କାରିତା ପ୍ରକାଶ ପାଇଲା ସତ; ମାତ୍ର ଆତ୍ମାରେ ନୁହେଁ। ବନ୍ଦ କୋଠରି ମଧ୍ୟରେ ରହି ଅସୀମ ଆକାଶର ସ୍ୱପ୍ନ ଦେଖିବା ଯାହା, ମପାଚୁପା, ଧରାବନ୍ଧା ପରିବେଶ ମଧ୍ୟରେ ରହି ବୃହତ୍ତର ଜଗତର ବୈଚିତ୍ର୍ୟ କଳନା କରିବା ସେୟା। ଏ ପ୍ରସଙ୍ଗ ସୁରେନ୍ଦ୍ର ଅବଗତ ଥିଲେ। ତେଣୁ ତାଙ୍କ ସାହିତ୍ୟରେ ବିପୁଳ ଜୀବନାନୁଭୂତିର କଳାତ୍ମକ ପ୍ରତିଫଳନ, ସୁରେନ୍ଦ୍ର ପାଲଟିଲେ ଜଣେ ଲବ୍ଧପ୍ରତିଷ୍ଠ ସମାଜ–ଚିତ୍ରକର।

ସମୃଦ୍ଧ, ପ୍ରଭାବଶାଳୀ ସାହିତ୍ୟ ସୃଷ୍ଟିପାଇଁ କେବଳ ମାନସିକ ବିକାଶ ଯଥେଷ୍ଟ ନୁହେଁ; ସେଥିପାଇଁ ଲୋଡ଼ା ପ୍ରୟୋଜନ, କିଛି ସମ୍ପୃକ୍ତି ସହିତ ସଂକଳ୍ପର ସ୍ୱାକ୍ଷର। ସାହିତ୍ୟ ସୃଷ୍ଟି ପାଇଁ ଅପରିହାର୍ଯ୍ୟ ପ୍ରତ୍ୟକ୍ଷ ଅନୁଭବ। ଆଙ୍ଗୁଠି ନ ପୋଡ଼ି ନିରାପଦ ଦୂରତାରେ ରହି ନିଆଁ ଉପରେ ନିବନ୍ଧ ଲେଖିବା ଏକ କଥା; ମାତ୍ର ନିଆଁରେ ଆଙ୍ଗୁଠି ପୋଡ଼ି ନିଆଁ ଉପରେ କବିତା ରଚନା ଆଉ ଏକ ଭିନ୍ନ କଥା। ପ୍ରଥମଟିରେ ଦହନର କଳ୍ପନା ବିଳାସ; ଅନ୍ୟଟିରେ ଦହନର ପ୍ରତ୍ୟକ୍ଷୀଭୂତ ଯନ୍ତ୍ରଣା। ଏ ଉପଲବ୍ଧି ସୁରେନ୍ଦ୍ରଙ୍କର। ସେଇଥିପାଇଁ ସେ ଜଣେ କଳ୍ପନାବିଳାସୀ ସ୍ରଷ୍ଟା ନୁହଁନ୍ତି; ଜଣେ ବାସ୍ତବବାଦୀ ସାରସ୍ୱତ ସାଧକ।

ସୁରେନ୍ଦ୍ର ଉପନ୍ୟାସର ବର୍ଣ୍ଣାଢ୍ୟ ସୌଦାଗର, ଗଳ୍ପ ସାହିତ୍ୟର ନିପୁଣ ଯାଦୁକର। 'ଅନ୍ଧଦିଗନ୍ତ', 'ନୀଳଶୈଳ', 'ନୀଳାଦ୍ରି ବିଜୟ', 'କୃଷ୍ଣାବେଣୀରେ ସନ୍ଧ୍ୟା' ଆଦି ଉପନ୍ୟାସ। 'ପଥ ଓ ପୃଥିବୀ' ଆତ୍ମଲିପି; 'କୁଳବୃଦ୍ଧ', 'ଶତାବ୍ଦୀର ସୂର୍ଯ୍ୟ' (ଉଭୟେ ଚରିତୋପନ୍ୟାସ) – ଏ ସମସ୍ତ ଚିତ୍ତାକର୍ଷକ କଳାକୃତି। ଏତଦ୍‌ଭିନ୍ନ 'କୃଷ୍ଣଚୂଡ଼ା', 'ମହାନଗରୀର ରାତ୍ରି', 'ସବୁଜ ପତ୍ର ଓ ଧୂସର ଗୋଲାପ', 'ଯଦୁ ବଂଶ ଓ ଅନ୍ୟାନ୍ୟ ଗଳ୍ପ', 'ରାଜଧାନୀ ଓ ଅନ୍ୟାନ୍ୟ ଗଳ୍ପ', 'କବି ଓ ନର୍ତ୍ତକୀ', 'ମରାଳର ମୃତ୍ୟୁ', 'ମହାନିର୍ବାଣ', 'ମାଂସର କୋଣାର୍କ' ପ୍ରଭୃତି କ୍ଷୁଦ୍ରଗଳ୍ପ ସଂକଳନ ପ୍ରଣିଧାନଯୋଗ୍ୟ। 'ଓଡ଼ିଆ ସାହିତ୍ୟର ଆଦିପର୍ବ' 'ଓଡ଼ିଆ ସାହିତ୍ୟର ମଧ୍ୟପର୍ବ ଓ ଉତ୍ତର ପର୍ବ' ଭଳି ଉଚ୍ଚମାନର ସମାଲୋଚନା ପୁସ୍ତକର ସ୍ରଷ୍ଟା ସୁରେନ୍ଦ୍ର; ମାତ୍ର ଆପଣାର ସର୍ବୋତ୍କୃଷ୍ଟ କଳାକାରିଗରି ପଣର ନିଦର୍ଶନ ତାଙ୍କ ଗଳ୍ପସମ୍ଭାର।

ସମ୍ବାଦ ଏକ ରୁଚିକର ସାହିତ୍ୟ – ଏହା ମଧ୍ୟ ସ୍ପଷ୍ଟ କରିଦେଇଛନ୍ତି ଗାଳ୍ପିକ 'କୃଷ୍ଣଚୂଡ଼ା' ଗଳ୍ପ ରଚନା ପୃଷ୍ଠଭୂମିରେ– "ସାମ୍ବାଦିକ ସଦାନନ୍ଦ କଳାଘୁମର ମେଘଢଙ୍କା ଆକାଶ ତଳେ ପୁଷ୍ପିତ କୃଷ୍ଣଚୂଡ଼ାର ଶୋଭା ଆଡ଼େ ଚାହିଁ ନିଜକୁ ନିଜେ ପଚାରିଥିଲା; ଏଇ ପୁଷ୍ପିତ କୃଷ୍ଣଚୂଡ଼ା ଆଜି ଦିନର ଶ୍ରେଷ୍ଠ ସମ୍ବାଦ ନ ହେବ କାହିଁକି ?" ଏଇଥିରୁ ଜନ୍ମନେଲା 'କୃଷ୍ଣଚୂଡ଼ା' ଗପ। ଏତାଦୃଶ ସ୍ରଷ୍ଟାଙ୍କର ବହୁ ଅଭିନବ ପରିକଳ୍ପନା। ତାହା ତାଙ୍କ ସାହିତ୍ୟ କୃତିରେ ପ୍ରତିଫଳିତ।

ସମ୍ପ୍ରତି ଲେଖକମାନେ ପ୍ରେମକୁ ନେଇ ସାହିତ୍ୟ ସୃଷ୍ଟି କରିବା ପାଇଁ ବ୍ୟାକୁଳ; ମାତ୍ର ପ୍ରେମ ସୁରେନ୍ଦ୍ରଙ୍କ ପାଇଁ ଶୋଷ ଆଉ ପାଣି ଗ୍ଲାସ୍‌ର ସମ୍ପର୍କ – "ଗୋଟିଏ ସ୍ଥୂଳ ଜାନ୍ତବ କଥାକୁ କବି, ସଂଗୀତଜ୍ଞ, ଏପରିକି ଧର୍ମଗୁରୁମାନେ ମିଶି ଗୋଟାଏ 'ମିଷ୍ଟିକ୍' ଗୁରୁଗମ୍ଭୀର ରୂପ ଦେଇଛନ୍ତି। କିନ୍ତୁ ଅସଲ କଥା ଏହା ମୂଳରେ ରହିଛି ଗୋଟାଏ ଜାନ୍ତବ ତାଡ଼ନା।" ଶମଣଠାରୁ କବି, ନର୍ତ୍ତକୀ, ବାରାଙ୍ଗନା ପର୍ଯ୍ୟନ୍ତ – ସମସ୍ତେ ଏଇ ଜାନ୍ତବ କ୍ଷୁଧାପୀଡ଼ିତ। ଏହାରି ସାର୍ଥକ ଚିତ୍ର ସମ୍ବହନ କରେ 'ମହାନିର୍ବାଣ', 'ମଧୁମତ୍ତାର ରାତ୍ରି', 'ଅମ୍ବାପଲ୍ଲୀ', 'ଉତ୍ତରାମପୁତ୍ର', 'କବି', 'ନର୍ତ୍ତକୀ', 'ମାଂସର କୋଣାର୍କ' ଆଦି କ୍ଷୁଦ୍ରଗଳ୍ପ। ସୁରେନ୍ଦ୍ର ଦେହଜ ପ୍ରେମକୁ 'ଶାଶ୍ୱତ ପ୍ରେମ'ର ମିଥ୍ୟାବରଣ ମଧ୍ୟରେ ଢାଙ୍କିବାର ପ୍ରଚେଷ୍ଟା କରିନାହାନ୍ତି। ତାହାହିଁ ତାଙ୍କର ବିଶେଷତ୍ୱ।

ଏକ ନିଃସଙ୍ଗ ବ୍ୟକ୍ତି ସୁରେନ୍ଦ୍ର। ତାଙ୍କ ପକ୍ଷରେ ଗୋଠରେ ମିଶିବା ଯେତିକି ଉତ୍ପୀଡ଼କ, ମଠ ଗଢ଼ିବା ସେତିକି ଅରୁଚିକର। ତାଙ୍କର ସ୍ପଷ୍ଟବାଦିତା, ଅନମନୀୟ ପ୍ରକୃତି, କାହାରି କାହାରି ଆଖିରେ ତାହା ଔଦ୍ଧତ୍ୟ ବା ଉନ୍ନାସିକ ପରମ୍ପରା। ତେଣୁ ତାଙ୍କର ଜୀବନ କଟିଛି ଗ୍ରନ୍ଥ ଆଉ ପାଣ୍ଡୁଲିପି ମଧ୍ୟରେ। ତାହା ଲେଖକଙ୍କ ପାଣ୍ଡିତ୍ୟ, ବିଦ୍‌ବତ୍ତାକୁ ବହୁଗୁଣିତ କରିବାରେ ସହାୟକ ହୋଇଛି। ଇତିହାସର ପୃଷ୍ଠଭୂମି, ରାଜନୀତିକ ଘନଘଟା, ଧର୍ମୀୟ ଜୀବନଧାରା, ସମସାମୟିକ ସମାଜର ଚିତ୍ର – ଏ ସମସ୍ତ ତାଙ୍କ ଉପନ୍ୟାସ, କ୍ଷୁଦ୍ରଗଳ୍ପ ସମୂହରେ ପରିଲକ୍ଷିତ। ଇତିହାସର କଙ୍କାଳ ଉପରେ କଳ୍ପନା ବିଳାସର ଯଥାବିଧି ପ୍ରଲେପ ଦେବାରେ ସେ ଧୁରନ୍ଧର। ଗାଳ୍ପିକଙ୍କର ଐତିହାସିକ ଗଳ୍ପ 'କାବେରୀରୁ ଗଙ୍ଗା', 'ସନ୍ଧି ଓ ସର୍ତ୍ତ', 'ଦଳେଇ ବୁଢ଼ା', 'ବରଜୁ କ୍ଷେଣ୍ଣ ଘାଇ', 'ଆକାଶ ତଥାପି ସୁନୀଳ' ପ୍ରଭୃତି ଅତୀବ ମର୍ମସ୍ପର୍ଶୀ। ଏତଦ୍‌ଭିନ୍ନ ସ୍ୱାଧୀନ ଦେଶରେ ମୂଲ୍ୟବୋଧର ଅବକ୍ଷୟ, ରାଜନୀତିକ ପ୍ରାଣସ୍ପନ୍ଦନ, ଗାନ୍ଧୀଜୀଙ୍କ ଆଦର୍ଶର ହତ୍ୟା ଆଦି ସାର୍ଥକ ଚିତ୍ର। ପାଠକେ ପାଇଥା'ନ୍ତି 'ଶ୍ରୀକୃଷ୍ଣଙ୍କ ଶେଷହସ', 'ଗୃହଦାହ' ଗଳ୍ପରେ।

ଏ ସବୁର ଉର୍ଦ୍ଧ୍ୱରେ ସୁରେନ୍ଦ୍ର ବୌଦ୍ଧଧର୍ମ–ଦର୍ଶନର ପ୍ରତିଟି ଦିଗକୁ ତନ୍ନତନ୍ନ କରି ପଢ଼ିଛନ୍ତି। ଏଇ ଧର୍ମ ପତନାଭିମୁଖୀ ହେବାର କାରଣମାନ ବିଭିନ୍ନ ଗଳ୍ପରେ ଦେଖାଇ ଦେଇଛନ୍ତି। ନିର୍ବାଣ ପ୍ରାପ୍ତି ବୌଦ୍ଧଧର୍ମର ଶେଷଲକ୍ଷ୍ୟ। ତାହା ଅନିର୍ବଚନୀୟ, ଅତଳ ଶୂନ୍ୟତାରେ ସତ୍ତାଲୋପ; ମାତ୍ର ମହାନିର୍ବାଣ ପରମ ମୋକ୍ଷ, ବ୍ରହ୍ମ, ସାୟୁଜ୍ୟ। ବୌଦ୍ଧଧର୍ମର ଅନୁଶାସନ, ଆତ୍ମ ସଂଯମ, ଇନ୍ଦ୍ରିୟ ନିୟନ୍ତ୍ରଣ, କାମିନୀ କାଞ୍ଚନ ଭୋଗ ରହିତ ଜୀବନ; ତାହା ଶମଣମାନଙ୍କ ପକ୍ଷେ ସମ୍ଭବ ନଥିଲା। ଦେହଦାହର କଥା, ଇନ୍ଦ୍ରିୟ ମାନଙ୍କର ଅବଦମିତ ଉପଭୋଗ ଲିପ୍‌ସା, ପ୍ରବୃତ୍ତିର ଅଜଗରୀ କ୍ଷୁଧା – ଏଥିରୁ ନିସ୍ତାର ନାହିଁ। ବୁଦ୍ଧଦେବ ଏସବୁ ଦିଗକୁ ଅଣଦେଖା କଲେ। କ୍ରମେ ବୌଦ୍ଧଧର୍ମରେ ଆରମ୍ଭ ହେଲା ସ୍ଖଳନ। ରୂପସୀ ପ୍ରକୃତିରାଣୀ, କୋକିଳର ପ୍ରମତ୍ତ– ରତିଭିକ୍ଷା, କାମିନୀ –କର ସ୍ପର୍ଶ। ସୃଷ୍ଟିକରେ ରୋମାଞ୍ଚ, ଶତ କଦମ୍ବର ବେପଥୁ। ସେଦିନ ଅପରୂପା ଶ୍ରେଷ୍ଠୀ ବଧୂ ମଧୁବ୍ରତା ରୂପ ଲାବଣ୍ୟରେ ବିହ୍ୱଳ ବୌଦ୍ଧଭିକ୍ଷୁ ନୀଳୋତ୍ପଳ। ନୀଳଚେଳ ପରିହିତା ଅପରାଜିତା ବ୍ରତତୀ ସମ, କୃଶାଙ୍ଗୀ ମଧୁବ୍ରତା। ପଦ୍ମପରି ଦୁଇ ଆୟତ ଆଖି, ଘଞ୍ଚ, ମୁଦ୍ରିତ ପକ୍ଷ୍ମରେଖା, ବ୍ରୀଡ଼ାନତ ମୁଗ୍ଧ ଦୃଷ୍ଟିର ଭ୍ରମ ସୃଷ୍ଟି କରୁଥିଲା। ସ୍ଫୁରିତ ଓଷ୍ଠ ଯେପରି ପ୍ରୀତି ଚୁମ୍ବନର ଦନ୍ତାଘାତ ପାଇଁ ଈଷତ୍ ବିସ୍ଫାରିତ ହୋଇ ରହିଥିଲା। ଉଲଙ୍ଗ ମଧୁବ୍ରତାର ଶିଥିଳ ପିଣ୍ଡକୁ ନୀଳୋତ୍ପଳ ବକ୍ଷ ସଂଲଗ୍ନ କରି, ପୂର୍ଣ୍ଣିମୀର ପ୍ରଥମ ଜ୍ୟୋତ୍ସ୍ନାସ୍ନାତ ସେଇ ଗିରିଶୃଙ୍ଗ ଆଡ଼େ ଧାଇଁ ଅଦୃଶ୍ୟ ହୋଇ ଯାଉଥିଲେ। ସେଇଥିରେ ଶମଣର 'ମହାନିର୍ବାଣ'। ତଥାଗତ ବୁଦ୍ଧ ନିର୍ବାଣର ବାର୍ତ୍ତା ଦେଲେ; ମାତ୍ର ମହାନିର୍ବାଣରେ ଜୀବନର ପୂର୍ଣ୍ଣତା। ଏଇ ପ୍ରସଙ୍ଗଟି ଉଲ୍ଲେଖ କଲେ ଲେଖକ 'ମହାନିର୍ବାଣ' ଗପରେ। ଅନୁରୂପ ଭାବେ 'ମଧୁମତ୍ତାର ରାତ୍ରି' ଗଳ୍ପରେ ସଂସାର ତ୍ୟାଗୀ ଶମଣଙ୍କର ଉଗ୍ର କାମନା, ବାସନାକୁ ଦେଖାଇ ଦେଇଛନ୍ତି।

ଐଶ୍ୱର୍ଯ୍ୟ, ପ୍ରବୃତ୍ତିର କାରାଗାର–ଆଜୀବନ ବନ୍ଦୀ ମଧୁମତ୍ତା। କାମନା କରୁଥିଲା ଏକ ନାମହୀନ ଜନପଦ। କେଉଁ ଅଖ୍ୟାତ ଅଜ୍ଞାତ କୋଣରେ ଚାହୁଁଥିଲା ଏକ ସାମାନ୍ୟ ଗୃହସ୍ଥଳୀ। ଲୋଡୁଥିଲା ଶୁଭ୍ର ଅଙ୍ଗନ। ଅନାବଶ୍ୟକ ତା' ପାଇଁ ଏ ବିଳାସପୂର୍ଣ୍ଣ ଜୀବନ। ଜୀବନ ମୋହଗ୍ରସ୍ତ ମାୟା, ନିର୍ବାଣ ବୁଦ୍ଧିଗ୍ରସ୍ତ ମନର ପରିକଳ୍ପନା। ପୁନର୍ଜନ୍ମ ସମସ୍ତଙ୍କର ଲୋଡ଼ା। ଉପକ, କିଶା, ମଧୁମତ୍ତା – ସମସ୍ତଙ୍କର। ଏ ଶିଶିର ସିକ୍ତ ସନ୍ଧ୍ୟା ଅଣଲେଉଟା। ସେମିତି ମୃତ୍ୟୁପରେ ଜୀବନ। ଦେହ ସୁଖ ପାଇଁ ମିଥ୍ୟା କହିଥିଲେ କିଶା। ଝଡ଼ପରି ଉଠି ଚାଲିଗଲେ ଉପକ। ଚାଲିବାକୁ ହେବ, ଆଗକୁ ବହୁ ଆଗକୁ। ଚାଲିବା ହିଁ ଜୀବନ। ପଶ୍ଚିମ ଦିଗ୍‌ବଳୟରେ ଜ୍ୟୋତ୍ସ୍ନାଲୋକ ଧୀରେ ଧୀରେ ଲିଭି ଆସୁଥିଲା। ଲଜ୍ଜାବତୀ ଉଷାର ରାଗରଞ୍ଜିତ କପାଳ ଉପରେ କୁଜ୍‌ଝଟିକାର ଅବଗୁଣ୍ଠନ। ଅଶୋକକୁଞ୍ଜର ପତ୍ର ଗହଳି ଭିତରେ ପ୍ରଭାତର ପକ୍ଷୀଙ୍କ କଣ୍ଠରେ ବୈତାଳିକାର ଗାନ। କିଶା ମୂଢ଼ ପରି ଚାହିଁଥିଲେ। ଉକ୍ଷିପ୍ତ ଉପକ। ଦଣ୍ଡ କମଣ୍ଡଳୁ ତଳେ ଫିଙ୍ଗି ଦେଇଥିଲେ। ଚୀବରାବୃତ ଅଙ୍ଗ, ଆଜୀବ୍ୟ ସଂହତି ଛାଡ଼ି ବାହାରି ଯାଉଥିଲେ, ଚାଲିଥିଲେ ଚମ୍ପାର ରାଜପଥରେ। ଶମଣ ଶ୍ରେଷ୍ଠ କିଶା ଆଉ ଉପକ। ତାଙ୍କ କର୍ଣ୍ଣ ଗହ୍ୱରରେ ହୁଏତ ବାରମ୍ବାର ପ୍ରତିଧ୍ୱନିତ ହେଉଥିବ – "ଅନ୍ୟର ପାଦତଳେ କେବଳ ନିବେଦିତ ହେବା ହିଁ କ'ଣ କୁସୁମର ଭବିତବ୍ୟ ? ଜୀବନର ବ୍ୟର୍ଥ ସ୍ୱପ୍ନ କ'ଣ ଅନ୍ୟ ଜୀବନରେ ସଫଳ ହେବ ? ସତରେ କ'ଣ ପୁନର୍ଜନ୍ମ ଅଛି ?" ମଧୁମତ୍ତାର ଏ ପ୍ରଶ୍ନ ଏବେବି ଅସମାହିତ। (କ୍ରମଶଃ ...)

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ମହିଳା ଏସିଆ କପ୍ ରାଇଜିଂ ଷ୍ଟାର୍ସ

# ପାକିସ୍ତାନକୁ ୮ ୱିକେଟରେ ହରାଇଲା ଭାରତୀୟ ମହିଳା ଦଳ



**ବ୍ୟାଙ୍କକ୍**

ବ୍ୟାଙ୍କକରେ ଭାରତୀୟ ମହିଳା 'ଏ' ଦଳ ପାକିସ୍ତାନକୁ ମାତ୍ ଦେଇଛି। 'ମହିଳା ଏସିଆ କପ୍ ରାଇଜିଂ ଷ୍ଟାର୍ସ' ର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଭାରତୀୟ ମହିଳା ଦଳ ପାକିସ୍ତାନକୁ ୮ ୱିକେଟରେ ପରାସ୍ତ କରି ନିଜର ବିଜୟ ଅଭିଯାନ ଆରମ୍ଭ କରିଛି। ୟୁଏଇ ନିକଟରୁ ପ୍ରଥମ ମ୍ୟାଚ୍‌ରେ ପରାଜୟ ପରେ ଚାପରେ ଥିବା ଭାରତୀୟ ଦଳ ଏହି ମ୍ୟାଚ୍‌ରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଛି। ପ୍ରଥମେ ବୋଲିଂ ଏବଂ ପରେ ଦମ୍‌ଦାର ବ୍ୟାଟିଂ ବଳରେ ଭାରତ ଏହି ଏକପାଖିଆ ବିଜୟ ହାସଲ କରିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ପାକିସ୍ତାନ ଦଳ ଭାରତୀୟ ବୋଲରଙ୍କ ସାମ୍ନାରେ ଆତ୍ମସମର୍ପଣ କରିଥିଲା। ରାଧା ଯାଦବ (୨/୧୧), ସାଇମା ଠାକୋର (୨/୧୪) ଏବଂ ପ୍ରେମା ରାୱତ୍ (୨/୧୬) ଘାତକ ବୋଲିଂ ଯୋଗୁଁ ପାକିସ୍ତାନ ୧୮.୫ ଓଭରରେ ମାତ୍ର ୯୩ ରନ କରି ଅଲଆଉଟ୍ ହୋଇଯାଇଥିଲା। ପାକିସ୍ତାନ ପକ୍ଷରୁ ଶାୱାଲ କୁଲଫିକର ସର୍ବାଧିକ ୨୩ ରନ କରିଥିବା ବେଳେ ଗୁଲ୍ ରୁଖ୍ ୨୧ ରନ ସଂଗ୍ରହ କରିଥିଲେ।

୯୪ ରନର ସହଜ ଲକ୍ଷ୍ୟକୁ ପିଛା କରି ଭାରତୀୟ ଦଳ ମାତ୍ର ୧୦.୧ ଓଭରରେ ୨ଟି ୱିକେଟ୍ ହରାଇ ବିଜୟ ହାସଲ କରିଥିଲା। ପ୍ରଥମ ବଲରେ ହୁମାଇରା କାଜିଙ୍କ ୱିକେଟ୍ ହରାଇଥିଲେ ମଧ୍ୟ ଓପନର ବୃନ୍ଦା ଦିନେଶ ବିସ୍ଫୋରକ ବ୍ୟାଟିଂ କରି ପାକିସ୍ତାନୀ ବୋଲରଙ୍କୁ ନାକେଦମ କରିଥିଲେ। ବୃନ୍ଦା ମାତ୍ର ୨୯ଟି ବଲରୁ ୧୨ଟି ଚୌକା ସାହାଯ୍ୟରେ ଅପରାଜିତ ୫୫ ରନର ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ। ତାଙ୍କୁ ଅନୁଷ୍କା ଶର୍ମା (୨୪ ରନ) ଉତ୍ତମ ସହଯୋଗ କରିଥିଲେ। ଏହି ବୃହତ ବିଜୟ ସହ ଭାରତୀୟ ଦଳ ନିଜର ରନ-ରେଟରେ ସୁଧାର ଆଣିବା ସହ ସେମିଫାଇନାଲ ଦୌଡ଼ରେ ନିଜକୁ ବଜାୟ ରଖିଛି। ଅନ୍ୟପଟେ ପାକିସ୍ତାନ ଦଳ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଖସିଯାଇ ବିପଦରେ ପଡ଼ିଛି।

# ପ୍ରଥମ ଦଳ ଭାବେ ସୁପର-୮ ରେ ପହଞ୍ଚିଲା ୱେଷ୍ଟଇଣ୍ଡିଜ୍

**ନୂଆଦିଲ୍ଲୀ**



ଟି-୨୦ ବିଶ୍ୱକପ ୨୦୨୬ ବେଶ ରୋମାଞ୍ଚକ ହେବାରେ ଲାଗିଛି। ବିଜୟ ପାଇଁ ସମସ୍ତ ଦଳ ପ୍ରୟାସ ଜାରି ରଖିଥିବାବେଳେ ପ୍ରଥମ ଦଳ ଭାବେ ସୁପର-୮ ରେ ସ୍ଥାନ ପକ୍କା କରିଛି ୱେଷ୍ଟଇଣ୍ଡିଜ୍। ରବିବାର ଖେଳାଯାଇଥିବା ନେପାଳ ବିପକ୍ଷ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ୯ ୱିକେଟରେ ବିଜୟୀ ହୋଇଛି। ଲଗାତାର ତୃତୀୟ ବିଜୟ ସହ ଆଗାମୀ ପର୍ଯ୍ୟାୟକୁ ଉନ୍ନିତ ହୋଇଛି ଦୁଇଥର ଟି-୨୦ ବିଶ୍ୱକପ ହାତେଇଥିବା ଏହି ଦଳ।

ରବିବାର ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ନେପାଳ ବିପକ୍ଷରେ ଏକପାଖିଆ ଖେଳିଥିଲା ଶକ୍ତିଶାଳୀ ୱେଷ୍ଟଇଣ୍ଡିଜ୍। ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା ୱେଷ୍ଟଇଣ୍ଡିଜ୍। ନେପାଳକୁ ମାତ୍ର ୧୩୩ ରନ୍ ମଧ୍ୟରେ ସୀମିତ ରଖିଥିଲା। ୮ ୱିକେଟ ହରାଇ ନେପାଳ ୧୩୩ ରନ କରିଥିଲା। ଦଳ ପକ୍ଷରୁ ଦୀପେନ୍ଦ୍ର ସର୍ବାଧିକ ୫୮ ରନ କରିବାରେ ସକ୍ଷମ ହୋଇଥିଲେ। ବାକି କୌଣସି ଖେଳାଳି ବଡ଼ ସ୍କୋର କରିପାରି ନ ଥିଲେ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ହୋଲଡରଙ୍କ ସର୍ବାଧିକ ୪ଟି ୱିକେଟ୍ ଅକ୍ତିଆର କରିଥିଲେ। ୧୩୪ ରନ୍ ବିଜୟ ଲକ୍ଷ୍ୟ ରହିଥିବାବେଳେ ୱେଷ୍ଟଇଣ୍ଡିଜ୍ ୧୫ ଓଭର ୨ଟି ବଲରେ ଗୋଟିଏ ୱିକେଟ୍ ହରାଇ ବିଜୟ ହାସଲ କରିଥିଲା। ସାଇ ହୋପ୍ ୬୧ ରନ ଏବଂ ସିମରନ ହେଟମାୟାର ୪୬ ରନର ପାଳି ଖେଳିଥିଲେ। ଓପନର ବ୍ୟାଟ୍ସମ୍ୟାନ ବ୍ରାଣ୍ଡନ କିଙ୍ଗ ୨୨ ରନ କରିଥିଲେ। ତେବେ ଏହି ମ୍ୟାଚରେ ଦମ୍‌ଦାର ପ୍ରଦର୍ଶନ କରିଥିବା ହୋଲଡରଙ୍କ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ସହଜ ବିଜୟ ହାସଲ କରିବା ସହ ପରବର୍ତ୍ତୀ ପର୍ଯ୍ୟାୟରେ ପହଞ୍ଚିଛି ୱେଷ୍ଟଇଣ୍ଡିଜ୍।

ୱେଷ୍ଟଇଣ୍ଡିଜ୍ ପ୍ରଥମ ମ୍ୟାଚ୍ ସ୍କଟଲାଣ୍ଡ ବିପକ୍ଷରେ ଖେଳିଥିଲା ଯେଉଁଥିରେ ୩୫ ରନରେ ବିଜୟ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ମ୍ୟାଚ୍‌ରେ ଦୁଇଥର ଟି-୨୦ ବିଶ୍ୱକପ ଜିତିଥିବା ଇଂଲଣ୍ଡକୁ ଭେଟିଥିଲା। ଏହି ମ୍ୟାଚ୍‌କୁ ୩୦ ରନରେ ବିଜୟ ହାସଲ କରିଥିଲା। ଆଉ ଏବେ ୯ ୱିକେଟରେ ବିଜୟ ହାସଲ କରିଥିବାବେଳେ ଚଳିତ ବିଶ୍ୱକପରେ ପ୍ରଥମ ସୁପର-୮ରେ ପହଞ୍ଚିଥିବା ଦଳ ଭାବେ ଉଭା ହୋଇଛି। ସେପଟେ ଆଜି ଭାରତ-ପାକିସ୍ତାନ ମଧ୍ୟରେ କଡ଼ା ଟକ୍କର ହେବାକୁ ଥିବାବେଳେ ଏହି ମ୍ୟାଚରେ ଯେଉଁ ଦଳ ବିଜୟ ହେବ ସେ ମଧ୍ୟ ସୁପର-୮ରେ ସ୍ଥାନ ପକ୍କା କରିବ। ଏଣୁ ଆଜିର ମ୍ୟାଚଟି ବେଶ ରୋମାଞ୍ଚକ ହେବ ବୋଲି ଆଶା ରଖିଛନ୍ତି କ୍ରିକେଟପ୍ରେମୀ।

# ଅନ୍ତର୍ଜାତୀୟ ଚେସ୍ ପ୍ରତିଯୋଗିତାରେ ଚମକିଲେ ଓଡ଼ିଆ ପୁଅ ହର୍ଷିତ

**ଭୁବନେଶ୍ୱର**



କଟକ ଜିଲ୍ଲାର ପ୍ରତିଭାଶାଳୀ ଯୁବ ଚେସ୍ ଖେଳାଳି ହର୍ଷିତ ରଞ୍ଜନ ସାହୁ ସମ୍ପ୍ରତି ସ୍ପେନ୍ ଓ ସ୍ୱିଡେନରେ ଆୟୋଜିତ ଆନ୍ତର୍ଜାତୀୟ ଚେସ୍ ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରି ଫିଡେ ମାଷ୍ଟର (ଏଫ୍‌ଏମ୍) ଉପାଧି ଅର୍ଜନ କରିଛନ୍ତି। ସ୍ୱିଡେନର ପ୍ରସିଦ୍ଧ ରିଲଟନ୍ କପ୍ ପ୍ରତିଯୋଗିତାରେ ଦୃଢ଼ ଓ ଆତ୍ମବିଶ୍ୱାସୀ ଖେଳ ଦେଖାଇ ୩୫ ରେଟିଂ ପଏଣ୍ଟ ହାସଲ କରି ନିଜର ମୋଟ ରେଟିଂକୁ ୨୩୦୨କୁ ବୃଦ୍ଧି କରିଛନ୍ତି। ଫିଡେ ମାଷ୍ଟର ମୁକୁଟ ଚେସ୍ ଖେଳରେ ପ୍ରାରମ୍ଭିକ ସଫଳତା ତଥା ଅଗ୍ରଗତିର ସ୍ୱୀକୃତି ସ୍ୱରୂପ ପ୍ରଦାନ କରାଯାଇଥାଏ। ଏହା ହର୍ଷିତଙ୍କ ଦୃଢ଼ ସଙ୍କଳ୍ପ ଓ ପ୍ରତିଭାର ପ୍ରମାଣ ବି ଦେଉଛି। ହର୍ଷିତ କଟକ ଜିଲ୍ଲା ଚାମ୍ପିଅନ୍ ଖେଳାଳି ଭାବେ ପରିଚିତ। ସେ ପୂର୍ବରୁ କନିଷ୍ଠ ଓ ବରିଷ୍ଠ ବର୍ଗରେ ରାଜ୍ୟ ବିଜେତା ହେବା ସହ ଦୁଇ ଥର ଜାତୀୟ (୧୧ ଓ ୧୭ ବର୍ଷରୁ କମ୍) ଶୀର୍ଷ ୧୦ ଭିତରେ ରହିଥିଲେ। ତାଙ୍କ ପିତା ଡଃ ଅମରେଶ ସାହୁ ଏବିଆଇଟି ଇଞ୍ଜିନିୟରିଂ କଲେଜରେ ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି ଏବଂ ମାତା ସୁଚିସ୍ମିତା ପରିଡ଼ା ଏଡେଲୱାଇସ୍ ଟୋକିଓ ଲାଇଫରେ ପ୍ରବନ୍ଧକ ଭାବେ କାମ କରୁଛନ୍ତି। ପରିବାରର ସମର୍ଥନ ଓ ନିରନ୍ତର ପ୍ରେରଣା ତାଙ୍କ ସଫଳତାର ମୂଳ ଶକ୍ତି ରୂପେ କାମ କରିଛି। ହର୍ଷିତଙ୍କ ଏହି ସଫଳତା ପଛରେ ପ୍ରଚେଷ୍ଟା, ଏଓସିଏ ଏବଂ ଏସ୍‌ଆର୍ ଚେସ୍ ସେଣ୍ଟରର ମହତ୍ୱପୂର୍ଣ୍ଣ ଅବଦାନ ରହିଛି। ତାଙ୍କ ନିୟମିତ ପ୍ରଶିକ୍ଷଣ, ମାର୍ଗଦର୍ଶନ ଓ ସଂଗଠନର ସମର୍ଥନ ହର୍ଷିତଙ୍କୁ ଅନ୍ତର୍ଜାତୀୟ ମଞ୍ଚରେ ଦୃଢ଼ ପାଦ ରଖିବାକୁ ସହଯୋଗ କରିଛି।

# ପାକିସ୍ତାନୀ ଅଧିନାୟକଙ୍କ ସହ ହାତ ମିଶାଇଲେନି ସୂର୍ଯ୍ୟକୁମାର ଯାଦବ

**ନୂଆଦିଲ୍ଲୀ**

ରିପିଟ୍ ହେଲା ନୋ ହ୍ୟାଣ୍ଡସେକ୍ ନୀତି। ପୁଣି ପାକିସ୍ତାନ ଅଧିନାୟକଙ୍କ ସହ ହାତ ମିଶାଇଲେନି ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ। ସମ୍ପୂର୍ଣ୍ଣ ଭାବେ ପାକିସ୍ତାନର ଅଧିନାୟକଙ୍କୁ ଟସ୍ ସମୟରେ ଅଣଦେଖା କରିଥିଲେ। ଏସିଆ କପରୁ ଭାରତ ଆରମ୍ଭ କରିଥିବା ଏହି ନିତି ବିଶ୍ୱକପରେ ମଧ୍ୟ ଦେଖିବାକୁ ମିଳିଛି। ପହଲଗାମ ଆକ୍ରମଣ ଘଟଣାକୁ ନେଇ ପାକିସ୍ତାନର ଖେଳାଳିଙ୍କ ସହ ହାତ ମିଶାଇନଥିଲା ଭାରତ। ଯାହାକୁ ନେଇ ଅନେକ ଚର୍ଚ୍ଚା ହୋଇଥିଲା। ଆଉ ଏବେ ଭାରତ ପୁଣିଥରେ ସେହି ଘଟଣାକୁ ପୁନରାବୃତ୍ତି କରିଛି।

ଭାରତ-ପାକିସ୍ତାନ ଖେଳାଳିଙ୍କ ମଧ୍ୟରେ ହାତ ମିଳାଇବା ପ୍ରସଙ୍ଗକୁ ନେଇ ମ୍ୟାଚ୍ ପୂର୍ବରୁ ମଧ୍ୟ ଅନେକ ଚର୍ଚ୍ଚା ହେଉଥିଲା। ତେବେ ଏହି ମ୍ୟାଚ୍‌ରେ ଭାରତୀୟ ଅଧିନାୟକ କ'ଣ ନିଷ୍ପତ୍ତି ନେବେ ଏହା ଉପରେ ସମସ୍ତଙ୍କ ନଜର ରହିଥିଲା।



# ମାର୍ଚ୍ଚ ୬ରୁ ଆରମ୍ଭ ସର୍ବଭାରତୀୟ ଟିଲୋ କପ୍

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ମାର୍ଚ୍ଚ ୬ରୁ ସର୍ବଭାରତୀୟ ଟିଲୋ କପ୍‌ର ୩୦ତମ ସଂସ୍କରଣ ଖେଳାଯିବ। ଏନେଇ ରବିବାର ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

୧୦ ଦିନ ବ୍ୟାପୀ ହେବାକୁ ଥିବା ଏହି ମ୍ୟାଚରେ ୩୦ରୁ ଊର୍ଦ୍ଧ୍ୱ ଆଇପିଏଲ ଏବଂ ରଞ୍ଜି ଖେଳାଳି ଭାଗନେବେ। ଭଦ୍ରକ ଜିଲ୍ଲା ଟିଲୋ ହନୁମାନଜୀଉ ପଡ଼ିଆରେ ଖେଳାଯିବ ଏହି ମ୍ୟାଚ୍। ଟ୍ୱେଣ୍ଟି ଟ୍ୱେଣ୍ଟି ଫର୍ମାଟରେ ଟ୍ରଫ୍ ଉଇକେଟରେ ମ୍ୟାଚ ଖେଳାଯିବ। ଓଡ଼ିଶା କ୍ରିକେଟ ଆସୋସିଏସନର ପୂର୍ଣ୍ଣ ସହଯୋଗରେ ଏହି ଖେଳ ଅନୁଷ୍ଠିତ ହେଉଥିବା ନେଇ ସଂପାଦକ ଲକିମାଷ୍ଟର ସ୍ୱାଇଁ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡଃ ମନ୍ମଥ ରାଉଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଟିଲୋ ସରପଞ୍ଚ ସଂଗ୍ରାମ ଯେନା, ସମିତି ସଭ୍ୟ ପରମେଶ୍ୱର ବାରିକ, ଶିକ୍ଷାବିତ୍ ସୁଧାଂଶୁଶେଖର ମହାନ୍ତି, ମନମୋହନ ସାହୁ, ପ୍ରଶାନ୍ତ କୁମାର ପୃଷ୍ଟି, ଉମେଷ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।




ଏଠାରେ ପ୍ରକାଶ ଯେ ଏଠାରେ ବିଗତ ଦିନରେ ଅର୍ନ୍ତଜାତୀୟ ସ୍ତରରେ ଖେଳ ହେଉଥିବା ବେଳେ ସୁରକ୍ଷା ଜନିତ କଟକଣା ପାଇଁ ବିଗତ ୩ବର୍ଷ ଧରି ସର୍ବଭାରତୀୟ ଖେଳ କରାଯାଉଛି। ୨୦୦୨ ମସିହାରେ ଭାରତୀୟ ଦଳର ପୂର୍ବତନ ଅଧିନାୟକ ମହିନ୍ଦ୍ର ସିଂ ଧୋନି ଏଠାରେ ଖେଳିଥିବା ବେଳେ ବାଂଗଲାଦେଶ, ମାଲେସିଆ, ନେପାଳ, ଆଫଗାନିସ୍ତାନ ପରି ଦଳର ଖେଳାଳି ଏଠାକୁ ଆସିଛନ୍ତି।

# ରାଜ୍ୟ ସ୍ତରୀୟ ଦିବା ରାତ୍ରୀ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ବ୍ଲକ ଅନ୍ତର୍ଗତ ଆଶ୍ରମପାଟଣାସ୍ଥିତ ଆଶ୍ରମପାଟଣା ଭଲିବଲ ୟୁନିଅନ ଏବଂ ପ୍ରଫୁଲ୍ଲ ପାଠାଗାର ମିଳିତ ଆନୁକୂଲ୍ୟରେ ୩୩ତମ ରାଜ୍ୟସ୍ତରୀୟ ଦିବାରାତ୍ରି ଉଭୟ ବାଳକ ବାଳିକା ବର୍ଗର ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନ ସମାରୋହରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ପୌରପରିଷଦ ପୌରାଧକ୍ଷଓ ଅର୍ଚ୍ଚନା ସିଂହ, ସମ୍ମାନିତ ଅତିଥି ଭାବେ ଖଇରଙ୍ଗ ଗ୍ରାମ ପଞ୍ଚାୟତ ସରପଞ୍ଚ ଲିପକ କୁମାର ସାହୁ, ଆଶ୍ରମପାଟଣା ଭଲିବଲ ୟୁନିଅନର ମୁଖ୍ୟ ଉପଦେଷ୍ଟା ତଥା ସମାଜସେ୍ୱୀ ନିରଞ୍ଜନ ଦାଶ, ବରିଷ୍ଠ ରାଜନୀତି ବିଜ୍ଞାନ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ଶିକ୍ଷାବିତ୍ ରବୀନ୍ଦ୍ରନାଥ



ତ୍ରିପାଠୀ, ବଂଶୀଧର ଆଚାର୍ଯ୍ୟ, ବିଜୟ କୁମାର ପତି, ସୁରେନ୍ଦ୍ର କୁମାର ରାୟ, ଅଧିବକ୍ତା ତଥା ସମାଜସେବୀ ବଳରାମ ରଥ, ପ୍ରଶାନ୍ତ କୁମାର ଦାଶ, ଡାକ୍ତର ସରୋଜକାନ୍ତ ବାରିକ, ରଶ୍ମିରଞ୍ଜନ ବେହେରା, ପ୍ରଦୀପ୍ତ କିଶୋର ସାହୁ ଆଦି ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏହାପରେ ଉଭୟ ଦଳର ଖେଳାଳିମାନଙ୍କ ସହିତ ଅତିଥିମାନେ କରମର୍ଦ୍ଦନ କରିଥିଲେ। ଶେଷରେ ଏହି ବାଳିକା ବର୍ଗର ଭଲିବଲ ଟୁର୍ଣ୍ଣାମେଣ୍ଟକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଖେଳ ଆରମ୍ଭ ପୂର୍ବରୁ ଆଶ୍ରମ ପାଟଣା ଭଲିବଲ ୟୁନିଅନର ପୂର୍ବତନ ଖେଳାଳି ବିରଞ୍ଚି ନାରାୟଣ ଦାସ ଏବଂ ଦେବକାନ୍ତ ମିଶ୍ରଙ୍କ ବିୟୋଗ ହେତୁ ଏକ ମିନଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ବାଳିକା ବର୍ଗ ଟୁର୍ଣ୍ଣାମେଣ୍ଟରେ ଆଶ୍ରମପାଟଣା ଭଲିବଲ ୟୁନିଅନ, ଓଡ଼ିଶା ପୋଲିସ ମଧ୍ୟରେ ଉଦ୍‌ଘାଟନ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହାପରେ ପାରାଦ୍ୱୀପ ପୋର୍ଟ ଅଥରିଟି ଏବଂ କେନ୍ଦ୍ରାପଡ଼ା ମଧ୍ୟରେ ମୁକାବିଲା ହୋଇଥିଲା। ଏହି ଖେଳକୁ ରେଫରୀ ଗୁରୁ ପ୍ରସାଦ ପତି ଏବଂ ବିଶ୍ୱଜିତ ଦାସ ପରିଚାଳନା କରିଥିଲେ। ଫାଇନାଲ ମ୍ୟାଚରେ ଆଶ୍ରମପାଟଣା ଭଲିବଲ ୟୁନିଅନକୁ ହରାଇ ଓଡ଼ିଶା ପୋଲିସ ବାଳିକା ବର୍ଗର ଚାମ୍ପିଅନ ହୋଇଛି। ଟୁର୍ଣ୍ଣାମେଣ୍ଟକୁ ସମ୍ପଦ କୁମାର ବେହେରା, ଦୀପ୍ତି ରଞ୍ଜନ ଦାଶ, ହିମାଂଶୁ ରଞ୍ଜନ ଦାଶ, ରମେଶ ଚନ୍ଦ୍ର ମହାନ୍ତି, ଅମିତ କୁମାର ଆଚାର୍ଯ୍ୟ, ସୁବ୍ରତ କୁମାର ଦାସ, ପପୁନି ରାୟ, ଆଦିତ୍ୟ କୁମାର ସାହୁ, କନକ କିଶୋର ସର୍ଜନ ସିଂହଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ଖେଳାଳିମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଜାତୀୟ ମାଷ୍ଟର୍ସ ଦୌଡ଼କୁଦ : ଓଡ଼ିଶାକୁ ୧୧ ପଦକ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**




ମଧ୍ୟପ୍ରଦେଶର ଜବଲପୁରଠାରେ ରବିବାର ଶେଷ ହୋଇଥିବା ୪୫ତମ ଜାତୀୟ ମାଷ୍ଟର୍ସ ଦୌଡ଼କୁଦ ପ୍ରତିଯୋଗିତାରେ ଓଡ଼ିଶା ୧୧ ପଦକ ଜିତି ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛି। ଓଡ଼ିଶାରୁ ଏକ ୧୨ ଜଣିଆ ଦଳ ଅଂଶଗ୍ରହଣ କରିଥିବାବେଳେ ୫ ଜଣ ଏହି ୧୧ ପଦକ ଜିତିଛନ୍ତି। ଗଜପତିର କିଶୋର ଚନ୍ଦ୍ର ରଥ ବ୍ୟକ୍ତିଗତ ଭାବେ ୪ ପଦକ ଜିତିଛନ୍ତି। କିଶୋର ୧୦୦ ମିଟର ଦୌଡ଼ ଓ ୧୦୦ ମିଟର ରିଲେ ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଲଙ୍ଗ୍ ଜମ୍ପ୍‌ରେ ରୌପ୍ୟ ଏବଂ ଟ୍ରିପଲ୍ ଜମ୍ପ୍‌ରେ କାଂସ୍ୟ ପଦକ ହାସଲ କରିଥିଲେ। ସନ୍ତୋଷ କୁମାର ପ୍ରଧାନ ବ୍ୟକ୍ତିଗତ ଭାବେ ୨ ସ୍ୱର୍ଣ୍ଣ (ଲଙ୍ଗ୍ ଜମ୍ପ୍ ଓ ଟ୍ରିପଲ୍ ଜମ୍ପ୍) ପଦକ ଜିତିଥିବାବେଳେ ସମ୍ବଲପୁରର ଭେଟେରାନ୍ ମହିଳା ଆଥଲେଟ୍ ରେଖା ଦେ ଟ୍ରିପଲ୍ ଜମ୍ପ୍‌ରେ କାଂସ୍ୟ ପଦକ ହାସଲ କରିଥିଲେ। ବରଗଡ଼ର ନରସିଂହ ଭୋଇ ୫୦୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ଏବଂ ୧୫୦୦ ମିଟର ଦୌଡ଼ରେ କାଂସ୍ୟ ପଦକ ଜିତିଛନ୍ତି। ଭବାନୀପାଟଣାର ରାମକୃଷ୍ଣ ରାଓ ୩୦୦୦ ମିଟରରେ ସ୍ୱର୍ଣ୍ଣ ଓ ୮୦୦ ମିଟରରେ ରୌପ୍ୟ ପଦକ ପାଇଛନ୍ତି। ରବିବାର ଶେଷ ହୋଇଥିବା ଏହି ୩ ଦିନିଆ ପ୍ରତିଯୋଗିତାରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ୧୧୭୦ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ।

# ସମ୍ବଲପୁରରେ 'ହୀରାକୁଦ ଇଣ୍ଟରନ୍ୟାସନାଲ ହାଫ୍ ମାରାଥନ୍'ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ଭାରତ ୨୦୩୬ ଅଲିମ୍ପିକ୍ସ ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ ଆମକୁ ୨୦୨୬ରୁ ହିଁ ଏପରି ପ୍ରୟାସ କରିବାକୁ ହେବ ଯେପରି ସମ୍ବଲପୁର ଏବଂ ଓଡ଼ିଶାର ପ୍ରତିଭାବାନ ପିଲାମାନେ ବିଶ୍ୱସ୍ତରରେ ମେଡାଲ ଜିତିବେ। ରବିବାର ସମ୍ବଲପୁରର ଐତିହାସିକ ହୀରାକୁଦ ଠାରେ 'ଏମସିଏଲ୍ ହୀରାକୁଦ ଇଣ୍ଟର-ନ୍ୟାସନାଲ ହାଫ୍ ମାରାଥନ୍-୨୦୨୬'ର ଉଦ୍‌ଘାଟନ କରିବା ଅବସରରେ ଏହା କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ।

ସେ କହିଛନ୍ତି ଯେ, ଏହି ମାରାଥନ କେବଳ ଏକ ଦୌଡ଼ ନୁହେଁ, ବରଂ ଏହା ଏକ ଦୃଢ଼ ସଂକଳ୍ପ। ହୀରାକୁଦର ସୁଉଚ୍ଚ ମାଟି ବନ୍ଧ ଉପରେ ଆୟୋଜିତ ଏହି ଭବ୍ୟ ମାରାଥନରେ ଚଳିତ ବର୍ଷ ଦେଶ-ବିଦେଶର ୧୦ ହଜାରରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଓ ଯୁବସାଥୀ ଅଂଶଗ୍ରହଣ କରିଥିଲେ। ଏଥିରେ ଓଡ଼ିଶା ସମେତ ଅନ୍ୟ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ଏବଂ ବିଦେଶରୁ ହଜାର ହଜାର ପ୍ରତିଭାବାନ ଧାବକ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାକୁ ମୁଖ୍ୟତଃ ୨୧ କିମି, ୧୦ କିମି, ୫ କିମି ଏବଂ ୧.୫ କିମି ଭଳି ଚାରୋଟି ଭିନ୍ନ ବିଭାଗରେ ବିଭକ୍ତ କରାଯାଇଥିଲା।





ହୀରାକୁଦର ମନୋରମ ପରିବେଶ ମଧ୍ୟରେ ଆୟୋଜିତ ଏହି ଦୌଡ଼ ସମ୍ବଲପୁରର କ୍ରୀଡ଼ା ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ବିଶେଷ କରି ଇଥିଓପିଆ ଏବଂ ନାଇଜେରିଆ ଭଳି ଦେଶରୁ ଆନ୍ତର୍ଜାତୀୟ ଖେଳାଳିମାନେ ମଧ୍ୟ ଏଥିରେ ଯୋଗଦେଇ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ପୁରସ୍କୃତ ମଧ୍ୟ ହୋଇଛନ୍ତି। ଏହାକୁ ଆଗାମୀ ଦିନରେ ଜାରି ରଖିବା ପାଇଁ ଯୋଜନା କରାଯିବ। ଏହି ଅବସରରେ ସେ ମାରାଥନରେ ଭାଗ ନେଇଥିବା ସମସ୍ତ କ୍ରୀଡ଼ାବିତ୍ ଓ ଯୁବସାଥୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଆୟୋଜକ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍, ଜିଲ୍ଲା ପ୍ରଶାସନ, ଭାରତ ସରକାର ଓ ଓଡ଼ିଶା ସରକାରଙ୍କୁ ସାଧୁବାଦ ଜଣାଇଛନ୍ତି।

ସେ କହିଛନ୍ତି, ଆମର ପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଫିଟ୍ ଇଣ୍ଡିଆ ମୁଭମେଣ୍ଟ'ର ଆହ୍ୱାନକୁ ଆଜିର ଏହି ମାରାଥନ୍ ସାର୍ଥକ କରୁଛି। ଯେତେବେଳେ ଜଣେ ଯୁବକ ଦୌଡ଼େ, ସେତେବେଳେ ପୂରା ସମାଜ ଦୌଡ଼େ ଏବଂ ଦେଶ ପ୍ରଗତି ପଥରେ ଦୌଡ଼େ। ପ୍ରତ୍ୟେକ ନାଗରିକଙ୍କୁ ସୁସ୍ଥ ରଖିବା ପାଇଁ ଦୌଡ଼ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ମାରାଥନ୍ କେବଳ ଶାରୀରିକ ସୁସ୍ଥତା ନୁହେଁ, ବରଂ ଜଣେ କ୍ରୀଡ଼ାବିତ୍‌ର ପ୍ରକୃତ ସ୍ପୋର୍ଟ୍ସମ୍ୟାନ ସ୍ପିରିଟ୍ ବା ଖେଳୁଆଡ଼ ମନୋଭାବକୁ ମଧ୍ୟ ପ୍ରଦର୍ଶିତ କରୁଛି। ଏହି ଭବ୍ୟ ଆୟୋଜନ ସମ୍ବଲପୁରକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଏକ ନୂଆ ଏବଂ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବାରେ ଏକ ଶକ୍ତିଶାଳୀ ମାଧ୍ୟମ ସାଜିବ।

ସମ୍ବଲପୁରର ପରିଚୟ ଆଜି କେବଳ କୃଷିରେ ସୀମିତ ନାହିଁ; ଏହା କୃଷିରୁ ସଂସ୍କୃତି ଏବଂ ପର୍ଯ୍ୟଟନରୁ କ୍ରୀଡ଼ା କ୍ଷେତ୍ରକୁ ବ୍ୟାପିବାରେ ଲାଗିଛି। ଏହି ଆନ୍ତର୍ଜାତୀୟ ମାରାଥନ୍ ମାଧ୍ୟମରେ ବିଶ୍ୱର କୋଣ ଅନୁକୋଣରୁ ଆସିଥିବା ପର୍ଯ୍ୟଟକମାନେ ଆମର ସମୃଦ୍ଧ ସମ୍ବଲପୁରୀ ବସ୍ତ୍ର, କଳା ଏବଂ ନିଆରା ଆତିଥ୍ୟକୁ ଅନୁଭବ କରିବାର ସୁଯୋଗ ପାଇବେ। ମା' ସମଲେଶ୍ୱରୀଙ୍କ ଆଶୀର୍ବାଦରୁ ଏହି ପ୍ରୟାସ ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ଏବଂ ଭାରତର ସମ୍ମାନକୁ ଆହୁରି ମଜବୁତ୍ କରିବ। ଶେଷରେ ସେ କହିଛନ୍ତି ଯେ ଭାରତ ୨୦୩୬ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି କରୁଥିବା ବେଳେ, ୨୦୨୬ରୁ ହିଁ ଓଡ଼ିଶାର ପ୍ରତିଭାବାନ ପିଲାମାନେ ନିଜକୁ ପ୍ରସ୍ତୁତ କରିବା ଆବଶ୍ୟକ। ମା' ସମଲେଶ୍ୱରୀଙ୍କ ଆଶୀର୍ବାଦରୁ ସମ୍ବଲପୁର ଏବଂ ଓଡ଼ିଶାର ପିଲାମାନେ ଆଗାମୀ ଦିନରେ ଅଲିମ୍ପିକ୍ସ ମେଡାଲ ଜିତି ଦେଶକୁ ଗର୍ବିତ କରିବେ ବୋଲି ସେ ଆଶା ପ୍ରକଟ କରିଛନ୍ତି।

ଉଲ୍ଲେଖନୀୟ ଯେ, ଏହି ମାରାଥନରେ ଓଡ଼ିଶା ସମେତ ଭାରତର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ପ୍ରତିଯୋଗୀମାନେ ସାମିଲ ହୋଇ ଥିଲେ। ରାଜ୍ୟ ବାହାରୁ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଉତ୍ତର ପ୍ରଦେଶ, ଛତିଶଗଡ଼, ବିହାର, ମହାରାଷ୍ଟ୍ର, ଆନ୍ଧ୍ର ପ୍ରଦେଶ, ହରିୟାଣା, ରାଜସ୍ଥାନ, ମଧ୍ୟ ପ୍ରଦେଶ, ତେଲେଙ୍ଗାନା, ଗୁଜରାଟ, ଦିଲ୍ଲୀ, କର୍ଣ୍ଣାଟକ, ପଞ୍ଜାବ, ଆସାମ, ଉତ୍ତରାଖଣ୍ଡ, କେରଳ, ତାମିଲନାଡୁ, ମେଘାଳୟ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ଜମ୍ମୁ ଓ କାଶ୍ମୀରର ଧାବକ ନିଜର କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରିଥିଲେ। ଅନ୍ତର୍ଜାତୀୟ ସ୍ତରରେ ଏହି ମାରାଥନର ଦୃଶ୍ୟପଟ୍ଟ ବେଶ୍ ପ୍ରଭାବଶାଳୀ ରହିଥିଲା, ଯେଉଁଥିରେ କେନିଆ, ଇଥିଓପିଆ, ନାଇଜେରିଆ, ନେପାଳ, ଶ୍ରୀଲଙ୍କା, ଭୁଟାନ, ଜାମ୍ବିଆ, କଙ୍ଗୋ, ୟେମେନ ଏବଂ ସିରିଆ ଭଳି ବିଦେଶୀ ରାଷ୍ଟ୍ରର ଧାବକମାନେ ଅଂଶଗ୍ରହଣ କରିଥିଲେ। ବିଜୟୀ ପ୍ରତିଯୋଗୀଙ୍କୁ ଶ୍ରୀ ପ୍ରଧାନ ପୁରସ୍କୃତ କରିଥିଲେ। ଏହି ଭବ୍ୟ କାର୍ଯ୍ୟକ୍ରମରେ ଓଡ଼ିଶାର ପଞ୍ଚାୟତିରାଜ ଓ ଗ୍ରାମୀଣ ଉନ୍ନୟନ ମନ୍ତ୍ରୀ ରବି ନାୟକ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚ ଶିକ୍ଷା, କ୍ରୀଡ଼ା ଏବଂ ଯୁବସେବା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ସମେତ ପଦ୍ମଶ୍ରୀ ବିଜେତା ଏବଂ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଧାନ ହୀରାକୁଦର ମହାନଦୀରେ ବୋଟିଂ କରି ଖୁସିପ୍ରକଟ କରିଥିଲେ।

# ବିଶାଳ ହିନ୍ଦୁ ସମ୍ମିଳନୀରେ ବୌଦ୍ଧିକ ସଭା
## କଳସ ଯାତ୍ରା ଓ ଗାୟତ୍ରୀ ଯଜ୍ଞ ଧ୍ୱନିରେ ସାରା ସହର



**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସ୍ଥିତ ଶ୍ରୀରାମ ମନ୍ଦିର ପରିସରର ବାବାଜୀ କୁଟିଆ ସମ୍ମୁଖରେ ଏକ ବିରାଟ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ କମିଟିର ସଭାପତି ଭାବରେ ପ୍ରଦୀପ ନାରାୟଣ ଖଣ୍ଡେଲୱାଲ, ସମ୍ପାଦକ ଚିନ୍ମୟ କୁମାର ଯୋଶୀ ନେତୃତ୍ୱରେ ସକାଳ ୭.୩୦ରେ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ଗାୟତ୍ରୀ ମନ୍ଦିର ସମ୍ମୁଖରୁ ଶ୍ରୀରାମ ମନ୍ଦିର ପର୍ଯ୍ୟନ୍ତ କଳସ ଯାତ୍ରାରେ ପ୍ରଭାତ ପ୍ରହରୀ ସଦସ୍ୟ, ଶିଶୁ ମନ୍ଦିର ଶିକ୍ଷକ ଶିକ୍ଷୟିତ୍ରୀ ସହ ସ୍ଥାନୀୟ ଭକ୍ତ ଯୋଗ ଦେଇଥିଲେ। ପରେ ରାମ ମନ୍ଦିର ପରିସରରେ ସକାଳ ୧୦ଟାରେ ପଞ୍ଚକୁଣ୍ଡିୟ ଗାୟତ୍ରୀ ମହା ଯଜ୍ଞ ଓ ଭଜନ ପରିବେଷଣ ପଣ୍ଡିତ ସିଦ୍ଧାନ୍ତ ତାଙ୍କର ସହଯୋଗୀଙ୍କ ଦ୍ୱାରା କରାଯାଇଥିବା ବେଳେ ୧୨ଟା ସମୟରେ ବୌଦ୍ଧିକ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା ଯେଉଁଥିରେ ମୁଖ୍ୟ ଅତିଥି ଭାବେ, ସାଧୁ ପ୍ରଭାକର ଦାସସତ୍ୟ ମହିମା ଆଶ୍ରମ ନରଲା ଜିଲ୍ଲା- କାଳାହାଣ୍ଡିରୁ ଓ ମୁଖ୍ୟ ବକ୍ତା ଭାବେ ଘନଶ୍ୟାମ ପ୍ରଧାନ ପ୍ରାଦେଶିକ ସଂଯୋଜକ ସାମାଜିକ ସମନ୍ୱୟ ଆରଏସଏସ ଓଡ଼ିଶା ପଶ୍ଚିମରୁ ଯୋଗ ଦେଇ ହିନ୍ଦୁ ସମ୍ମେଳନୀ ଉପଦେଶ ବିଷୟରେ ଆଲୋଚନା କରିବା ସହ ଭାରତ ଦେଶର ହିନ୍ଦୁ ସଂସ୍କୃତି ସମସ୍ତଙ୍କ ମଙ୍ଗଳ କାମନା କରିବା ସହ ବିଶ୍ୱର ନେତୃତ୍ୱ କରିବା ଶକ୍ତି ରଖେ ବୋଲି ନିଜର ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଶୋକ ଛାପଡିଆ, ନବଲ ମିଶ୍ର, ବେଦବ୍ୟାସ ନାଗ, ରାଜୁ ଶର୍ମା, ଦେବରାଜ ଯାଦବ, ମୁରାରୀ ଅଗ୍ରୱାଲ, ସଞ୍ଜୟ ସୁନା, ଘନଶ୍ୟାମ ବେହେରା, ଉତ୍ତମ ନାଗ, ନିଶି ମହାପାତ୍ର, ସୁଧୀର ବେହେରା, ଲଳିତ ଅଗ୍ରୱାଲ, ସନ୍ତୋଷ ଲାଠୋରୀୟ, ଶଙ୍କର ପୁଟେଲ, ପ୍ରଦୀପ ବାଗ ସହ ଅନ୍ୟ ଭକ୍ତ ଓ ସହଯୋଗୀ ଯୋଗ ଦେଇ ସହଯୋଗ କରିଥିଲେ।

# ପୁଲୱାମା ସହିଦଙ୍କ ଉଦ୍ଦେଶ୍ୟରେ ଆଠଗଡ଼ ବିଜେପି ପାଳିଲା ସହିଦ ଦିବସ

**ଆଠଗଡ଼, ନ୍ୟୁଜ୍‌ବ୍ୟୁରୋ**

ପୁଲୱାମା ଆକ୍ରମଣ ଘଟଣାକୁ ୭ ବର୍ଷ ବିତି ଯାଇଥିଲେ ମଧ୍ୟ ଆଜି ସେହି କଥା ମନେ ପଡ଼ିଲେ ଲୋମ ଟାଙ୍କୁରି ଉଠେ। ଏହାକୁ ଭିତ୍ତି କରି ଏହି ଦିନଟିକୁ ଭାରତୀୟ ପ୍ରତିରକ୍ଷା ଇତିହାସରେ କଳା ଦିବସ ଭାବେ ପାଳନ ହେଉଛି। ପାକ୍ ପ୍ରାୟୋଜିତ କାପୁରୁଷ ଆତଙ୍କବାଦୀଙ୍କ ଆକ୍ରମଣର କଳା ଦିନ। ସହିଦ ହୋଇଥିଲେ ଭାରତ ମାତାର ୪୦ ଜଣ ବୀର ଯବାନ। ଏହି ସହିଦମାନଙ୍କ ଉଦ୍ଦେଶ୍ୟରେ ଆଠଗଡ଼ ବିଜେପି ପକ୍ଷରୁ ସହିଦ ଦିବସ ରେ ବିଜେପି ଦଳର ବରିଷ୍ଠ ନେତା ଅଭୟ କୁମାର ବାରିକଙ୍କ ନେତୃତ୍ୱରେ ସ୍ଥାନୀୟ ସାପୁଆ ନଦୀ ନିକଟସ୍ଥ ବିଜେପି କାର୍ଯ୍ୟାଳୟରୁ ଏକ ବିରାଟ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ସ୍ଥାନୀୟ ଲକ୍ଷ୍ମୀ ବଜାର ମଣ୍ଡପ ଠାରେ ପହଞ୍ଚିଥିଲା। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ପୁଲୱାମା ସହିଦୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ମୃତି ସଭାର ଆୟୋଜନ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ୩ ଜଣ ସହିଦ୍‌ଙ୍କ ପରିବାର ସଦସ୍ୟମାନେ ଯୋଗଦେଇ ତାଙ୍କର ସନ୍ତାନ, ସ୍ୱାମୀ, ଭାଇ, ପୁଅ ବୀର ସହିଦମାନଙ୍କ ପାଇଁ ତାଙ୍କୁ ଯେଉଁ ସମ୍ମାନ ଦିଆଯାଉଛି ସେଥିପାଇଁ ସେମାନେ ଗର୍ବ ଅନୁଭବ କରନ୍ତି ବୋଲି ଆଖି ଲୁହ ଛଳ ଛଳ ଭାବରେ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସିନେ ଅଭିନେତା ସ୍ୱରାଜ ଏବଂ ଅଭିନେତ୍ରୀ ଶିବାନୀ ଯୋଗଦେଇ ବୀର ସହିଦ୍‌ମାନଙ୍କ ସ୍ମୃତି ଚାରଣ କରିଥିଲେ। ଅନୁଷ୍ଠିତ ଏହି ସ୍ମୃତି ସଭାରେ ବିଜେପି ନେତା ଅଭୟଙ୍କ ସମେତ ବହୁ ଅବସପ୍ରାପ୍ତ ସେବା ଅଧିକାରୀ ଏବଂ କର୍ମଚାରୀମାନେ ଯୋଗଦେଇ ବୀର ସହିଦ୍‌ମାନଙ୍କ ଉଦ୍ଦେଶ୍ୟରେ ସ୍ମୃତି ଚାରଣ କରିଥିଲେ।

# ହରିଶଙ୍କର ଠାରେ ବନାଗ୍ନି ପ୍ରତିରୋଧ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

**ପାଟଣାଗଡ଼, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ବ୍ଲକ ହରିଶଙ୍କର ବନ ବିଭାଗ ଡାକ ବଙ୍ଗଳାଠାରେ ବନ ବିଭାଗ ଓ ଆର୍‌ସିଡ଼ିସିର ମିଳିତ ଉଦ୍ୟମରେ ବନାଗ୍ନି ପ୍ରତିରୋଧ ଓ ଜଙ୍ଗଲ ଜାତ ଖାଦ୍ୟ ପରମ୍ପରା ସଂପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆର୍‌ସିଡିସି ଜିଲ୍ଲା ସଂଯୋଜକ ଶମ୍ଭୁ ପ୍ରସାଦ ସାହୁ ଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ହରିଶଙ୍କର ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ, ସମ୍ମାନୀତ ଅତିଥି ରୂପେ ଜିଲ୍ଲା ଜଙ୍ଗଲ ସୁରକ୍ଷା ଫୋରମ୍ ଆବାହକ କୁଳମଣି ସାହୁ, ଗନ୍ଧମାର୍ଦ୍ଦନ ସୁରକ୍ଷା ଏକ୍ସନ କମିଟି ଆବାହକ ଟେକେନ୍ଦ୍ର ଜାଲ, ପରିବେଶ କର୍ମୀ ଡ. ଅଭୟ ତ୍ରିପାଠୀ, ନାନ୍ଦୁପଲା ସରପଞ୍ଚ ନିଳେନ୍ଦ୍ରୀ ପୁଝାରୀ, ଭାନପୁର ସରପଞ୍ଚ ରିନା ଜାଲ, ହରିଶଙ୍କର ବନପାଳ ରଞ୍ଜିତ କୁମ୍ଭାର ଯୋଗଦେଇଥିଲେ। ଏହି ଅବସରରେ ବାନାଗ୍ନୀ ପ୍ରତିରୋଧ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ସେହିପରି ଜଙ୍ଗଲଜାତ ଦ୍ରବ୍ୟ, ପାରମ୍ପାରିକ ଖାଦ୍ୟ ଅଭ୍ୟାସ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଖପ୍ରାଖୋଲ ବନପାଳ ସୁଧିର ଜେନା, ଧଣ୍ଡାମୁଣ୍ଡା ବନପାଳ ଇନ୍ଦ୍ରମଣି ବେହେରା, ରେଙ୍ଗାଳି ବନପାଳ ବିପିନ ସହୁ, ପ୍ରମୋଦା ସେଠ୍, ଆର୍‌ସିଡିସି ବ୍ଲକ ସଂଯୋଜକ ମିତାଞ୍ଜଳୀ ମିଶ୍ର, ନାରାୟଣ ସାହୁ ସମେତ ବନ ସୁରକ୍ଷା ସମିତି ସଦସ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ବନ ବିଭାଗ କର୍ମଚାରୀ, କେନ୍ଦୁପତ୍ର କର୍ମଚାରୀ ଉପସ୍ଥିତ ଥିବା ବେଳେ ଦେବରାଜ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୬ ଫେବୃୟାରୀ ୨୦୨୬ ସୋମବାର





# ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ପରିବହନ ପ୍ରକଳ୍ପର ସମୀକ୍ଷା କଲେ ପ୍ରମୁଖ ଶାସନ ସଚିବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍. ରାଜପୁତ ବିଭାଗର ଦାୟିତ୍ୱ ଗ୍ରହଣ କରିବା ପରେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଅଞ୍ଚଳ ଗସ୍ତ କରି ପ୍ରମୁଖ ବିମାନ ଚଳାଚଳ ଏବଂ ପରିବହନ ପ୍ରକଳ୍ପଗୁଡ଼ିକର ସ୍ଥିତି ସମୀକ୍ଷା କରିଛନ୍ତି। ରାଜପୁତ ଉତକେଲା ବିମାନବନ୍ଦର, ଜୟପୁର ବିମାନବନ୍ଦର ସମେତ ନବରଙ୍ଗପୁର ଓ ଭବାନୀପାଟଣାରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ଉତକେଲା ବିମାନବନ୍ଦରରେ ସେ ବିମାନ ଚଳାଚଳ ପାଇଁ ପ୍ରସ୍ତୁତି, ଯାତ୍ରୀଙ୍କ ପାଇଁ ଥିବା ସୁବିଧା ଏବଂ ରନ୍-ୱେ ସଂପ୍ରସାରଣ ଭଳି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଥିଲେ। କେବିକେ ଅଞ୍ଚଳରେ ଆକାଶପଥ ରେ ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସକ୍ରିୟ କରି ଆର୍ଥିକ ପ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ଉପରେ ସେ ବିଶେଷ ଗୁରୁତ୍ୱ ଦେଇଛନ୍ତି।

ସେହିପରି ଜୟପୁର ବିମାନବନ୍ଦର ଗସ୍ତ କରି ଶ୍ରୀ ରାଜପୁତ ସେଠାକାର ଭିତିଭୂମି ବିକାଶ, ସୁରକ୍ଷା ବ୍ୟବସ୍ଥା ଓ ଯାତ୍ରୀ ସେବାର ତଦାରଖ କରିବା ସହ ସ୍ଥାନୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ସାଧାରଣ ଲୋକଙ୍କୁ ଶସ୍ତା ଏବଂ ନିର୍ଭରଯୋଗ୍ୟ ବିମାନ ସେବା ଯୋଗାଇ ଦେବା ପାଇଁ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବିମାନ ସେବା ବ୍ୟତୀତ ସଡ଼କ ପରିବହନରେ ସଂସ୍କାର ଆଣିବା ଲକ୍ଷ୍ୟରେ ପ୍ରମୁଖ ଶାସନ ସଚିବ ଭବାନୀପାଟଣାସ୍ଥିତ ଓଏସ୍ଆରଟିସି ଡିପୋ ଓ ବସଷ୍ଟାଣ୍ଡ ସମେତ ନବରଙ୍ଗପୁରରେ ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସୁବିଧାର ସମୀକ୍ଷା କରିଥିଲେ। ବସଷ୍ଟାଣ୍ଡଗୁଡ଼ିକରେ ସ୍ୱଚ୍ଛତା, ଡିଜିଟାଲ୍ ଟିକେଟିଂ ଓ ବସ ଚଳାଚଳର ସଠିକ୍ ସମୟାନୁବର୍ତିତା ସୁନିଶ୍ଚିତ କରିବା ସହ ଦୂରଦୂରାନ୍ତ ଓ ଆଭ୍ୟନ୍ତରୀଣ ଅଂଚଳରେ ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ସେ ବିଭାଗୀୟ ଅଧିକାରୀମାନଙ୍କୁ ବିଶେଷ ରୂପେ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପଟେ କଳାହାଣ୍ଡି, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାରେ ରାଜସ୍ୱ ଆଦାୟ ସ୍ଥିତିର ଅନୁଧ୍ୟାନ କରିବା ସହ ଏଥିରେ ସ୍ୱଚ୍ଛତା ଆଣିବା ପାଇଁ ଡିଜିଟାଲ୍ ପ୍ରଣାଳୀର ବ୍ୟାପକ ଉପଯୋଗ ଓ ଯାଂଚ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବାକୁ ସେ କହିଛନ୍ତି। ରାଜ୍ୟରେ ଉଭୟ ବିମାନ ଏବଂ ସଡ଼କ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ସରକାରଙ୍କ ପ୍ରାଥମିକତା ବୋଲି ଉଲ୍ଲେଖ କରି ଶ୍ରୀ ରାଜପୁତ କହିଛନ୍ତି ଯେ, ଉନ୍ନତ ଯୋଗାଯୋଗ ବ୍ୟବସ୍ଥା ହିଁ ଆଂଚଳିକ ବିକାଶ, ପର୍ଯ୍ୟଟନ ଓ ଜନସାଧାରଣଙ୍କ ପାଇଁ ସବୁ ପ୍ରକାର ସେବାକୁ ସହଜ କରିବ। ଏହି ଗସ୍ତ ସମୟରେ ତାଙ୍କ ସହ ବିଭାଗର ବରିଷ୍ଠ ପଦାଧିକାରୀ ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଏସ୍‌ସିବି ମେଡିକାଲ୍‌ରେ ଯୋଗ୍ୟତା ନଥିବା ନର୍ସିଂ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିବା ନେଇ ଅଭିଯୋଗ

**କଟକ, ନ୍ୟୁଜ ବ୍ୟୁରୋ**




ରାଜ୍ୟର ସର୍ବବୃହତ୍ ରେଫରାଲ୍ ହସ୍ପିଟାଲ୍ ଏସ୍‌ସିବି ମେଡିକାଲ୍‌ରେ ଯୋଗ୍ୟତା ନଥିବା ନର୍ସିଂ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ସରକାର ନୂଆ ନିଯୁକ୍ତି ଦେଉ ନଥିଲା ବେଳେ କର୍ତ୍ତୃପକ୍ଷ ଆଉଟସୋର୍ସିଂ ମାଧ୍ୟମରେ ନର୍ସ ନିଯୁକ୍ତ କରିଛନ୍ତି। ହେଲେ ସେମାନଙ୍କ ମଧ୍ୟରୁ କେତେକ ମେଡିକାଲ୍ କଲେଜରେ ନିଯୁକ୍ତ ହେବାକୁ ଅଯୋଗ୍ୟ ଥିବା ଜଣାପଡ଼ିଛି। ସରକାରୀ ନିୟମ ଅନୁସାରେ ଏଏନ୍‌ଏମ୍ ପାସ୍ କରିଥିବା ନର୍ସିଂ କର୍ମଚାରୀ ମେଡିକାଲ୍ କଲେଜ ପାଇଁ ଉପଯୁକ୍ତ ନୁହନ୍ତି। ସେମାନଙ୍କୁ ଅନ୍ୟୂନ ଡିପ୍ଲୋମା ବା ଜିଏନ୍‌ଏମ୍ କୋର୍ସ କରିବାକୁ ପଡ଼ିବ। ହେଲେ ଆଉଟସୋର୍ସିଂ ମାଧ୍ୟମରେ କାମ କରୁଥିବା ନର୍ସିଂ କର୍ମଚାରୀମାନଙ୍କ ଭିତରୁ କେତେକ ଏଏନ୍‌ଏମ୍ ସାର୍ଟିଫିକେଟ୍ ଆଣି ନିଯୁକ୍ତି ପାଇଥିବା ଅଭିଯୋଗ ହୋଇଛି। ସେମାନଙ୍କୁ ରୋଗୀ ସେବାରେ ନିୟୋଜନ ପାଇଁ କର୍ତ୍ତୃପକ୍ଷ କିପରି ଅନୁମତି ଦେଇଛନ୍ତି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ଅନୁସାରେ, ଦୁଇ ବର୍ଷ ତଳେ ଏସ୍‌ସିବିରେ ୧୨୮ଜଣ ନର୍ସଙ୍କୁ ଆଉଟସୋର୍ସିଂ ମାଧ୍ୟମରେ ନିଯୁକ୍ତି ଦିଆଗଲା। ୧୦ରୁ ୧୨ହଜାର ଟଙ୍କା ଦରମାରେ ସେମାନେ କାମ କଲେ। ହେଲେ ସେମାନଙ୍କର କୌଣସି ଅଫିସିଆଲ୍ ରେକର୍ଡ ରହିଲାନି। ବିନା ଯୋଗ୍ୟତାରେ କିମ୍ବା ଜାଲ୍ ସାର୍ଟିଫିକେଟ୍‌ରେ ଡ୍ୟୁଟି କରୁଥିବା ନେଇ ପୂର୍ବରୁ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଯେଉଁଥି ପାଇଁ ଦୁଇ ଜଣଙ୍କୁ ମେଡିକାଲ୍‌ରୁ ହଟାଯାଇଥିଲା। ଅଭିଯୋଗ ହେବା ପରେ ଏବେ ଡ୍ୟୁଟି କରୁଥିବା କିଛି ଏଏନ୍‌ଏମ୍ ନର୍ସ ଜିଏନ୍‌ଏମ୍ ସାର୍ଟିଫିକେଟ୍ ଆଣି ଅଫିସ୍‌ରେ ଦେଇଛନ୍ତି। ହେଲେ ଚାକିରି ପାଇବା ପରେ ସାର୍ଟିଫିକେଟ୍ ଆଣିବା ଅଧିକ ସନ୍ଦେହର କାରଣ ହୋଇଛି। ଯେଉଁ ଶିକ୍ଷାନୁଷ୍ଠାନ ନାମରେ ଏହି ସାର୍ଟିଫିକେଟ୍ ଆସିଛି, ତାହାକୁ ମଧ୍ୟ ଯାଞ୍ଚ କରାଯାଉ ନଥିବା ଏସ୍‌ସିବି ମେଡିକାଲ୍ ନର୍ସିଂ କର୍ମଚାରୀ ସଂଘ ପକ୍ଷରୁ କୁହାଯାଇଛି। ୱାର୍ଡରେ ଡ୍ୟୁଟି ପଡୁଥିବା ସମୟରେ ଆଉଟସୋର୍ସିଂ ନର୍ସଙ୍କ ସଂଖ୍ୟା କିମ୍ବା ସେମାନଙ୍କ ଉତ୍ତରଦାୟିତ୍ୱ ବିଷୟରେ ନିୟମିତ ନର୍ସଙ୍କ ପାଖରେ କୌଣସି ସୂଚନା ରହୁନି। ଯେଉଁଥିପାଇଁ ସେମାନେ ମନଇଚ୍ଛା ଡ୍ୟୁଟି କରୁଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ସଂଘର ଜଣେ କର୍ମକର୍ତ୍ତା କହିଛନ୍ତି, ଆଉଟସୋର୍ସିଂ ନର୍ସିଂ କର୍ମଚାରୀଙ୍କ ମଧ୍ୟରୁ ଅନେକ ତାଲିମପ୍ରାପ୍ତ ନୁହନ୍ତି। ସେମାନେ ଯଦି କିଛି ଭୁଲ୍ କରିଦେଉଛନ୍ତି, ଦୋଷ ନିୟମିତ ନର୍ସଙ୍କ ଉପରକୁ ଆସୁଛି। ଅଧିକାଂଶ ସମୟରେ ରାଜନେତା କିମ୍ବା ବିଭାଗୀୟ ମୁଖ୍ୟମାନଙ୍କ ସୁପାରିସରେ ଆଉଟସୋର୍ସିଂର କିଛି ନର୍ସଙ୍କୁ ୱାର୍ଡ ପରିବର୍ତ୍ତେ ଅଫିସିଆଲ୍ କାମରେ ନିୟୋଜିତ କରାଯାଉଛି। ବାରମ୍ବାର ଏ ସଂପର୍କରେ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳୁନି। ନର୍ସିଂ ସଂଘର ଉପଦେଷ୍ଟା ଶ୍ରୀମତୀ ସାହୁଙ୍କ ଅନୁସାରେ, ଜଣେ ୧୦ହଜାର ଟଙ୍କା ଦରମା ନେଇ କାମ କରୁଥିବା ବ୍ୟକ୍ତି ଯଦି ୭୦ ହଜାର ଟଙ୍କା ଦରମା ପାଉଥିବା ଲୋକଙ୍କୁ ସାମ୍ନାରେ ଦେଖିବ, ସେତେବେଳେ ନିଜେ ଖାମଖିଆଲ ହୋଇଯିବା ସ୍ୱାଭାବିକ। ହେଲେ ଏଠାରେ କିଛି ଶିଖିବା ପରିବର୍ତ୍ତେ ସେମାନେ ନିୟମିତମାନଙ୍କୁ ଠିକ୍‌ରେ ସମ୍ମାନ ଦେବା ମଧ୍ୟ ଜାଣୁନାହାନ୍ତି। ତଥାପି ସରକାର ନୂଆ ନିଯୁକ୍ତି ନ ଦେଇ ଆଉଟସୋର୍ସିଂ ମାଧ୍ୟମରେ ଅଯୋଗ୍ୟମାନଙ୍କୁ ରୋଗୀ ପରିଚାଳନା ଦାୟିତ୍ୱ ଦେବା ଆଦୌ ଗ୍ରହଣୀୟ ନୁହେଁ ବୋଲି ଶ୍ରୀମତି ସାହୁ କହିଛନ୍ତି।

# ମାର୍ଚ୍ଚ ୯ରେ ବାଚସ୍ପତି ଓମ୍ ବିର୍ଲାଙ୍କୁ ବହିଷ୍କାର ପ୍ରସ୍ତାବ ଉପରେ ବିତର୍କ: ରିଜିଜୁ

ନୂଆଦିଲ୍ଲୀ :



ସଂସଦର ବଜେଟ ଅଧିବେଶନର ପ୍ରଥମ ଭାଗ ହୋହଲ୍ଲା ଓ ମୁଲତବୀ ଭିତରେ ଶେଷ ହୋଇଥିଲା। ମାର୍ଚ୍ଚ ୯ ତାରିଖରୁ ଆରମ୍ଭ ହେଉଥିବା ଦ୍ୱିତୀୟ ଭାଗ ଏପ୍ରିଲ ମାସ ୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଏହା ଖୁବ୍ ରୋଚକପୂର୍ଣ୍ଣ ହେବାକୁ ଯାଉଛି ବୋଲି କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି। ବିରତି ପରେ ଗୃହ ପୁନର୍ବାର ଆରମ୍ଭ ହେଲେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବହିଷ୍କାର ଉପରେ ବିତର୍କ ହେବ। ଦ୍ୱିତୀୟ ଭାଗରେ ସରକାର ଅନେକ ଗୁଡ଼ିଏ ବିଲ୍ ପାରିତ କରିବାକୁ ଲକ୍ଷ୍ୟ ରଖିଛନ୍ତି।

ଚଳିତ ବର୍ଷ ପଶ୍ଚିମବଙ୍ଗ, ତାମିଲନାଡ୍ରୁ, ଆସାମ ଓ କେରଳ ପରି ୪ ରାଜ୍ୟ ସହିତ କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ସରକାର ଅନେକ ଗୁଡ଼ିଏ ବିଲ୍ ପାରିତ କରିବାକୁ ଯାଉଛନ୍ତି। ଏଥିରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଲ୍ ମଧ୍ୟ ରହିଛି। ସେହି ବିଲ୍ଟି ଅଧିକ କହିବାକୁ ରିଜିଜୁ ମନା କରିଦେଇଛନ୍ତି।ଏଥର ବିରୋଧୀ ଦଳମାନେ ଅଧିକ ହୋହଲ୍ଲା କଲେ ସେମାନଙ୍କ ବିରୋଧରେ ସରକାର ଗିଲୋଟିନ୍ ବ୍ୟବହାର କରିବାକୁ ଚିନ୍ତା କରୁଛନ୍ତି। ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ବିରୋଧୀ ଦଳ ଦ୍ୱାରା ଆଗତ ଅନାସ୍ଥା ପ୍ରସ୍ତାବ ଉପରେ ବିତର୍କ ଏବଂ ଭୋଟ୍ ମାର୍ଚ୍ଚ ୯ ତାରିଖରେ ନିଆଯିବ ବୋଲି ରବିବାର ରିଜିଜୁ ସୂଚନା ଦେଇଛନ୍ତି। ବିରୋଧୀ ଦଳ ତାଙ୍କୁ ପଦରୁ ବହିଷ୍କାର ପାଇଁ ପ୍ରସ୍ତାବ ଆଗତ କରିବାର କିଛି ଘଣ୍ଟା ପରେ ବାଚସ୍ପତି ଗୃହର ଅଧକ୍ଷତା ଅଧିକାରୀ ଭାବରେ ତାଙ୍କ ଭୂମିକାରୁ ଓହରି ଯିବାକୁ ନିଷ୍ପତ୍ତି ନେଇଥିଲେ। ଯଦି ବିରୋଧୀ ଦଳଗୁଡ଼ିକ ଅଧିବେଶନର ଦ୍ୱିତୀୟ ଭାଗରେ ପ୍ରଥମ ଭାଗ ପରି ହୋହଲ୍ଲା ଜାରି ରଖନ୍ତି ତେବେ ତାହା ସେମାନଙ୍କ ପାଇଁ କ୍ଷତିକାରକ ହେବ ବୋଲି ରିଜିଜୁ କହିଛନ୍ତି। ସୂଚନାଯୋଗ୍ୟ, ଜାନୁଆରି ୨୮ ତାରିଖରେ ସଂସଦର ମିଳିତ ଅଧିବେଶନରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ସହିତ ବଜେଟ ଅଧିବେଶନ ଆରମ୍ଭ ହୋଇଥିଲା। ଫେବ୍ରୁଆରି ୧୨ରେ ମୁଲତବୀ ଘୋଷଣା କରାଯାଇଥିଲା।

ରିଜିଜୁ ବର୍ତ୍ତମାନ ତାଙ୍କ ସଂସଦୀୟ କ୍ଷେତ୍ର ଅରୁଣାଚଳ ପଶ୍ଚିମ ଗସ୍ତରେ ଯାଇଛନ୍ତି। ଏହି ଅବସରରେ ସେ କହିଥିଲେ ଯେ, ଅଧିବେଶନର ଦ୍ୱିତୀୟ ଭାଗରେ, ସରକାର ଆଲୋଚନା ପାଇଁ ନିର୍ଦ୍ଦିଷ୍ଟ ମନ୍ତ୍ରଣାଳୟଗୁଡ଼ିକୁ ଚିହ୍ନଟ କରିବାକୁ ଯୋଜନା କରିଛନ୍ତି। ମନ୍ତ୍ରୀ ଆହୁରି ସୂଚନା ଦେଇଛନ୍ତି ଯେ, ସରକାର ରାଜ୍ୟସଭାରେ ଆଲୋଚନା ପାଇଁ ପାଞ୍ଚଟି ମନ୍ତ୍ରଣାଳୟ ଏବଂ ଲୋକସଭା ପାଇଁ ପାଞ୍ଚଟି ମନ୍ତ୍ରଣାଳୟ ଚୟନ କରିବେ। ଦ୍ୱିତୀୟ ଭାଗ ଖୁବ୍ ମଜାଦାର ହେବ ବୋଲି ରିଜିଜୁ କହିଛନ୍ତି। ଯଦି ବିରୋଧୀ ଦଳ ଗୃହ କାର୍ଯ୍ୟ ଚାଲିବାକୁ ନଦିଅନ୍ତି, ତେବେ ଆମେ ଗିଲୋଟିନ୍ ବ୍ୟବହାର କରିବୁ। ଏହା ସେମାନଙ୍କ ପାଇଁ କ୍ଷତି ହେବ ବୋଲି ସେ କହିଛନ୍ତି।

# ଗୀତା ପଟ୍ଟନାୟକଙ୍କ ବିୟୋଗରେ ଶୋକ ବ୍ୟକ୍ତ କଲେ ବିଶିଷ୍ଟ ବ୍ୟକ୍ତି ବିଶେଷ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଜଣାଶୁଣା କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝି, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ବିଶିଷ୍ଟ ବ୍ୟକ୍ତି ବିଶେଷ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବାର୍ତ୍ତାରେ : ବିଶିଷ୍ଟ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କ ଦେହାନ୍ତ ବିଷୟରେ ଜାଣି ଅତ୍ୟନ୍ତ ଦୁଃଖିତ। ତାଙ୍କର ବିୟୋଗ ଓଡ଼ିଶାର ସଙ୍ଗୀତ ଓ ସଂସ୍କୃତି ପାଇଁ ଏକ ଅପୂରଣୀୟ କ୍ଷତି। ଏହି ଦୁଃଖଦ ସମୟରେ ମୁଁ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାଙ୍କ ସଦଗତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।

ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କ ବାର୍ତ୍ତାରେ କହିଛନ୍ତି ଯେ, ବିଶିଷ୍ଟ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ତାଙ୍କ ସୁମଧୁର କଣ୍ଠ ଓଡ଼ିଆ ସଙ୍ଗୀତକୁ ଘରେ ଘରେ ପହଞ୍ଚାଇଛି। ଅନେକ ଲୋକପ୍ରିୟ ସଙ୍ଗୀତ ତାଙ୍କୁ ସର୍ବଦା ସ୍ମରଣୀୟ କରି ରଖିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନଙ୍କ ପ୍ରତି ମୋର ସମବେଦନା ଜଣାଉଛି।

କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକ ବାର୍ତ୍ତାରେ କହିଛନ୍ତି ଯେ, ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ଓଡ଼ିଆ ସଙ୍ଗୀତ ଜଗତରେ ସେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ଓଡ଼ିଶାର କଳା ସଂସ୍କୃତିକୁ ସମୃଦ୍ଧ କରିବାରେ ତାଙ୍କର ଅବଦାନ ଅତୁଳନୀୟ । ତାଙ୍କ କଣ୍ଠର ଯାଦୁ ଆଗାମୀ ପିଢ଼ି ପାଇଁ ପ୍ରେରଣା ହୋଇ ରହିବ । ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି ।

# ନକଲି ମାଓବାଦୀ ପୋଷ୍ଟର ମାମଲାରେ ଦୁଇ ଗିରଫ

**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**

ରାୟଗଡାରୁ ଦୁଇ ନକଲି ମାଓବାଦୀଙ୍କୁ ଗିରଫ କରିଛି ରାୟଗଡ଼ା ପୋଲିସ। ଏହି ଦୁଇଜଣଙ୍କ ମଧ୍ୟରୁ ଜଣେ ସାମ୍ବାଦିକ ଓ ଅନ୍ୟଜଣେ ବଳୀ ମାଝୀ ବୋଲି ଜଣାପଡିଛି। ବଳି ମାଝୀ ଏଥି ପୂର୍ବରୁ ନକ୍ସଲ ମାମଲାରେ ଗିରଫ ହୋଇ ଜେଲ ଯାଇଥିଲେ। ମାଓବାଦୀ ପୋଷ୍ଟର ଲଗାଇ ଆତଙ୍କ ଖେଳାଇବା ଅଭିଯୋଗରେ ଏହି ଦୁଇ ଜଣଙ୍କୁ ଗିରଫ କରାଯାଇଛି।

ଗତ ଦୁଇ ଦିନ ତଳେ ଜିଲ୍ଲାର ତିନୋଟି ସ୍ଥାନରେ ନକଲି ମାଓବାଦୀ ପୋଷ୍ଟର ଲଗାଯାଇଥିଲା। ଗିରଫ ପରେ ଉଭୟଙ୍କୁ ଡାକ୍ତରୀ ମାଇନା କରାଯାଇଛି। ଗିରଫ ନେଇ ଏସଡିପିଓ ଗୌରହରି ସାହୁ ସୂଚନା ଦେଇଛନ୍ତି। ତେବେ ଏମାନେ ପ୍ରକୃତରେ ଦୋଷୀ ନା ନାହିଁ ତାହା ତଦନ୍ତ ପରେ ଜଣାପଡ଼ିବ।

କହିରଖୁଛୁ କି, ଗତ ୧୩ ତାରିଖରେ ରାୟଗଡା ବ୍ଲକ ବାଇସିଙ୍ଗ ପଞ୍ଚାୟତ ଅନ୍ତର୍ଗତ ଘୁମାଗୁଡା ବସଷ୍ଟପ ନିକଟରେ ମାଓବାଦୀ ପୋଷ୍ଟର ଲଗାଯାଇଥିଲା। ଏହି ପୋଷ୍ଟରଟି ସସିପିଆଇ ମାଓବାଦୀ ପକ୍ଷରୁ ଲେଖାଯାଇଥିବା ନେଇ କୁହାଯାଇଥିଲା। ସବ୍ୟସାଚୀ ପଣ୍ଡା, ଆଜାଦ, ଉଦୟ ଓ ନିଖିଲ ଏମାନେ କେବେ ଆଦିବାସୀ ନଥିଲେ। ଆଦିବାସୀଙ୍କୁ ନକ୍ସଲରେ ରଖି ଅତ୍ୟାଚାର କରୁଥିଲେ। ଏହାକୁ ଜବାବ ଦେବାକୁ ରାଜ୍ୟ ସମ୍ପାଦକ ମେଘଜାନୀଓ ଡମ୍ବାଇ ମାଝୀ ଓ ମାଓ ସଂଗଠନ ପ୍ରସ୍ତୁତ ଅଛି ବୋଲି ଲେଖାଯିବା ସହିତ ଲାଲ ସଲାମ ଲେଖାଯାଇଥିଲା। ଆଦିତ୍ୟ ବିର୍ଲା କମ୍ପାନୀ କେବିକେ ଅଞ୍ଚଳର ଲୋକଙ୍କୁ ଶୋଷଣ କରୁଥିଲେ ମଧ୍ୟ ସରକାର ନୀରବ ରହୁଛନ୍ତି। ତେଣୁ କମ୍ପାନୀକୁ ବିରୋଧ କରୁଥିବା ନେଇ ମଧ୍ୟ ଉଲ୍ଲେଖ କରାଯାଇଥିଲା।

# ବଡ଼ ଭାଇକୁ କଟୁରୀରେ ହାଣିଲା ସାନ ଭାଇ

**ପାଲଲହଡା, ନ୍ୟୁଜ୍‌ବ୍ୟୁରୋ**

ବଡ଼ ଭାଇକୁ ହତ୍ୟା କଲେ ସାନ ଭାଇ । କଟୁରୀରେ ବେକ କାଟି ହତ୍ୟା କଲେ ସାନ ଭାଇ। ମୃତକ ଜଣକ ହେଲେ ଲିପୁ ବେହେରା। ଏମିତି ଏକ ବିଭତ୍ସ ହତ୍ୟାକାଣ୍ଡ ଘଟିଛି ଅନୁଗୁଳ ଜିଲ୍ଲା ଖମାର ଥାନା ଅନ୍ତର୍ଗତ କରଡାଖମଣ ଗାଁରେ। ସୂଚନା ମୁତାବକ ଦୁଇ ଭାଇଙ୍କ ମଧ୍ୟରେ ବିଭିନ୍ନ ସମୟରେ ମନ ମନାନ୍ତର ସହିତ ଝଗଡା ମଧ୍ୟ ଲାଗି ରହିଥିଲା। ଯାହାକୁ ନେଇ ପୂର୍ବରୁ ମଧ୍ୟ ଥରେ ଅଭିଯୁକ୍ତ ଦିପୁ ନିଜ ବଡ଼ ଭାଇକୁ ନିର୍ମମ ଭାବରେ ପିଟି ଫେରାର ହୋଇଯାଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସ୍ୱଚ୍ଛ ସାଧାରଣ...

ଦିନରେ ଏକ ସ୍ୱଚ୍ଛ ବିତରଣ ବ୍ୟବସ୍ଥା ସୁନିଶ୍ଚିତ କରିବ। ଶ୍ରୀ ଶାହ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ 'ସର୍ବନିମ୍ନ ସରକାର, ସର୍ବାଧିକ ଶାସନ' ମନ୍ତ୍ର ଆଜି ଏକ ନୂତନ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଛି।

କେନ୍ଦ୍ର ଗୃହମନ୍ତ୍ରୀ କହିଥିଲେ ଯେ ଏହି ବିତରଣ ବ୍ୟବସ୍ଥା, ଯାହା ଜ୍ଞାନକୌଶଳର ଏକ ଅନନ୍ୟ ମିଶ୍ରଣ ଏବଂ ଗରିବଙ୍କ ପ୍ରତି ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମ୍ବେଦନଶୀଳତା, ସୁରକ୍ଷିତ ଏବଂ ସ୍ୱଚ୍ଛ ଢଙ୍ଗରେ ଗରିବଙ୍କ ଅଧିକାରର ସୁରକ୍ଷା କରିବାର ଏକ ମାଧ୍ୟମ ହେବ। ସେ ଉଲ୍ଲେଖ କରିଥିଲେ ଯେ ଆଜି 'ଅନ୍ନପୂର୍ଣ୍ଣା' ମେସିନ୍ ମଧ୍ୟ ଉଦଘାଟିତ ହୋଇଛି, ଯାହା ମାତ୍ର ୩୫ ସେକେଣ୍ଡରେ ୨୫ କିଲୋଗ୍ରାମ ଖାଦ୍ୟଶସ୍ୟ ବଣ୍ଟନ କରୁଛି। ଶ୍ରୀ ଶାହ କହିଥିଲେ ଯେ ଆଗାମୀ ୩ରୁ ୪ ବର୍ଷ ମଧ୍ୟରେ ଏହି ବ୍ୟବସ୍ଥା ସମଗ୍ର ଦେଶରେ ଲାଗୁ କରାଯିବ। ସେ କହିଥିଲେ ଯେ ଏହି ଖାଦ୍ୟଶସ୍ୟ ବଣ୍ଟନ ବ୍ୟବସ୍ଥା ସମ୍ପୂର୍ଣ୍ଣ ସ୍ୱଚ୍ଛ ହେବ ଏବଂ ଏହା କାର୍ଯ୍ୟକାରୀ ହେବା ପରେ ଦେଶର ପ୍ରତ୍ୟେକ ଗରିବବ୍ୟକ୍ତି ୫ କିଲୋଗ୍ରାମ ମାଗଣା ଖାଦ୍ୟଶସ୍ୟ ପାଇପାରିବେ। ସେ ଆହୁରି ମଧ୍ୟ କହିଛନ୍ତି ଯେ 'ଅନ୍ନପୂର୍ଣ୍ଣା' ମେସିନ୍ ଉନ୍ନତ ଗୁଣବତ୍ତା, ସଠିକ୍ ପରିମାଣ ଏବଂ ସ୍ୱଚ୍ଛ ବଣ୍ଟନ ସୁନିଶ୍ଚିତ କରିବାରେ ସାହାଯ୍ୟ କରିବ। ଶ୍ରୀ ଶାହ କହିଥିଲେ ଯେ ଧୀରେ ଧୀରେ ଏହି ବ୍ୟବସ୍ଥା କାଶ୍ମୀରରୁ କନ୍ୟାକୁମାରୀ ଏବଂ ଦ୍ୱାରକା ଠାରୁ କାମାକ୍ଷା ପର୍ଯ୍ୟନ୍ତ ଆମ ବିଶାଳ ଦେଶରେ ଲାଗୁ ହେବା ଉଚିତ।

ଶ୍ରୀ ଶାହ କହିଥିଲେ ଯେ ଆଜି ଦେଶର ୧ ଲକ୍ଷ ୭ ହଜାର ଗ୍ରାମରେ ଯୋଗାଯୋଗ ହୋଇପାରିଛି। ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀ ଦେଶର ୮୦ କୋଟି ଲୋକଙ୍କୁ ପ୍ରତି ମାସରେ ବ୍ୟକ୍ତି ପିଛା ୫ କିଲୋଗ୍ରାମ ମାଗଣା ଖାଦ୍ୟଶସ୍ୟ ଯୋଗାଇ ଦେଇଛନ୍ତି। ଶ୍ରୀ ଶାହ କହିଥିଲେ ଯେ ଖାଦ୍ୟ ସୁରକ୍ଷା ଏବେ ସ୍ୱଚ୍ଛ ହୋଇଯାଇଛି। ସେ ଉଲ୍ଲେଖ କରିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀ ପ୍ରଧାନମନ୍ତ୍ରୀ ରାସ୍ତାକଡ ବିକ୍ରେତାଙ୍କ ଆତ୍ମନିର୍ଭର ନିଧି (ପିଏମ ସ୍ୱନିଧି) ଯୋଜନାର ଲାଭ ସାରା ଦେଶର ୧ କୋଟି ୯ ଲକ୍ଷ ରାସ୍ତାକଡ ବିକ୍ରେତାଙ୍କୁ ପ୍ରଦାନ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଦୃଢ଼ ନୀତି ମାଧ୍ୟମରେ ମୋଦୀ ସରକାର ଗତ ୧୦ ବର୍ଷ ମଧ୍ୟରେ ୬୦ କୋଟିରୁ ଅଧିକ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି କରିଛନ୍ତି ଏବଂ ୨୭ କୋଟି ଲୋକଙ୍କୁ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠାଇଛନ୍ତି।

## ନିର୍ଦ୍ଧାରିତ ସମୟ...

ଭାଙ୍ଗିଛନ୍ତି। ଶିବରାତ୍ରି ପାଇଁ ଏକାମ୍ର କ୍ଷେତ୍ର ରବିବାର ଦିନସାରା ଚଳଚଞ୍ଚଳ ହୋଇଉଠିଛି। ଭକ୍ତିମୟ ପରିବେଶରେ ଭାରତର ଅନ୍ୟତମ ଶୈବ ପୀଠ ଶ୍ରୀଲିଙ୍ଗରାଜଙ୍କ କ୍ଷେତ୍ର ଉଛୁଳି ପଡ଼ିଛି। ଶନିବାର ରାତିରୁ ଭକ୍ତମାନେ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ ପାଇଁ ଧାଡ଼ି ବାନ୍ଧି ଅପେକ୍ଷା କରିଥିଲେ। ରବିବାର ଦିନତମାମ ମହାଦେବଙ୍କ ଦର୍ଶନ ଲାଗି ରହିଥିଲା ଏବଂ ସନ୍ଧ୍ୟାରୁ ଭଜନ ସମାରୋହ ସାଙ୍ଗକୁ ରାତିରେ ମହାଦୀପ ଦର୍ଶନ ପାଇଁ ଭିଡ଼ ହୋଇଥିଲା। ଏଥିପାଇଁ ମନ୍ଦିର ପ୍ରଶାସନରୁ ଆରମ୍ଭ କରି ବିଏମ୍‌ସି ଓ କମିସନରେଟ୍ ପୁଲିସ ପକ୍ଷରୁ ସବୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇସାରିଥିଲା।

ଜାଗର ପାଇଁ ସମଗ୍ର ଏକାମ୍ର କ୍ଷେତ୍ର ସମେତ ଶ୍ରୀ ଲିଙ୍ଗରାଜ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଲିଙ୍ଗରାଜ ମନ୍ଦିର ମୁଖ୍ୟ ଫାଟକ ଠାରୁ ଆରମ୍ଭ ହୋଇ ବଢେଇବାଙ୍କ ଛକ ପର୍ଯ୍ୟନ୍ତ ଲୋକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ପୂର୍ବ ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁଯାୟୀ ଭୋର ସାଢ଼େ ୩ଟାରେ ପ୍ରଭୁ ଲିଙ୍ଗରାଜଙ୍କ ଦ୍ୱାରଫିଟା ନୀତି ଅନୁଷ୍ଠିତ ହୋଇଥିଲା। ଏହା ପରେ ପ୍ରଭୁ ଲିଙ୍ଗରାଜଙ୍କ ମଙ୍ଗଳ ଆଳତି ଓ ଅବକାଶ ନୀତି କରାଯାଇଥିଲା।

## ହେରିଟେଜ୍ ହ୍ରଦ ...

ହେରିଟେଜ୍ ହ୍ରଦ କରାଯିବ। ଦୁଇଟି ନୂଆ ପ୍ରକଳ୍ପ ମିଶିଛି, ବଜେଟ ଆହୁରି ବଢିବ। ଅତିରିକ୍ତ କାମ ପାଇଁ ବଜେଟର କିଛି ଅସୁବିଧା ହେବନି। ପୁରୁଣା ଏଜେନ୍ସି କାମ କରିବାକୁ ଚାହିଁଲାନି ତେଣୁ ନୂଆ ଏଜେନ୍ସି କାମ କରିବ।

## ମର୍ଣ୍ଣିଂୱାକ୍ ...

ପରେ ମଧ୍ୟ ସେ ଉଠି ପାରିନଥିଲେ ।

ତୁରନ୍ତ ଏକ ଅଟୋ ଯୋଗେ ଚିକିତ୍ସା ପାଇଁ ମିହିରଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆ ଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ମିହିରଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବାଗଲପୁରରୁ ବାପା ସନ୍ତୋଷ ପ୍ରଧାନ ଓ ପରିବାର ବର୍ଗ ପହଞ୍ଚିବା ପରେ ମେଡିକାଲରେ ଏକ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ, ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର, ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ ଓ ତହସିଲଦାର ଡି. ମାଲେଶ୍ୱର ପାତ୍ର ପ୍ରମୁଖ ମେଡିକାଲରେ ପହଞ୍ଚି ଉତ୍ୟକ୍ତ ପରିବାର ଲୋକଙ୍କୁ ବୁଝାସୁଝା କରି ସ୍ଥିତି ନିୟନ୍ତ୍ରଣକୁ ଆଣିଥିଲେ । ଏ ସମ୍ପର୍କରେ ଖଲ୍ଲିକୋଟ ଥାନା କେସ ନମ୍ବର ୯/୨୦୨୬ ଅନୁଯାୟୀ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଆରପାରିରେ...

ସପୋର୍ଟରେ ଚିକିତ୍ସିତ ହେଉଥିଲେ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକ। ଭେଣ୍ଟିଲେଟରରେ ରହିବାର ୪୮ ଘଣ୍ଟାରୁ ଅଧିକ ସମୟ ବିତି ଯାଇଥିଲା ତଥାପି ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ ଉନ୍ନତି ଆସିନଥିଲା । ସୂଚନାଯୋଗ୍ୟ, ଶ୍ରୀମତୀ ପଟ୍ଟନାୟକ ଗୁରୁବାର ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ସମୟରେ ଅସୁସ୍ଥ ହୋଇପଡ଼ିଥିଲେ । ସେଠାରୁ ତାଙ୍କୁ କ୍ୟାପିଟାଲ୍ ହସ୍ପିଟାଲରେ ଚିକିତ୍ସା କରାଯିବା ପରେ ଅଧିକ ଚିକିତ୍ସା ପାଇଁ କଟକ ସିଡିଏ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଥିଲା ।

## ଏଆଇ ସମ୍ମିଳନୀ ...

ପ୍ଲାନେଟ୍ ଓ ପୋଗ୍ରେସ୍' (ଜନତା, ବିଶ୍ୱ ଓ ବିକାଶ)କୁ ଏହି ସମ୍ମିଳନୀର ମୁଖ୍ୟ ପ୍ରସଙ୍ଗ ଭାବେ ରଖାଯାଇଛି। ଏହି ସମ୍ମିଳନୀରେ ଯୋଗ ଦେବା ପାଇଁ ଗୁଟେରସ୍ ନୂଆଦିଲ୍ଲୀ ଆସିବାର କାର୍ଯ୍ୟକ୍ରମ ରହିଛି।

## ଆସୁଛି ଚଳିତ...

ଅମାବାସ୍ୟାର ଉପବାସ ପାଳନ କରାଯାଇପାରିବ ଏବଂ ପ୍ରାର୍ଥନା କରାଯାଇପାରିବ । କୌଣସି ଶୁଭ କାର୍ଯ୍ୟରେ ବାଧା ଆସିବ ନାହିଁ ।

ସୂର୍ଯ୍ୟ ପରାଗ ହେଉ କି ଚନ୍ଦ୍ରଗ୍ରହଣ, ଯେକୌଣସି ଗ୍ରହଣ ସମୟରେ ରନ୍ଧା ଖାଦ୍ୟ, ଆମିଷ ଖାଦ୍ୟ ଯେପରିକି ମାଂସ, ମାଛ ଭଳି ଭାରି ଖାଦ୍ୟ ଖାଇବାଠାରୁ ସାଧାରଣତଃ ଦୂରେଇ ରହିବା ଉଚିତ । କାରଣ ଏଗୁଡ଼ିକୁ ଅଶୁଦ୍ଧ ଏବଂ ନକାରାତ୍ମକ ଶକ୍ତିରେ ପରିପୂର୍ଣ୍ଣ ବୋଲି ବିଶ୍ୱାସ କରାଯାଏ । ଗ୍ରହଣ ସମୟରେ ଉପବାସ ରଖିବା ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସର୍ବୋତ୍ତମ ବୋଲି ବିବେଚନା କରାଯାଏ ।

## ପାକିସ୍ତାନକୁ ୬୧ ...

ଭାରତ ୧୭୫ ରନ କରିଥିଲା। ଜବାବରେ ପାକିସ୍ତାନ ୧୮ ଓଭରରେ ୧୧୪ ରନରେ ଅଲଆଉଟ୍ ହୋଇଥିଲା।

୧୭୬ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ପାକିସ୍ତାନ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟ ଭୋଗିଥିଲା। ହାର୍ଦ୍ଦିକ ପାଣ୍ଡ୍ୟା ପ୍ରଥମ ଓଭରରେ ସାହିବଜାଦା ଫରହାନ(୦)ଙ୍କୁ ପାଭିଲିୟନ ପଠାଇଥିଲେ। ପୁଣି ଦ୍ୱିତୀୟ ଓଭର ବୋଲିଂ କରିଥିବା ଯଶପ୍ରୀତ ବୁମ୍‌ରା ପାକିସ୍ତାନକୁ ଡବଲ ଝଟ୍‌କା ଦେଇଥିଲେ। ସାଇମ ଆୟୁବ(୬ ରନ) ଓ ଅଧିନାୟକ ସଲମାନ ଆଘା (୪ ରନ) ପାଭିଲିୟନ ଫେରିଥିଲେ। ନିଜର ଖରାପ ଫର୍ମ ବଜାୟ ରଖି ବାବର ଆଜମ(୫ ରନ) ଅକ୍ଷରଙ୍କ ବଲରେ ବୋଲ୍ଡ ହୋଇଥିଲେ। ୩୪ ରନରେ ୪ ୱିକେଟ୍ ହରାଇ ମୁସ୍କିଲ ସ୍ଥିତିରେ ପଡ଼ିଥିଲା ପାକିସ୍ତାନ। ଉସ୍ମାନ ଖାନଙ୍କୁ ବାଦ୍ ଦେଲେ କୌଣସି ବ୍ୟାଟର ଭାରତୀୟ ବୋଲରଙ୍କ ଉଚିତ୍ ମୁକାବିଲା କରି ପାରି ନ ଥିଲେ। ଉସ୍ମାନ ୩୪ ବଲରୁ ୪୪ ରନ କରିଥିଲେ। ମହମ୍ମଦ ନୱାଜ ୪ ରନ ଫହୀମ ଅଶ୍ରଫ ୧୦ ରନ କରି ଆଉଟ୍ ହୋଇଥିଲେ। ଶେଷରେ ପାକିସ୍ତାନ ୧୧୪ ରନରେ ଅଲଆଉଟ୍ ହୋଇଯାଇଥିଲା। ଫଳରେ ଭାରତ ମ୍ୟାଚ୍‌କୁ ୬୧ ରନରେ ଜିତି ନେଇଛି।

# ସବୁଠାରୁ କମ୍ ବୟସରେ ଅଙ୍ଗଦାନ: ୫ ଜଣଙ୍କୁ ନୂଆ ଜୀବନ ଦେଲା ୧୦ ମାସର ଶିଶୁ

**ଥିରୁଅନନ୍ତପୁରମ୍**

ଜଣେ ୧୦ ମାସର ଶିଶୁ କନ୍ୟାର ନିଷ୍ପାପ ଅଙ୍ଗ ବଞ୍ଚାଇବ ପାଞ୍ଚ ଜଣଙ୍କ ଜୀବନ। କେରଳର ପଠାନମତିଟ୍ଟା ଜିଲା ମାଲାପ୍ପଲ୍ଲୀର ୧୦ ମାସର ଶିଶୁ ଆଲିନ୍ ଶେରିନ୍ ଅବ୍ରାହମ କେରଳର ସବୁଠାରୁ କମ୍ ବୟସର ଅଙ୍ଗଦାନକାରୀ ହେବାର ଗୌରବ ଅର୍ଜନ କରିଛନ୍ତି। ଗତ ଫେବୃଆରୀ ୫ ତାରିଖରେ ଏକ ସଡ଼କ ଦୁର୍ଘଟଣାରେ ଆଲିନ୍ ଗୁରୁତର ଭାବେ ଆହତ ହୋଇଥିଲେ। ସେ ନିଜ ମାଆ ଓ ଜେଜେବାପା-ଜେଜେମାଙ୍କ ସହ କୋଟ୍ଟାୟମରୁ ଥିରୁଭଲ୍ଲା ଯାଉଥିବା ସମୟରେ ଏକ କାର୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। କୋଚିର ଅମୃତା ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଫେବୃଆରୀ ୧୩ରେ ଡାକ୍ତର ତାଙ୍କୁ 'ବ୍ରେନ୍ ଡେଡ୍' ଘୋଷଣା କରିଥିଲେ। ଅସୀମ ଦୁଃଖ ମଧ୍ୟରେ ଆଲିନଙ୍କ ପିତା ଅରୁଣ ଅବ୍ରାହମ ଏବଂ ମାତା ଶେରିନ୍ ଆନ୍ ଜନ ନିଜ ଝିଅର ଅଙ୍ଗଦାନ ପାଇଁ ସମ୍ମତି ଦେଇଥିଲେ। ଆଲିନଙ୍କ ଶରୀରରୁ ସଂଗୃହିତ ଅଙ୍ଗଗୁଡ଼ିକ ବିଭିନ୍ନ ରୋଗୀଙ୍କୁ ପ୍ରଦାନ କରାଯାଇଛି। ଥିରୁଅନନ୍ତପୁରମ୍ କିମ୍‌ସ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣେ ୬ ମାସର ଶିଶୁ ପୁତ୍ରକୁ ପ୍ରଦାନ କରାଯାଇଛି। ଦୁଇଟି କିଡନୀ ଥିରୁଅନନ୍ତପୁରମ୍ ମେଡିକାଲ କଲେଜର ଏସ.ଏ.ଟି ହସ୍ପିଟାଲରେ ଚିକିତ୍ସିତ ଜଣେ ଶିଶୁକୁ ଦିଆଯାଇଛି। ସେହିପରି ହାର୍ଟ ଭାଲ୍‌ଭ ଥିରୁଅନନ୍ତପୁରମ୍ ଶ୍ରୀ ଚିତ୍ରା ଇନଷ୍ଟିଚ୍ୟୁଟରେ ପ୍ରତିରୋପଣ କରାଯିବ ଏବଂ ଦୁଇଟି ଆଖି କୋଚି ଅମୃତା ହସ୍ପିଟାଲର ଆଖି ବ୍ୟାଙ୍କରେ ରଖାଯାଇଛି। ଏହି ମହତ କାର୍ଯ୍ୟ ପାଇଁ ପ୍ରଶାସନ ତରଫରୁ ଏକ ସ୍ୱତନ୍ତ୍ର 'ଗ୍ରୀନ୍ କରିଡର' ସୃଷ୍ଟି କରାଯାଇଥିଲା। କୋଚିରୁ ତିରୁଅନନ୍ତପୁରମ୍ ମଧ୍ୟରେ ଥିବା ସାଧାରଣତଃ ୬ ଘଣ୍ଟାର ଦୂରତାକୁ ଆମ୍ବୁଲାନ୍ସ ମାତ୍ର ୩ ଘଣ୍ଟା ୧୫ ମିନିଟରେ ଅତିକ୍ରମ କରିଥିଲା। ପୋଲିସ ଏବଂ ସାଧାରଣ ଜନତା ରାସ୍ତା ଖାଲି କରି ଅଙ୍ଗ ପରିବହନରେ ସହାୟତା କରିଥିଲେ। କେରଳ ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଜର୍ଜ ଆଲିନଙ୍କ ପିତାମାତାଙ୍କୁ ଏହି ସାହସିକ ଓ ମାନବିକ ନିଷ୍ପତ୍ତି ପାଇଁ କୃତଜ୍ଞତା ଜଣାଇଛନ୍ତି। ଆଲିନଙ୍କ ଅନ୍ତିମ ସଂସ୍କାର ସମ୍ପୂର୍ଣ୍ଣ ରାଜ୍ୟ ସମ୍ମାନର ସହ ସମ୍ପନ୍ନ ହେବ ବୋଲି ସରକାର ଘୋଷଣା କରିଛନ୍ତି।




ପାୱରଗ୍ରିଡ
POWERGRID

**ବିଜ୍ଞପ୍ତି**

ଉତ୍ତର ପୂର୍ବାଞ୍ଚଳରେ 'ପଶ୍ଚିମ ବଙ୍ଗର ଉତ୍ତର ଭାଗରେ ପୁଲିଂ ଷ୍ଟେସନ ବିକାଶ ପାଇଁ ଟ୍ରାନ୍ସମିସନ୍ ସିଷ୍ଟମ୍ ଏବଂ ଭୁଟାନରୁ ଏନ୍‌ଆର/ଡବ୍ଲୁଆର କୁ ବିଦ୍ୟୁତ୍ ସ୍ଥାନାନ୍ତର' ଅଧୀନରେ ସମ୍ପତ୍ତି ପାଇଁ ୨୦୧୯-୨୪ ପାଇଁ ଟ୍ରାନ୍ସମିସନ୍ ଟାରିଫ୍ ଯାଞ୍ଚ କରିବା ଏବଂ ୨୦୨୪-୨୯ ପାଇଁ ଟ୍ରାନ୍ସମିସନ୍ ଟାରିଫ୍ ସ୍ଥିର କରିବା ପାଇଁ ଆବେଦନ।

୧. ଉପରୋକ୍ତ ଟ୍ରାନ୍ସମିସନ୍ ସିଷ୍ଟମର ହିତାଧିକାରୀମାନେ ହେଉଛନ୍ତି: (୧) ଟିଏନ୍‌ପିଡିସିଏଲ୍ (୨) କେଏସ୍‌ଇବିଏଲ୍ (୩) ଗୋଆର ବିଦ୍ୟୁତ୍ ବିଭାଗ (୪) ପୁଡୁଚେରୀର ବିଦ୍ୟୁତ୍ ବିଭାଗ (୫) ଏପିଇଡିସିଏଲ୍ (୬) ଏପିଏସ୍‌ପିଡିସିଏଲ୍ (୭) ଏପିସିପିଡିଏସିଏଲ୍ (୮) ଟିଏସ୍‌ଏସ୍‌ପିଡିସିଏଲ୍ (୯) ଟିଏସଏନ୍‌ପିଡିସିଏଲ୍ (୧୦) ବିଇଏସ୍‌ସିଓଏମ୍ (୧୧) ଜିଇଏସ୍‌ସିଓଏମ୍ (୧୨) ଏଚ୍‌ଇଏସ୍‌ସିଓଏମ୍ (୧୩) ଏମ୍‌ଇଏସ୍‌ସିଓଏମ୍ (୧୪) ସିଇଏସ୍‌ସି (୧୫) ଏମ୍‌ପିପିଏମ୍‌ସିଏଲ୍ (୧୬) ଏମ୍‌ଏସ୍‌ଇଡିସିଏଲ୍ (୧୭) ଜିୟୁଜେଭିଏନ୍‌ଏଲ୍ (୧୮) ଗୋଆର ବିଦ୍ୟୁତ୍ ବିଭାଗ। (୧୯) ଡିଏନଏଚଡିଡି ପିଡିସିଏଲ (୨୦) ସିଏସପିଡିସିଏଲ (୨୧) ଆଜମେର ବିଦ୍ୟୁତ ବଣ୍ଟନ ନିଗମ ଲିମିଟେଡ (୨୨) ଜୟପୁର ବିଦ୍ୟୁତ ବଣ୍ଟନ ନିଗମ ଲିମିଟେଡ (୨୩) ଯୋଧପୁର ବିଦ୍ୟୁତ ବିତରଣ ନିଗମ ଲିମିଟେଡ୍ (୨୪) ହିମାଚଳ ପ୍ରଦେଶ ରାଜ୍ୟ ବିଦ୍ୟୁତ ବୋର୍ଡ (୨୫) ଉତ୍ତର ପ୍ରଦେଶ ବିଦ୍ୟୁତ ନିଗମ ଲିମିଟେଡ୍ (୨୬) ହରିୟାଣା ବିଦ୍ୟୁତ କ୍ରୟ କେନ୍ଦ୍ର (୨୭) ଜାମ୍ମୁ ଏବଂ କାଶ୍ମୀର ବିଦ୍ୟୁତ ନିଗମ ଲିମିଟେଡ୍ (୨୮) ପଞ୍ଜାବ ରାଜ୍ୟ ବିଦ୍ୟୁତ ନିଗମ ଲିମିଟେଡ୍ (୨୯) ବିଏସଇଏସ ଯମୁନା ବିଦ୍ୟୁତ ଲିମିଟେଡ୍ (୩୦) ବିଏସଇଏସ ରାଜଧାନୀ ବିଦ୍ୟୁତ ଲିମିଟେଡ୍ (୩୧) ଟାଟା ପାୱାର ଦିଲ୍ଲୀ ବଣ୍ଟନ ଲିମିଟେଡ୍ (୩୨) ଉତ୍ତରାଖଣ୍ଡ ବିଦ୍ୟୁତ ନିଗମ ଲିମିଟେଡ (୩୩) ଉତ୍ତର କେନ୍ଦ୍ରୀୟ ରେଳବାଇ (୩୪) ନୂଆ ଦିଲ୍ଲୀ ପୌର ପରିଷଦ (୩୫) ଚଣ୍ଡିଗଡ ବିଦ୍ୟୁତ ବିଭାଗ (୩୬) ବିହାର ରାଜ୍ୟ ବିଦ୍ୟୁତ (ହୋଲ୍ଡିଂ) କମ୍ପାନୀ ଲିମିଟେଡ (୩୭) ପଶ୍ଚିମ ବଙ୍ଗ ରାଜ୍ୟ ବିଦ୍ୟୁତ ବଣ୍ଟନ କମ୍ପାନୀ ଲିମିଟେଡ୍ (୩୮) ଗ୍ରୀଡ୍ କର୍ପୋରେସନ ଅଫ୍ ଓଡ଼ିଶା ଲିମିଟେଡ୍ (୩୯) ଦାମୋଦର ଭ୍ୟାଲି କର୍ପୋରେସନ (୪୦) ସିକିମ ସରକାରଙ୍କ ବିଦ୍ୟୁତ ବିଭାଗ (୪୧) ଝାଡ଼ଖଣ୍ଡ ବିଜୁଳି ବିତରଣ ନିଗମ ଲିମିଟେଡ୍ (୪୨) ଆସାମ ବିଦ୍ୟୁତ୍ ବଣ୍ଟନ କମ୍ପାନୀ ଲିମିଟେଡ୍ (୪୩) ମେଘାଳୟ ଶକ୍ତି ନିଗମ ଲିମିଟେଡ୍ (୪୪) ଅରୁଣାଚଳ ପ୍ରଦେଶ ସରକାର (୪୫) ବିଦ୍ୟୁତ୍ ଏବଂ ବିଦ୍ୟୁତ୍ ବିଭାଗ (୪୬) ମଣିପୁର ରାଜ୍ୟ ବିଦ୍ୟୁତ୍ ବିତରଣ କର୍ପୋରେସନ ଲିମିଟେଡ୍ (୪୭) ବିଦ୍ୟୁତ୍ ବିଭାଗ, ନାଗାଲ୍ୟାଣ୍ଡ (୪୮) ତ୍ରିପୁରା ରାଜ୍ୟ କର୍ପୋରେସନ ନିଗମ ଲିମିଟେଡ୍ (୪୯) ସେମ୍ବକର୍ପ ଏନର୍ଜି ଇଣ୍ଡିଆ ଲିମିଟେଡ୍ (୫୦) ଜିଏମଆର କମଲାଙ୍ଗ ଏନର୍ଜି ଲିମିଟେଡ୍ (୫୧) ଏମବି ପାୱାର ଲିମିଟେଡ୍ (୫୨) ଡିବି ପାୱାର ଲିମିଟେଡ୍ (୫୩) ସେମ୍ବକର୍ପ ଗାୟତ୍ରୀ ପାୱାର ଲିମିଟେଡ୍ (ଏସଜିପିଏଲଆଇ) (୫୪) ଏସିବି ଇଣ୍ଡିଆ ଲିମିଟେଡ୍ (୫୫) ଜିଏମଆର ୱାରୋରା ଏନର୍ଜି ଲିମିଟେଡ୍ (୫୬) ଜିନ୍ଦଲ ପାୱାର ଲିମିଟେଡ୍ (୫୭) ସ୍କେକ୍ରମ୍ କୋଇଲା ଏବଂ ବିଦ୍ୟୁତ୍ ଲିମିଟେଡ୍ (୫୮) ଟୋରେଣ୍ଟ ପାୱାର ଲିମିଟେଡ୍ (୫୯) ଟିଆରଏନ ଏନର୍ଜି ପ୍ରାଇଭେଟ୍ ଲିମିଟେଡ୍ (୬୦) ଡାନ୍ସ ଏନର୍ଜି ପ୍ରାଇଭେଟ୍ ଲିମିଟେଡ୍। (୬୧) ଶିଗା ଏନର୍ଜି ପ୍ରାଇଭେଟ୍ ଲିମିଟେଡ୍ (ଟିଏଚ୍‌ଇପି) (୬୨) କେଏସ୍‌କେ ମହାନଦୀ ପାୱାର କମ୍ପାନୀ ଲିମିଟେଡ୍ (୬୩) ଆର୍ସେଲର୍ ମିତ୍ତଲ ନିପନ ଷ୍ଟିଲ୍ ଇଣ୍ଡିଆ (ଏସାର ଷ୍ଟିଲ୍) (୬୪) ଗତି ଇନଫ୍ରାଷ୍ଟ୍ରକ୍ଚର ଲିମିଟେଡ୍ (୬୫) ଜିଏମ୍‌ଆର୍ ବାଜୋଲି ହୋଲି ହାଇଡ୍ରୋପାୱାର ପ୍ରାଇଭେଟ୍ ଲିମିଟେଡ୍।

୨. ଶୁଳ୍କ ବିବରଣୀ:

ଏ) ୨୦୧୯-୨୪ ବ୍ଲକ (RS ଲକ୍ଷରେ)

| ସମ୍ପତ୍ତି ବିବରଣୀ | ଡିଓସିଓ | ସମ୍ପୂର୍ଣ୍ଣ ମୂଲ୍ୟ ୩୧.୦୩.୨୦୨୪ ଅନୁଯାୟୀ | | 2019-20 | 2020-21 | 2021-22 | 2022-23 | 2023-24 |
|---|---|---|---|---|---|---|---|---|
| ସମ୍ପତ୍ତି-୧ | 01.03.2018 | 612.27 | ସତ୍ୟ ଉପରେ ଆଧାରିତ ସଂଶୋଧିତ ଏଏଫ୍‌ସି | 139.61 | 142.38 | 141.20 | 141.63 | 142.78 |
| ସମ୍ପତ୍ତି-୨ | 21.09.2017 | 393869.05 | | 55411.69 | 55134.00 | 54433.55 | 55193.72 | 56485.98 |
| ସମ୍ପତ୍ତି-୩ | 21.09.2017 | 35080.92 | | 5,919.45 | 5,830.69 | 5,717.84 | 5,644.20 | 5,578.15 |
| ସମ୍ପତ୍ତି-୪ | 03.07.2019 | 31091.08 | | 3,887.15 | 5,117.01 | 4,985.66 | 4,884.97 | 4,790.21 |

ବି) ୨୦୧୪-୨୯ ବ୍ଲକ (RS ଲକ୍ଷରେ)

| ସମ୍ପତ୍ତି ବିବରଣୀ | ସମ୍ପୂର୍ଣ୍ଣ ମୂଲ୍ୟ ୩୧.୦୩.୨୦୨୯ ଅନୁଯାୟୀ | | 2024-25 | 2025-26 | 2026-27 | 2027-28 | 2028-29 |
|---|---|---|---|---|---|---|---|
| ସମ୍ପତ୍ତି-୧,୩ ଓ ୪ | 67243.45 | ଏଏଫ୍‌ସି | 10141.41 | 9952.27 | 9742.00 | 9521.51 | 9290.82 |
| ସମ୍ପତ୍ତି-୨ | 397311.6 | ଏଏଫ୍‌ସି | 56339.35 | 55365.90 | 54392.59 | 53132.99 | 51995.69 |

୩. ଶୁଳ୍କ ନିର୍ଣ୍ଣୟ ପାଇଁ ପ୍ରସ୍ତୁତ ଆବେଦନର ଏକ ନକଲ ଆବେଦନକାରୀଙ୍କ ୱେବସାଇଟରେ **www.powergrid.In**ରେ ପୋଷ୍ଟ କରାଯାଇଛି।

୪. ଆବେଦନରେ ଥିବା ଶୁଳ୍କ ନିର୍ଣ୍ଣୟ ପାଇଁ ପ୍ରସ୍ତାବ ଉପରେ ଯଦି କୌଣସି ପରାମର୍ଶ ଏବଂ ଆପତ୍ତି ଥାଏ, ତେବେ ହିତାଧିକାରୀଙ୍କ ସମେତ ଯେକୌଣସି ବ୍ୟକ୍ତି କମିଶନର ଇ-ଫାଇଲିଂ ପୋର୍ଟାଲ୍ ମାଧ୍ୟମରେ କିମ୍ବା କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗର ସଚିବ, ୬ଷ୍ଠ, ୭ତମ ଏବଂ ୮ମ ମହଲା, ଟାୱାର ବି, ବିଶ୍ୱ ବାଣିଜ୍ୟ କେନ୍ଦ୍ର, ନାୱରୋଜୀ ନଗର, ନୂଆଦିଲ୍ଲୀ - ୧୧୦୦୨୯ (କିମ୍ବା କମିଶନର କାର୍ଯ୍ୟାଳୟ ଅବସ୍ଥିତ ଅନ୍ୟ ଠିକଣା)ଙ୍କ ନିକଟରେ ଲିଖିତ ଭାବରେ ଦାଖଲ କରିପାରିବେ ଏବଂ ଏହି ନୋଟିସ ପ୍ରକାଶନର ୩୦ ଦିନ ମଧ୍ୟରେ ଆବେଦନକାରୀଙ୍କୁ ତାଙ୍କ କର୍ପୋରେଟ୍ କାର୍ଯ୍ୟାଳୟର ଠିକଣାରେ ଏକ ନକଲ ପଠାଇପାରିବେ।

ସ୍ଥାନ-ଗୁରୁଗ୍ରାମ
ତାରିଖ-୧୧.୦୨.୨୦୨୬

ସ୍ୱାକ୍ଷର
ଜେନେରାଲ୍ ମ୍ୟାନେଜର
(ବାଣିଜ୍ୟିକ)

ପାୱାରଗ୍ରୀଡ୍ କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ୍
(ଭାରତ ସରକାରଙ୍କ ଏକ ଏଣ୍ଟରପ୍ରାଇଜ)
ରେଜିଷ୍ଟ୍ରେଡ୍ ଅଫିସ୍ : ବି-୯, କୁତବ ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, କଟ୍‌ୱାରିଆ ସରାଇ, ନୂଆଦିଲ୍ଲୀ-110016
କର୍ପୋରେଟ୍ ଅଫିସ : ସୌଦାମିନି, ପ୍ଲଟ ନଂ-୨, ସେକ୍ଟର-୨୯, ଗୁରୁଗ୍ରାମ, ହରିୟାନା-122001
www.powergrid.in, CIN: L40101DL1989GOI038121
ଏ ମହାରତ୍ନ ପିଏସ୍‌ୟୁ

PG/CC/Notice-85/Advt-105/2025-26/Sreshta

ଭୁବନେଶ୍ୱର, ୧୬ ଫେବୃୟାରୀ, ସୋମବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27










ଭୁବନେଶ୍ୱର : ମହାଶିବରାତ୍ରୀ ପାଳନ ଅବସରରେ ଏକାମ୍ରକ୍ଷେତ୍ର ସ୍ଥିତ ପ୍ରଭୁ ଶ୍ରୀଲିଙ୍ଗରାଜ, ଖରାଖିଆ ବୈଦନାଥ ଓ ମେଘେଶ୍ୱର ମନ୍ଦିର ପରିସରରେ ଭକ୍ତମାନେ ଜାଗର ଜାଳିବା ସହ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ । (ଫଟୋ : ସମ୍ବାଦ କଳିକା)

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୫/୦୨/୨୦୨୬
୫,୩୫,୫୫୫ ଟଙ୍କା
ସୁନା:-୦୫ ଗ୍ରାମ୍ ୩୫୦ ମିଲିଗ୍ରାମ୍
ରୂପା:-୩୧ ଗ୍ରାମ୍ ୩୦୦ ମିଲିଗ୍ରାମ୍

# ମହାଶିବରାତ୍ରୀ : ବିଭିନ୍ନ ଶୈବପୀଠରେ ଭକ୍ତିମୟ ପରିବେଶ

ଭୁବନେଶ୍ୱର ୧୫।୦୨ ନ୍ୟୁଜ ବ୍ୟୁରୋ

ରବିବାର ପବିତ୍ର ମହାଶିବରାତ୍ରୀ ପାଇଁ ଶିବ ପଞ୍ଚାକ୍ଷରରେ ଗୁଞ୍ଜରିତ ହୋଇଉଠିଛି ଏକାମ୍ର କ୍ଷେତ୍ର। ଏହି କ୍ଷେତ୍ରର ଅଧିଷ୍ଠାତା ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ ପାଇଁ ଛୁଟି ଆସିଛନ୍ତି ଲକ୍ଷାଧିକ ଶ୍ରଦ୍ଧାଳୁ । ଉପବାସ ରଖି ଉପାସନା କରିଛନ୍ତି, ଉଜାଗର ରହି ଜାଗର ଦୀପ ଜାଳିଛନ୍ତି । ଜପ, ତପ, ମହାମୃତ୍ୟୁଞ୍ଜୟ ମନ୍ତ୍ରରେ ତଲ୍ଲୀନ ହୋଇଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଲୋକେ ଭୋର ସାଢ଼େ ୩ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ସାହାଣମେଲା ଦର୍ଶନ ପରେ ଦିନ ତମାମ ଆଡ଼କାଠ ଦର୍ଶନ ଦେଇଥିଲେ ମହାପ୍ରଭୁ ଶ୍ରୀଲିଙ୍ଗରାଜ । ଅପରାହ୍ଣ ୩ଟା ୪୫ ଏବଂ ରାତ୍ରିରେ ମହାଦୀପ ଉଠିବା ପରେ ମଧ୍ୟ ଘଣ୍ଟାଏ ଲେଖାଏଁ ସାହାଣମେଳା ଦର୍ଶନ ହୋଇଥିଲା। ସେହିପରି ଚାରି ପ୍ରହର ପୂଜା, ହରିହର ଭେଟ ଏବଂ ବଡ଼ସିଂହାର ବେଶ ଓ ପହୁଡ଼ ଆଦି ନୀତି ସୋମବାର ଭୋର ସାଢ଼େ ୫ଟାରେ ବଢ଼ିଛି । ରାଜନେତାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ ନିମନ୍ତେ ଛୁଟି ଆସିଥିଲେ। ଏଥର ପାସ୍ ସଂଖ୍ୟା ଉପରେ ରୋକ ଲଗାଇବାକୁ ହ୍ରାସ କରାଯାଇଛି । ଯାହା ବି ଅଳ୍ପ ପାସ ପ୍ରଚଳନ ହୋଇଛି,



ସେଥିରେ ଗୋଟିଏ ଥର ବ୍ୟବହାର ପାଇଁ କ୍ୟୁଆର କୋଡ ଭଳି ନୂଆ ଏବଂ ଆଧୁନିକ ବୈଷୟିକ ବ୍ୟବସ୍ଥା ହୋଇଛି । ସବୁ ପ୍ରକାର ଗଳା ବାଟରୁ ଅନୁପ୍ରବେଶ ରୋକାଯିବା ପାଇଁ ବ୍ୟବସ୍ଥା ହୋଇଥିଲା । ବିଶେଷ କରି ଦକ୍ଷିଣି ଘର (ଚଳନ୍ତି ବିଗ୍ରହ)ମନ୍ଦିର ବାଟ ଦେଇ କାହାରିକୁ ଗର୍ଭଗୃହକୁ ଛଡ଼ା ଯାଇନଥିଲା। ସମଗ୍ର ଅଞ୍ଚଳକୁ ସିସି କ୍ୟାମେରାରେ ନଜର ରଖାଯାଇଥିଲା । ସୁରକ୍ଷା ନିମନ୍ତେ ୪୧ ପ୍ଲାଟୁନ ଫୋର୍ସ ସହ ୪ଡିସିପି, ୪ ଆଡିସିନାଲ ଡିସିପି, ୧୬ ଏସିପି, ୩୩ ଇନ୍ସପେକ୍ଟର, ୧୧୯ ଜଣ ଏସ୍ଆଇ ଓ ଏଏସ୍ଆଇ, ୯୬ଜଣ ମହିଳା କନଷ୍ଟେବଲ ଏବଂ ୫୮ ଜଣ ହୋମଗାର୍ଡ ନିୟୋଜିତ ହୋଇଥିଲେ। ଏକାମ୍ର ସାଂସ୍କୃତିକ ପ୍ରକାଶନୀ ତରଫରୁ ଜାତୀୟ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀ ଗାୟିକା ଅନୁରାଧା ପଡୱାଲ ଓ ନୀତିନ ମୁକେଶଙ୍କ ସମେତ ଓଡ଼ିଶାର ଅନେକ ପ୍ରତିଷ୍ଠିତ କଳାକାର ସଂଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ରଙ୍କ ସଂଗୀତ ସଂଯୋଜନାରେ ଭଜନ ପରିବେଷଣ କରିଥିଲେ । ଏଥର ବ୍ରାହ୍ମଣ ନିଯୋଗର ମେକାପ ମହାଦୀପ ମଶାଲରେ କେବଳ ଆବଶ୍ୟକ ପରିମାଣର ଘିଅ ଢାଳିବା ବ୍ୟତୀତ ଅତିରିକ୍ତ ଘିଅ ଶ୍ରଦ୍ଧାଳୁଙ୍କଠାରୁ ନେଇ ଢାଳିବେ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା । ମଶାଲ ହସ୍ତାନ୍ତର ଓ ବେଢ଼ା ପରିକ୍ରମା ପାଇଁ ସେବାୟତ ଭିଡ଼ ଜମାଇବେ ନାହିଁ କି ଟଣାଓଟରା ହୋଇନଥିଲେ। ଏସବୁ ଚେତାବନୀ ଏବଂ ବିଧି ସମ୍ପର୍କରେ ପାଳିଆ ସମର୍ଥୀ ସେବାୟତ ସୁଜିତ ସମର୍ଥୀଙ୍କୁ ନିଯୋଗର ସଭାପତି ରାଜେନ୍ଦ୍ର ସମର୍ଥୀ ଜଣାଇ ଦେଇଥିଲେ। ଶ୍ରଦ୍ଧାଳୁଙ୍କ ନିମନ୍ତେ ସୁରକ୍ଷିତ ଧାଡ଼ି ଦର୍ଶନ, ପିଇବା ପାଣି ବୋତଲ ଓ ପାଣି ଟ୍ୟାଙ୍କର, ଜରୁରିକାଳୀନ ସମସ୍ତ ହସ୍ପିଟାଲ ସେବା, ଅଗ୍ନିଶମ ସେବା, ଶୌଚାଳୟ, ଯାତାୟାତ ପାଇଁ କ୍ରୁଟ୍ ତରଫରୁ ଅତିରିକ୍ତ ବସ୍ ସେବା, ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଗୁରୁତ୍ୱ ସୂଚନା ସହ ଶିବ ସ୍ତୋତ୍ର ଭଜନ ଜଣାଣ ଆଦି ବ୍ୟବସ୍ଥା ହୋଇଥିଲା।



ଭୁବନେଶ୍ୱର : ମହାଶିବରାତ୍ରୀ ପାଳନ ଅବସରରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ତାଙ୍କ ଧର୍ମପତ୍ନୀ ସେବାୟତ ଓ ଭକ୍ତମାନଙ୍କ ଗହଣରେ । (ଫଟୋ : ସମ୍ବାଦ କଳିକା)

## ଶ୍ରୀଲିଙ୍ଗରାଜ ମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥାକୁ ନେଇ ଭକ୍ତ ଅସନ୍ତୋଷ

ଭୁବନେଶ୍ୱର ୧୫।୦୨
ନ୍ୟୁଜ ବ୍ୟୁରୋ

ଶ୍ରୀଲିଙ୍ଗରାଜ ମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥାକୁ ନେଇ ଭକ୍ତ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଭିଆଇପି ଦର୍ଶନ ବ୍ୟବସ୍ଥାକୁ ନେଇ ଅସନ୍ତୋଷ ଜାହିର କରିଛନ୍ତି ଭକ୍ତ । ତେବେ ଜାଗର ପାଇଁ ରାଜ୍ୟର ସମସ୍ତ ଶୈବପୀଠ ଚଳଚଞ୍ଚଳ ହୋଇଥିବା ବେଳେ ଶ୍ରୀଲିଙ୍ଗରାଜ ମନ୍ଦିରରେ ଚାଲିଥିଲା ଦର୍ଶନ । ହେଲେ ଭିଆଇପିଙ୍କ ଦର୍ଶନ ପାଇଁ ହୋଇଥିବା ଲାଇନରେ ଜଣେ ମହିଳା ଭକ୍ତ ପ୍ରବେଶ କରିଥିଲେ। ଯାହାକୁ ନେଇ ସେଠାରେ ଉପସ୍ଥିତ ଥିବା ଲୋକେ ଏବଂ ପ୍ରଶାସନ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଦେଖାଦେଇଥିଲା।

କିଛି ସମୟ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ସେପଟେ ଧାଡ଼ି ଦର୍ଶନରେ ଯାଉଥିବା ବେଳେ ଜଣେ ମହିଳା ଭକ୍ତ ହଠାତ୍ ଅସୁସ୍ଥ ହୋଇପଡିଥିବା ଜଣାପଡିଛି । ଦୀର୍ଘ ସମୟ ଧରି ଧାଡ଼ିରେ ଛିଡ଼ା ହେବା ଲାଗି ମହିଳା ଜଣଙ୍କ ଅସୁସ୍ଥ ହୋଇଥିଲେ । ଏହାପରେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି।



## ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କିସ୍‌ର ୨୧୦୦ ଛାତ୍ରଛାତ୍ରୀ : ସର୍ବଭାରତୀୟ ସ୍ତରରେ ସର୍ବାଧିକ

ଭୁବନେଶ୍ୱର, ୧୫।୨
ନ୍ୟୁଜ ବ୍ୟୁରୋ

ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ଼ ଦ୍ୱାରା ପରିଚାଳିତ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏଥର କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନସେସ (କିସ୍)ରୁ ରେକର୍ଡ଼ ସଂଖ୍ୟକ ୨୧୦୦ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବେ। କୌଣସି ଏକ ବିଦ୍ୟାଳୟରୁ ଏତେ ସଂଖ୍ୟକ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବାରେ କିସ୍ ହେଉଛି ଓଡ଼ିଶା ତଥା ସମଗ୍ର ଭାରତରେ ଏକମାତ୍ର ବିଦ୍ୟାଳୟ। କିସ୍‌ର ସର୍ବାଧିକ ୧୧୦୦ ଛାତ୍ରୀ ଓ ୧୦୦୦ ଛାତ୍ର ମାଟ୍ରିକ ପରୀକ୍ଷା ଦେବେ। ଏହି ସମସ୍ତ ମାଟ୍ରିକ ପରୀକ୍ଷାର୍ଥୀ ଭୁବନେଶ୍ୱର ଚାରୋଟି ପରୀକ୍ଷା କେନ୍ଦ୍ର ଆଇଆରସି ଭିଲେଜ ସରକାରୀ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୪ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନିଳାଦ୍ରୀ ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଏବଂ ଆଇଆରସି ଭିଲେଜ ଏସ୍‌ବିଜି ବିଦ୍ୟାମନ୍ଦିରରେ ପରୀକ୍ଷା ଦେବେ।



ପ୍ରତିବର୍ଷ ଭଳି ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଉଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ରବିବାର ପେନ୍ ବଣ୍ଟନ କରିବା ସହ କିଭଳି ଚାପମୁକ୍ତ ହୋଇ ପରୀକ୍ଷା ଦେବେ ସେ ନେଇ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସଫଳତା କାମନା କରିଥିଲେ। ଛାତ୍ରଛାତ୍ରୀଙ୍କ ପରିଶ୍ରମ ଓ ନିଷ୍ଠା ତଥା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମୟୋଚିତ ମାର୍ଗଦର୍ଶନ ପାଇଁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବେ ବୋଲି ଡ. ସାମନ୍ତ ଆଶା ବ୍ୟକ୍ତ କରିଥିଲେ। ସୂଚନାଯୋଗ୍ୟ କିସ୍ ପ୍ରତିଷ୍ଠା ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ପ୍ରତି ବର୍ଷ ମାଟ୍ରିକ ପରୀକ୍ଷାରେ କିସ୍ ଶତ ପ୍ରତିଶତ ସଫଳତା ହାସଲ କରିଆସୁଛି। ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ଛାତ୍ରଛାତ୍ରୀଙ୍କୁ ନେବା ଆଣିବା ନିମନ୍ତେ କିସ୍ ପକ୍ଷରୁ ୮୦ରୁ ଊର୍ଦ୍ଧ୍ୱ ବସ୍ ବନ୍ଦୋବସ୍ତ କରାଯାଇଛି।

# ଜଗନ୍ନାଥ ସଡ଼କ ପ୍ରଶସ୍ତିକରଣ ପାଇଁ ଚାଲିଛି ଗଛକଟା

### ନିର୍ମାଣ ହେବ ଉଚ୍ଚମାନର ରାସ୍ତା : ଅଧୀକ୍ଷଣ ଯନ୍ତ୍ରୀ

ହରଭଙ୍ଗା, ୧୫।୦୨ ନ୍ୟୁଜ ବ୍ୟୁରୋ

ବୌଦ୍ଧର ଧଳପୁରଠାରୁ ହରଭଙ୍ଗା ପର୍ଯ୍ୟନ୍ତ ଜଗନ୍ନାଥ ସଡ଼କର ପ୍ରଶସ୍ତିକରଣ ପାଇଁ ଚାଲିଛି ଗଛକଟା। ଉଚ୍ଚମାନର ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ରାସ୍ତାର ଉଭୟପାର୍ଶ୍ୱରେ ଥିବା ବଡ଼ ବଡ଼ ଆମ୍ବ, ଲିମ୍ବ, ସିସିପା ଭଳି ମୂଲ୍ୟବାନ ଗଛକଟା ଚାଲିଛି। ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବା ସମୟରେ ଗଛକଟାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଇଛି। ଗୋଟିଏ ପଟେ ଯାତାୟାତ ସୁବିଧା ଓ ବିକାଶ କାର୍ଯ୍ୟକୁ ନେଇ ଲୋକେ ସ୍ୱାଗତ କରୁଥିବା ବେଳେ, ଅନ୍ୟପଟେ ପୁରୁଣା ଓ ଛାୟାଦାୟୀ ଗଛ ବଳି ପଡୁଥିବାରୁ ପରିବେଶ ଉପରେ ପ୍ରଭାବ ପଡ଼ିବ ବୋଲି ମତ ପ୍ରକାଶ କରୁଛନ୍ତି।

ସ୍ଥାନୀୟ ବାସିନ୍ଦା ଓ ପରିବେଶ ପ୍ରେମୀମାନେ କଟାଯାଉଥିବା ଗଛ ବଦଳରେ ଯଥାଶୀଘ୍ର ପୁନଃବନସ୍ତାପନ କରାଯିବାକୁ ଦାବି କରିଛନ୍ତି।



ଏହାସହ ରାସ୍ତା ଉଭୟ ପାର୍ଶ୍ୱରେ ଛାୟା ସହ ଓ ଫଳ ଗଛ ଲଗାଯିବା ଦରକାର ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏନେଇ ବୌଦ୍ଧ ଜିଲ୍ଲା ଡିଏଫଓ କହିଛନ୍ତି ଯେ, ରାସ୍ତା ନିର୍ମାଣ ପାଇଁ ୧୫୪୮ ଗଛ କଟାଯାଉଛି, ତାହାର ଦୁଇଗୁଣା ଗଛ ଲଗାଯିବ। ନିର୍ମାଣ କାର୍ଯ୍ୟ ସହିତ ପରିବେଶ ସନ୍ତୁଳନ ରକ୍ଷାକୁ ବନ ବିଭାଗ ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ରାଜ୍ୟ ପୂର୍ତ୍ତବିଭାଗ ପକ୍ଷରୁ ଧଳପୁର-ହରଭଙ୍ଗା ପୂର୍ତ୍ତ ରାସ୍ତା ୧୩ କି. ମି ରାସ୍ତା ନିର୍ମାଣ ପାଇଁ ୯୪ କୋଟି ୩୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ରାସ୍ତା ନିର୍ମାଣ ପୂର୍ବରୁ ଗଛ କଟା ଓ ଇଲେକ୍ଟ୍ରି ପୋଲ୍ ସ୍ଥାନାନ୍ତରିତ ପ୍ରକ୍ରିୟା ଚାଲୁ ରହିଛି ବୋଲି ବୌଦ୍ଧ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ ସନ୍ଦୀପ କୁମାର ଛୁଆଳସିଂହ ପ୍ରକାଶ କରିଛନ୍ତି। ପ୍ରକାଶ ଥାଉକି ଏଇ ରାସ୍ତାଟି ଲୋ ଲେଭେଲରେ ଥିବାରୁ ବନ୍ୟା ଜଳ ପ୍ରଭାବିତ ହୁଏ ଯାହା ଫଳରେ ଗମନାଗମନ ବିଚ୍ଛିନ୍ନ ହୋଇଥାଏ । ଏଣୁ ଏହି ରାସ୍ତାକୁ ଅଧିକ ଉଚ୍ଚ କରାଯିବାର ବ୍ୟବସ୍ଥା ହୋଇଛି ବୋଲି ଅଧୀକ୍ଷଣ ଯନ୍ତ୍ରୀ ପ୍ରକାଶ କରିଛନ୍ତି।

### ବୟସ ଅଧିକ ଥିଲା ନା ଅଭିଜ୍ଞତା

# ଡାକ୍ତରୀ ପଢ଼ିବାକୁ ସୁପ୍ରିମକୋର୍ଟରେ ଲଢ଼ିଲେ ୧୯ ବର୍ଷୀୟ ଛାତ୍ର ଅଥର୍ବ

ନୂଆଦିଲ୍ଲୀ, ୧୫/୦୨

ଚଳିତ ଫେବୃୟାରୀର ଦିନେ ଅପରାହ୍ନରେ ପ୍ରଧାନବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କର ଏକ ଖଣ୍ଡପୀଠ ନିଜ ସିଟ୍‌ରୁ ଉଠୁଥିଲେ। ଏତିକିବେଳେ ଜଣେ ଯୁବକଙ୍କ କଣ୍ଠ ସ୍ୱର ଆଉ ୧୦ ମିନିଟ୍ ସମୟ ମାଗିଲା। ସେ ସ୍ୱର କୌଣସି ବରିଷ୍ଠ ଓକିଲ କିମ୍ବା ସାମ୍ବିଧାନିକ ବିଶେଷଜ୍ଞଙ୍କର ନ ଥିଲା । ଜବଲପୁର ବାସିନ୍ଦା ଦ୍ୱାଦଶ ପାସ୍ ୧୯ ବର୍ଷୀୟ ଅଥର୍ବ ଚତୁର୍ବେଦୀଙ୍କର ଥିଲା। ଡାକ୍ତର ହେବାକୁ ତାଙ୍କର ଲକ୍ଷ୍ୟ । ସେହି ୧୦ ମିନିଟ୍ ପରେ ବିଚାରପତି ଅଥର୍ବଙ୍କ ସପକ୍ଷରେ ରାୟ ଦେଲେ। ସମ୍ବିଧାନର ଧାରା-୧୪୨ ଅନୁଯାୟୀ ନିଜର ଅଦ୍ୱିତୀୟ କ୍ଷମତାର ଉପଯୋଗ କରି ସୁପ୍ରିମ୍‌କୋର୍ଟ ନିଟ୍-ଯୋଗ୍ୟତାପ୍ରାପ୍ତ ଆର୍ଥିକ ଦୁର୍ବଳ ଶ୍ରେଣୀର ପ୍ରାର୍ଥୀଙ୍କୁ ଅନ୍ତରୀଣ ଏମବିବିଏସ୍ ନାମଲେଖା ପାଇଁ ଅନୁମତି ଦେବାକୁ ନ୍ୟାସନାଲ ମେଡିକାଲ କମିଶନ ଓ ମଧ୍ୟପ୍ରଦେଶ ସରକାରଙ୍କୁ ନିର୍ଦ୍ଦେଶ ଦେଲେ ।

ଅଥର୍ବଙ୍କ ପାଇଁ ଏହା କେବଳ ଏକ ନ୍ୟାୟିକ ବିଜୟ ନ ଥିଲା, ବରଂ ଅଣନିଃଶ୍ୱାସୀ ହୋଇ ମରିଯାଉଥିବା ଏକ ସ୍ୱପ୍ନ ପାଇଁ ଅମ୍ଳଜାନ ଥିଲା । ମକଦ୍ଦମା



ଜିତିଥିବା ଅଥର୍ବଙ୍କ ପରିଚୟ କିନ୍ତୁ ଭିନ୍ନ । ସେ ଉଭୟ ଇଞ୍ଜିନିୟରିଂ ଓ ମେଡିକାଲ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବାୟୋଲୋଜି ଭଳି ଜଟିଳ ବିଷୟକୁ ଚୟନ କରିଛନ୍ତି । ଥରେ ନୁହେଁ, ଦୁଇ ଥର ସେ ନିଟ୍ ପାସ୍ କରିଥିଲେ ଏବଂ ୫୩୦ ମାର୍କ ରଖିଥିଲେ । ତଥାପି ଘରୋଇ କଲେଜରେ ଇଡବ୍ଲ୍ୟୁଏସ୍ କୋଟାରେ ଏମବିବିଏସ୍ ସିଟ୍ ପାଇପାରିଲେ ନାହିଁ। କାରଣ ଆରକ୍ଷଣ ବୃଦ୍ଧି ଲାଗି ରାଜ୍ୟ ନୀତି ନିର୍ଦ୍ଧାରଣ କରିନଥିଲା ।

ଜବଲପୁର ହାଇକୋର୍ଟ ଯେତେବେଳେ ଶୁଣିଲେ ଅଥର୍ବ ନିଜ ମାମଲା ନିଜେ ଲଢୁଛନ୍ତି, ବିଚାରପତି ତାଙ୍କୁ ପ୍ରଶଂସା କରିବା ସହିତ ମଜାରେ କହିଲେ 'ତୁମେ ଓକିଲ ହେବା ଉଚିତ୍, ଡାକ୍ତର ନୁହେଁ । ତୁମେ ଭୁଲ କ୍ଷେତ୍ରରେ ଅଛ ।' କିନ୍ତୁ ଅଥର୍ବ ଜାଣିଥିଲେ କେଉଁ କ୍ଷେତ୍ରରେ ସେ ରହିବା ଉଚିତ୍। ତାଙ୍କ ବାପା ମନୋଜ ଚତୁର୍ବେଦୀ ଜଣେ ଓକିଲ । କିନ୍ତୁ ସେ କେବେ ସୁପ୍ରିମକୋର୍ଟରେ ଓକିଲାତି ଅଭ୍ୟାସ କରିନଥିଲେ । କୋଭିଡ୍ ଲକଡାଉନ୍ ସମୟରେ କୋର୍ଟ ଭର୍ଚ୍ୟୁଆଲ ପରିଚାଳିତ ହେଉଥିବା ବେଳେ ଟେକ୍ନୋଲୋଜି ତାଙ୍କ ପରିବାରର ଶିକ୍ଷକ ପାଲଟିଥିଲା । ଅଥର୍ବଙ୍କ ବାପା କହିଛନ୍ତି, ମୋ ପୁଅ କେବେ ବି ଆଇନ ଅଧ୍ୟୟନ କରିନାହିଁ । କିନ୍ତୁ କେତେବେଳେ କହିବାକୁ ହେବ, କେତେବେଳେ ନିରବ ରହିବାକୁ ହେବ, ସେ ସବୁ ଦେଖିଥିଲା । ବାସ୍ତବରେ ସେ ହିଁ ମୋତେ ପିଟିସନ୍ ସ୍କାନ୍ ଓ ଅପଲୋଡ୍ ଶିଖାଇଛି ।

କୋଭିଡ୍ ସମୟରେ ବିଶ୍ୱ ରୋଷେଇ ଶିଖିବାରେ, ଜୁମ୍ ମିଟିଂରେ ବ୍ୟସ୍ତ ଥିବାବେଳେ ଅଥର୍ବ ଅନ୍‌ଲାଇନ୍‌ରେ ପଚରାଉଚରା ଓ କୋର୍ଟରୁମ୍ ଶୃଙ୍ଖଳା ଶିଖୁଥିଲେ । ସୁପ୍ରିମ୍‌କୋର୍ଟ ୱେବ୍‌ସାଇଟ୍‌ରୁ ସେ ସ୍ପେଶାଲ ଲିଭ୍ ପିଟିସନ୍ ଫର୍ମାଟ ଡାଉନ୍‌ଲୋଡ୍ କଲେ। ବିଚାରପତିଙ୍କ ପୂର୍ବ ବିଚାରଗୁଡ଼ିକୁ ଅଧ୍ୟୟନ କଲେ। ନିଜ ଏସ୍ଏଲପି ଡ୍ରାଫ୍ଟ କରି ରେଜିଷ୍ଟ୍ରି ଆପତ୍ତିକୁ ସଂଶୋଧନ କରିବା ପରେ ଗତ ଜାନୁଆରୀ ୬ ତାରିଖରେ ତାକୁ ଅନ୍‌ଲାଇନ୍ ଦାଖଲ କଲେ । ସୁପ୍ରିମ୍‌କୋର୍ଟରେ ଏସ୍ଏଲପି ଦାଖଲ କରିବା ପୂର୍ବରୁ ନାମୀ ଓକିଲମାନେ ବି ବେଳେବେଳେ ସଂକୋଚ କରନ୍ତି। ଅଥର୍ବ ଦିଲ୍ଲୀ ଯାତ୍ରା ଖର୍ଚ୍ଚ ବଞ୍ଚାଇ ଜବଲପୁରରେ ଥାଇ ତାହା କଲେ।

ସୁପ୍ରିମ୍‌କୋର୍ଟ ଖଣ୍ଡପୀଠ ରାୟରେ ଉଲ୍ଲେଖ କଲେ, ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପୃଷ୍ଠଭୂମିର ଏହି ଯୁବ ଆବେଦନକାରୀ ଦୁଇ ଥର ନିଟ୍ ଯୋଗ୍ୟତା ହାସଲ କରିଥିଲେ । କିନ୍ତୁ ନୀତି ନିର୍ଦ୍ଧାରଣରେ ରାଜ୍ୟର ତ୍ରୁଟି ଯୋଗୁ ସେ କଲେଜରେ ନାମ ଲେଖାଇପାରିଲେ ନାହିଁ । ଘରୋଇ କଲେଜମାନଙ୍କରେ ଇଡବ୍ଲ୍ୟୁଏସ୍ ଆରକ୍ଷଣକୁ ସୂଚିତ କରିବାରେ ରାଜ୍ୟ ବିଫଳ ହେବା ଯୋଗୁ ନାମଲେଖାକୁ ପ୍ରତ୍ୟାଖ୍ୟାନ କରାଯାଇ ପାରିବ ନାହିଁ। ସେହି ୧୦ ମିନିଟ୍‌ରେ କୋର୍ଟ ଫି' ପେମେଣ୍ଟ ଆଧାରରେ ୨୦୨୫-୨୬ ଅଧିବେଶନ ନିମନ୍ତେ ଅନ୍ତରୀଣ ନାମଲେଖା ପାଇଁ ଅନୁମତି ପ୍ରଦାନ କରିବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଲେ। ଅଥର୍ବଙ୍କୁ ସୁପ୍ରିମକୋର୍ଟ ମଜାକିଆରେ କହିଥିଲେ ତୁମେ ଡାକ୍ତର ନୁହେଁ ଓକିଲ ହେବା ଦରକାର।

### ସନ୍ଥ କବି ଭୀମ ଭୋଇଙ୍କ ତିରୋଧାନ ଦିବସ

# ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ବାଚସ୍ପତି ଓ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫/୦୨
ନ୍ୟୁଜ ବ୍ୟୁରୋ

ସନ୍ଥ କବି ଭୀମ ଭୋଇଙ୍କ ରବିବାର ହେଉଛି ତିରୋଧାନ ଦିବସ। ବିଧାନସଭା ପରିସରରେ ମହାନ କବିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ସମେତ ବହୁ ବରିଷ୍ଠ ନେତା ସନ୍ଥ କବି ଭୀମ ଭୋଇଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଛନ୍ତି ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସନ୍ଥ କବି ଭୀମ ଭୋଇ ଅତି ସରଳ ଭାଷାରେ କବିତା ଲେଖୁଥିଲେ। ଯାହା ସମାଜ ଉଦ୍ଧାର ପାଇଁ କାର୍ଯ୍ୟରେ ଆସୁଥିଲା। ଦୁଃଖୀ ଅରକ୍ଷିତଙ୍କ ବିକାଶ ପାଇଁ ଚିନ୍ତାଧାରା ଯୋଗୁଁ ତାଙ୍କୁ ବିଶ୍ୱ ଦରବାରରେ ସନ୍ଥର ଆଖ୍ୟା ଦିଆଯାଇଛି । ନିଜ କବିତା ମାଧ୍ୟମରେ ଜନକଲ୍ୟାଣକୁ



ପ୍ରାଥମିକତା ଦେଉଥିଲେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି । ଏହି ଅବସରରେ ବିଧାନସଭା ପରିସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ରାଜଧାନୀରେ ପୁଣି ବୁଲିଲା ଖଣ୍ଡା

## ଘରୁ ଡାକି ବାପା ଆଗରେ ପୁଅକୁ ହାଣିଲେ ଦୁର୍ବୃତ୍ତ

ଭୁବନେଶ୍ୱର ୧୫।୦୨ ନ୍ୟୁଜ ବ୍ୟୁରୋ

ରାଜଧାନୀରେ ବୁଲିଲା ପୁଣି ଖଣ୍ଡା। ଭୁବନେଶ୍ୱର ପଥରବନ୍ଧ ବସ୍ତିରେ ଆତଙ୍କ ରାଜ୍ ଦେଖିବାକୁ ମିଳିଛି। ଘରୁ ଡାକି ବାପ ଆଗରେ ପୁଅକୁ ଖଣ୍ଡା ଚୋଟ ପକାଇଲେ। ମୁଣ୍ଡରେ ଏକାଧିକ ଚୋଟ ଯୋଗୁଁ ପଥରବନ୍ଧ ବସ୍ତିର କାର୍ତ୍ତିକ ନାୟକ ଗୁରୁତର ଆହତ ହୋଇଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ ହୋଇଥିବା ଜଣାପଡିଛି। ଅନ୍ୟପଟେ ଘଟଣା ସଂପର୍କରେ ଖବର ପାଇ ବସ୍ତିରେ ପହଞ୍ଚିଥିଲା ପିସିଆର୍ ଓ ସହିଦ ନଗର ପୋଲିସ। ଆହତ କାର୍ତ୍ତିକଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ଚାପା ଉତ୍ତେଜନା ଥିବାରୁ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଆକ୍ରମଣକାରୀଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ଚଢ଼ଉ ଜାରି ରହିଛି।